# ଶତାବ୍ଦୀର ସ୍ୱପ୍ନଭଙ୍ଗ

ଜ୍ଞାନୀନ୍ଦ୍ର ବର୍ମା

୧୯୫୨
ନୂତନ ପ୍ରକାଶ
ମୂଲ୍ୟ ଟ ୧୪

ପ୍ରକାଶକ :—
ରାଧାମୋହନ ପୁସ୍ତକାଳୟ,
ବାଙ୍କାବଜାର
କଟକ—୨

ମୁଦ୍ରାକର :—
ମହମ୍ମଦ୍ ଅବ୍ଦୁଲ୍ ହାଦ
ଲକ୍ଷ୍ମୀନାରାୟଣ ପ୍ରେସ,
କଟକ

# ଉତ୍ସର୍ଗ

ଶୂର-ସୁଧୀ-ସାଧୁ ସହୃଦ୍-ସୈନିକ-ପୁଣ୍ୟବ୍ରତେ
ବନ-ବିଲ-ଉତ୍ସ-ପ୍ରାନ୍ତର ଯା'ର ପବିତ୍ରିତ
କାବ୍ୟ-କାହାଣୀ ଗୀତ୍ରେ ରଚିଲା ଯା କୋମଳ ରଙ୍ଗେ
ହୃଦେ ଧରି ଶତ କୀର୍ତ୍ତିର ସ୍ମୃତି ସୁରଭିତ
ନିଶ୍ୱାସ ମୋର ଖେଳିଲା ଯା'ର ବାତେ
ବିଶ୍ୱାସ ମୋର ଯେଉଁ ମାଟି ପରେ ରହିଛି ଘୋର
ସେହି କୁସୁପୁର ତୀର୍ଥଭୂମିର ତରୁଣ ହାତେ
ଅର୍ପିଲି ଏହି ତନୁ-ତାରୁଣ୍ୟ-ସ୍ୱପ୍ନ ମୋର ।

**ମୈତ୍ରୀ ମଣ୍ଡଳ**
ତା ୨୮ । ୮ । ୪୩

शांतिप्रिय द्विवेदी

ଅଚ୍ଛା, ଅଗର ପୋଷାକରେ ନା ଏଥିରେ, କୋଉଥିରେ ମତେ ବେଶି ଭଲ ଦେଖାଏ ?

ମହେଶ ସେତେବେଳକୁ ଅନ୍ୟମନସ୍କ ଥିଲା । ଝରକାବାଟେ ବାହାରକୁ ଅନାଇ ସେ ଦେଖୁଥିଲା—ଏଇ ସାଦା ଆକାଶ ଦେହରେ କେଉଁଠି ଥିଲା ଏତେ ପାଣି, ଅଧଘଣ୍ଟା ହେଲା ବର୍ଷୁଛି, ତଥାପି ମଧ୍ୟ ବିରାମ ନାହିଁ ।

ତରୁଣୀର ପ୍ରଶ୍ନରେ ସେ ଭୁଲ୍‌ପଡ଼ି ଅନେଇଲା, ପୂର୍ବର ସେହି ତରୁଣୀ ଆଜି ନାହିଁ । ସେ ଯେପରି ଥିଲା ଗଛ ଦେହରେ ଗୋଲାପ । ଏ ଯେପରି ଗୋଟିଏ ଅନାବୃତ ପୁଷ୍ପ । ଗଛରୁ ମାଳି ତୋଳି ଆଣି ଟେବୁଲ୍ ଉପରେ ଥୋଇଛି । ତାର ପୂର୍ବରୁ ସେହି ସ୍ଲିଭ୍‌ଲେସ୍

ବ୍ଲାଉଜ୍ ଯେଉଁଟିକି ତାହାର ସୁଗୋଲ ବାହୁ ଦୁଇଟିକୁ ଖୁବ୍ ସ୍ୱଚ୍ଛ-ଭାବରେ ଆଖି ଆଗରେ ଦେଖାଇ ଦେଉଥିଲା, ତାହା ମଧ୍ୟ ନାହିଁ । ଚନ୍ଦନା ରଙ୍ଗର ସେହି ଟାଫ୍ ସିଲ୍କ୍ ଶାଢ଼ୀଟା ମଧ୍ୟ ଉଭେଇ ଯାଇଚି । ଏ ଯେପରି ଦଶୁଚି ସୂର୍ଯ୍ୟ ଆଗରେ ଅତି ପାତଲା ମେଘର ସୌନ୍ଦର୍ଯ୍ୟ । ସୂର୍ଯ୍ୟ ଓ ମେଘ ଉଭୟ ଉଭୟର ଅସ୍ତିତ୍ୱ ଖୁବ୍ ଭଲଭାବରେ ପ୍ରକାଶ କରି ପାରୁଛନ୍ତି ଯେପରି । ତରୁଣୀଟି ପିନ୍ଧିଚି ଜର୍ଜେଟ୍ ପାତଲା ଫିକା ସ୍କାର୍ଲେଟ୍ ରଙ୍ଗର ଶାଢ଼ୀ । ପରିପୂର୍ଣ୍ଣ ଯୌବନର ପ୍ରତି ଅଙ୍ଗରେଖାଟି ସେହି କ୍ଷୀଣ ଆବରଣ ଭେଦ କରି ଆଖି ଆଗରେ ପରିସ୍ଫୁଟ ହୋଇଉଠୁଚି । ତାର ସେହି ରିମ୍‌ଲେସ୍ ଚଷମାଟି ମଧ୍ୟ ଦୂର ହୋଇଚି । ମୁଣ୍ଡର ହାଲ୍କା ଖୋସାଟି ରୂପାନ୍ତରିତ ହୋଇଚି ମୁକ୍ତକୁନ୍ତଳରେ । ମୁଖରେ ଏକ ଅପୂର୍ବ ହସ । କଣ୍ଠ ସାରା ବିଚ୍ଛୁରିତ ଇଲେକ୍‌ଟ୍ରିକ୍ ଲାଇଟ୍ ।

ତାର ସେହି ପ୍ରଜାପତିର ଡେଣାଭଳି କଳାରଙ୍ଗର ଆଖିପତାର ତଳେ, ଲାଲରଙ୍ଗ ଓଠର ମଧ୍ୟବର୍ତ୍ତୀ ଛୋଟ ଛୋଟ ଦାନ୍ତଗୁଡ଼ିକର ଅନିର୍ବଚନୀୟ ଲଘୁ ହସର ଶୋଭାପାଇଁ ଯେକୌଣସି ଲୋକ ମଧ୍ୟ ମରଣକୁ ଭୟ କରିବ ନାହିଁ ।

ତରୁଣୀଟିକୁ ଚାହିଁ ମହେଶ ଯେପରି ନିର୍ବାକ ନିସ୍ପନ୍ଦ ହୋଇ-ଯାଇଥିଲା । ପ୍ରଶ୍ନର ଉତ୍ତର ଦେବାରେ ତାର ଡେରି ହୋଇଯାଉଥିବା ମନେକରି ସେ ହଠାତ୍ କହିପକାଇଲା, "ଏଇଥିରେ ।"

ଏତେବେଳଯାଏ ସାଜସୁଜହେଇ ବସି ବଡ଼ କଷ୍ଟ ହଉଥିଲା, ଏଇଥର ଆରାମ ମିଳିଲା ।......'ଅଛା, ଟିକେ ଚାହା ଖାଇଲେ ହୁଅନ୍ତା।

ନାହିଁ ? ଏତେ ବର୍ଷା, ଏତେ ଥଣ୍ଡା, ତା'ପରେ ପୁଣି ଆପଣ ବର୍ଷା ଖାଇଚନ୍ତି । କପେ ଗରମ୍ ଚା, ଖୁବ୍ ତାଜା କରିଦେବ ଆପଣଙ୍କୁ ।··· ଏ ମୋହନଲାଲ୍ !····· '

କହିଲା ଏତକ ତରୁଣୀ ।

ମହେଶ ଭୟଙ୍କର ଚା'ଖୋର । କିନ୍ତୁ କାହିଁକି କେଜାଣି ସେ ହଠାତ୍ ଚିତ୍କାର କରି କହି ଉଠିଲା, 'ନା, ନା, ମୁଁ ଚା ଖାଇବି ନାହିଁ । ରାତି ଦଶଟାରେ ଚା ଖାଇବା ମୋର ଅଭ୍ୟାସ ନାହିଁ, କ୍ଷମା କରନ୍ତୁ ମତେ, ମ୍ୟାଡାମ୍ ।'

ଖିଲ୍ ଖିଲ୍ ହୋଇ ହସିଉଠି ତରୁଣୀଟି ଭୁବନ କମ୍ପାଇ-ଦେବାକୁ ଲାଗିଲା । ଏତେ ହସର କାରଣ ମହେଶ କିଛି ବୁଝି-ପାରିଲା ନାହିଁ । ସେ ଭାବିଲା ତା'ର କହିଥିବା କଥାକୁ; ଭୁଲ୍ ସେଥିରେ କେଉଁଠାରେ ଆଉ ହେଲା !

ତରୁଣୀ ହସର ଗତି କମାଇ କମାଇ କହିଲା, 'ମ୍ୟାଡାମ୍, ମ୍ୟାଡାମ୍, ସାର୍, ଗୁଡ୍‌ନିଂ ! କିନ୍ତୁ ମୁଁ ଜଣେ ମ୍ୟାଡାମ୍ ନୁହେଁ ସାର୍ ! ଯୁହ୍ ମିସ୍ ସିପ୍ରା ।' ହଠାତ୍ ସ୍ୱର ପରିବର୍ତ୍ତନ କରି ପୁଣି ସେ କହିଲା, 'ସିଗ୍ରେଟ୍‌ରେ କିଛି ଆପତ୍ତି ଅଛି କି ?'

'କିଛି ଭାବନ୍ତୁ ନାହିଁ । ମୋ ପାଖରେ ଅନେକ ଅଛି, ମୁଁ ଖାଉଚି'—କହି ମହେଶ ପକେଟରୁ ସିଗାରେଟ୍ କେସ୍ ବାହାର କରି ସିଗାରେଟ୍‌ରେ ନିଆଁ ଲଗାଇଲା ।

ତା'ହେଲେ ଆପଣ ଏଇ ସ୍ଥାନରେ ବସି, ଏହି ଜାଗାଟାକୁ ପୂରାପୂରି ଅସ୍ୱୀକାର କରିବାକୁ ଚାହାନ୍ତି, ଯେପରି କଲେ ଆଜିର ଏତେବଡ଼ ଏହି ବର୍ଷାକୁ ।'

ସିପ୍ରାର ଏହି କଥାରେ ମହେଶ ଖୁବ୍ ଲଜ୍ଜିତ ହୋଇଗଲା ଏକାବେଳକେ । ତା' ମୁହଁର ସିଗାରେଟ୍‌ର ଧୂଆଁ ସେହି କୋଠରୀର ବାୟୁମଣ୍ଡଳରେ କୁଣ୍ଡଳୀ ଖାଇ ଉଠୁଛି, ଆଉ ତାର ଅନ୍ତରରେ ସିପ୍ରାର ସେହି କଥାଗୁଡ଼ିକର କୁଣ୍ଡଳୀ ।

ପରିସ୍ଥିତିକୁ ଖୁବ୍ ଲଘୁ କରିଦେଇ ସିପ୍ରାର ସ୍ୱର ପୁଣି ଶୁଣାଗଲା—'ଆପଣ ଆଜି ମୋର ଅତିଥି, ମୋର ଗୀତଟିଏ ନିଶ୍ଚୟ ଆପଣଙ୍କୁ ଶୁଣିବାକୁ ହେବ ।'

ମହେଶର ଉତ୍ତରକୁ ଅପେକ୍ଷା ନ କରି ସିପ୍ରା ଯାଇଁ ତାର ବାକ୍ସ୍ ହାରମୋନିୟମ୍‌ଟି ନେଇଆସି ତଳର ପାର୍ସିୟାନ୍ କାର୍ପେଟ୍ ଉପରେ ବସି ଗାଇବାକୁ ଲାଗିଲା । ତାର ତନୁର ବସନ ସେତେବେଳକୁ ଅନେକାଂଶରେ ଅସମ୍ବୃତ । କ୍ଷୀଣବସନର ଅନ୍ତରାଳରୁ ଯେଉଁ ତନୁର ସୁଷମା ମହେଶର ଆଖିରେ ସ୍ୱପ୍ନର ବୀଜ ବୁଣି ଯାଉଥିଲା, ଦେହର କେତେକାଂଶରୁ ତାହା ଅନ୍ତର୍ହିତ ହୋଇ କେବଳ ତାହାର ଆଖିରେ ନୁହେଁ, ସାରା ଦେହରେ ତାର ଯେପରି ଅନଳ ଲଗାଇ ଦେଲା । ମହେଶ ନିସ୍ପନ୍ଦ । କେତେବେଳକେ ତାର ବୋଧଶକ୍ତି ଫେରିଆସିଲା । ସେ ଶୁଣିଲା ସିପ୍ରା ଗୀତ ଗାଉଛି । ସେତେବେଳକୁ ମହେଶ ବସିଥିବା କାଉଚ୍‌ରୁ ଓହ୍ଲାଇ ଆସି କାର୍ପେଟ୍ ଉପରେ ସିପ୍ରାର ଖୁବ୍

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ନିକଟରେ ବସି ଯାଉଛି । ସେ ଶୁଣିଲା, ବାହାରେ ଝମ୍ ଝମ୍ ବର୍ଷା, ଘରେ ସିପ୍ରା ଗୀତ ଗାଉଛି—

ଶ୍ରାବଣର ଘନ ବରଷାରେ
ଅତିଥି ଆଗତ ମୋର ଦ୍ୱାରେ,
ମୋର ମର୍ମଲୀନ ଗୋପନ ଅନୁରାଗ,
ଆଜି ଜାଗ—

ଜାଗ କଦମ୍ବ କେଶର ସମ
ମନୋରମ ।
ଏହି ଯୂଥିକାର ଗନ୍ଧ ପରି
ଜାଗ ସାରା ଅନ୍ତର ଶିହରି ।

ସମ ବନ ବୀଥିକା
ବହି ମେଘ-ଜୈବ-ଟୀକା,
ଲାଜ ସଙ୍କୋଚ କରି ପରିତ୍ୟାଗ
ଏହି ପୂର୍ବ ପବନ ସମ ଜାଗ—
ମର୍ମଲୀନ ଗୋପନ ଅନୁରାଗ ।

ମହେଶର ମନେ ହେଲା ଏ ଯେପରି ମାୟା, ଇନ୍ଦ୍ରଜାଲ । ଯେପରି କେଉଁ କଳ୍ପଲୋକର ସ୍ୱପ୍ନରାଜ୍ୟରେ ସେ ଭାସି ବୁଲୁଛି । ହଠାତ୍ ହାରମୋନିୟମ୍‌ର ରିଡ୍‌ଗୁଡ଼ାକ ଅସ୍ୱାଭାବିକ ଶବ୍ଦ କଲା । ସିପ୍ରାର ଗାନ ହଠାତ୍ ବନ୍ଦ ହୋଇଗଲା ।

# ଶତାବ୍ଦୀର ସ୍ୱପ୍ନଭଙ୍ଗ

ମହେଶ ବୁଝିପାରିଲା ସେ କଣ ଧରିବାକୁ ଆସି ହାତ ପକାଇଛି ହାର୍‌ମୋନିୟମ୍‌ର ରିଡ୍ ଉପରେ । ସିପ୍ରା ତାର ହାତକୁ ସେଠାରୁ ଧୀରେ ଉଠାଇ ନେଲା । ମହେଶ ବାହୁଲା । ତାର ଅବିବାହିତ ଜୀବନରେ ଏହି ତାର ଯୁବତୀ ଅଙ୍ଗର ପ୍ରଥମ ସ୍ପର୍ଶ । ସିପ୍ରା ହାତରୁ ସେ ତାର ହାତ ଆଉ ଛଡ଼ାଇ ନେଇ ପାରିଲା ନାହିଁ ।

ସିପ୍ରା ପଚାରିଲା, "ନିଦ ଲାଗୁଛି ସାର୍ !"

ଲଜ୍ଜାରକ୍ତ ମୁଖରେ ହସ ଫୁଟାଇ ମହେଶ କହିଲା, ମତେ ସାର୍ ଡାକବେ ନାଇଁ, ମୋ ନାଁ ମହେଶ ।"

"ଅଚ୍ଛା ମହେଶ ବାବୁ, ମୋ ନାଁ କଣ କହିଲେ ?"—
"ଆପଣଙ୍କ ନାଁ···ସିପ୍ରା, ନା, ନା, ଶ୍ରୀମତୀ ସିପ୍ରା ଦେବୀ ।"

"ଭୁଲ, ଆପଣ ଭୁଲି ଯାଇଛନ୍ତି ସାର୍ । ମୋ ନା ମିସ୍ ସିପ୍ରା, ଦୋ'ଟି ପଦ, ଚାରୋଟି ଅକ୍ଷର । ଅଧୁର ମଧ୍ୟ କମାଇ ଦିଆଯାଇ-ପାରେ ।"

ଭାରତର ପୂର୍ବାଞ୍ଚଳ ଭ୍ରମଣ କରି ସେ ତିନି ଚାରି ଦିନ ହେବ ବମ୍ବେରେ ପହଞ୍ଚିଛି । ମହେଶ ଜଣେ ଅଲ୍ ଇଣ୍ଡିଆ ଟୁରିଷ୍ଟ, ବର୍ତ୍ତମାନ । ଘର ତାର ଓଡ଼ିଶାର କଟକ ଜିଲ୍ଲାରେ । ବମ୍ବେରେ ପହଞ୍ଚି ସେ ସ୍ମିଥ ରୋଡ୍‌ରେ ତାର ଜଣେ ବନ୍ଧୁଙ୍କ ଘରେ ନେଇଛି ଆଶ୍ରୟ । ସେ ଦିନ ସେ ବାଟରେ ଫେରୁ ଫେରୁ ପ୍ରବଳ ବୃଷ୍ଟି ଯୋଗୁ ଅଗତ୍ୟା ସିପ୍ରାର ଘର ଦ୍ୱାରରେ କ୍ଷଣିକ ପାଇଁ ଆଶ୍ରୟ ନେଇଥିଲା । ତା'ପରେ ସେ ପଡ଼ିଲା ସିପ୍ରାର ଦୃଷ୍ଟିରେ । ସିପ୍ରା ସହିତ ହେଲା ତାର ସାକ୍ଷାତ୍, ତାହାକୁ ପରିଚୟ କୁହାଯାଇ ନ ପାରେ । ତଥାପି ବନ୍ଧୁତା କୁହାଯାଇ-ପାରିବ । ମହେଶ ତହିଁଆର ଦିନ ସନ୍ଧ୍ୟାକୁ ଫେରିଲା ବସାକୁ । ତାର ବନ୍ଧୁ ବିପିନ୍ ରାତି ସାରା ତା ପାଇଁ ଭାବିତ ଥିଲା; ମାତ୍ର ତାର

ବେପରୁଆ ଟୁରିଷ୍ଟ ଜୀବନ ଉପରେ ନିର୍ଭର କରି ଆଉ କିଛି ଅନିଷ୍ଟ ଆଶଙ୍କା ନ କରି ସେହିପରି ରାତିଟି କାଟିଦେଲା । ସକାଳେ ସେ ମହେଶକୁ ଦେଖି ପଚାରିଲେ, 'କିରେ, କାଲି ରାତିରେ ତୁ କେଉଁଠି ଥିଲୁ କି ? ଟିକେ ମତେ ଖବର ଦେଲୁ ନାହିଁ ?'

ମହେଶ କିଛି ଉତ୍ତର ଦେଇ ପାରିଲା ନାହିଁ ହଠାତ୍ । ଟିକେ ଭାବି ଚିନ୍ତି ସେ କହିଲା—'ଥିଲି ଗୋଟା ଜାଗାରେ, ଜଣେ ଭଦ୍ର-ଲୋକଙ୍କ ଘରେ ।'

'ବାଃ ଇମିତ ଭଦ୍ରଲୋକ ତୁ କେଉଁଠୁ ଏଠୁ ପାଇଲୁ ମ ?' କହିଲା ବିପିନ୍ ।

'ଟୁରିଷ୍ଟମାନେ ଯେଉଁଠିକି ଯାଆନ୍ତି, ସେଠି ସେମାନେ ନିଜର ଆଶ୍ରୟ ତିଆରି କରିନିଅନ୍ତି । ଆଡ୍ଭୋକେଟ୍ ଗ୍ରୁପ୍ରା କଣ ଜଣେ ଭଦ୍ରଲୋକ ନୁହନ୍ତି ?'

'ଓ୍ୱ, ଆଇ ସି, ଦେନ୍ ୟୁ ହ୍ୟାଡ୍ ଟୁ ଡାଇନ୍ ଉଇଟ୍ ଦ ଆଡ୍ଭୋକେଟ୍ ଜେନେରାଲ ଅଫ୍ ବମ୍ବେ ! ବ୍ରାଭୋ ! ଭେରି ଲକ୍କି ୟୁ ଆର୍ !' କହି ବିପିନ୍ ଆସି ମହେଶର ହ୍ୟାଣ୍ଡସେକ୍ କଲା ଜୋରରେ ।

ମହେଶର ଭାବାନ୍ତର ହେଲା । ତାର ମନେ ହେଲା, କାଲି ରାତିରେ ତାର ଏହି ହାତକୁ ଧରିଥିଲା ଗୋଟିଏ ଆଞ୍ଜେଲ୍ । ଦେହ ସାରା ତାର ରୋମାଞ୍ଚ ହୋଇଗଲା ପୁଣି । ସେ ଭାବିଲା, ବାସ୍ତବିକ ସେ ଲକ୍କି—ସେ ଭାଗ୍ୟବାନ ।

ଏହାପରେ ମହେଶ ତାର କୋଠରୀକୁ ଯାଇ ଡାଏରୀ ଲେଖି ବସିଲା । ପାଞ୍ଚ ମିନିଟ୍ ପରେ ଚାକର ଆସି ଚା ଦେଇଗଲା । ଚା'ରେ

ଗୋଟାଏ ଚୁମା ଦେଇ ମହେଶ ଯେପରି ଆଶ୍ଚର୍ଯ୍ୟ ହୋଇଗଲା । ଏପରି ଭଲ ଚା' ସେ ଏଥିପୂର୍ବେ କେବେଁ ଖାଇନାହିଁ ବୋଲି ତାର ମନେ ହେଲା । ସେ ଚାକରକୁ ଡାକିଲା, ମନିବ୍ୟାଗ୍ରୁ ଗୋଟା ଟଙ୍କା ବାହାର କରି କହିଲା, 'ଲେ ଯାଓ ବକ୍‌ସିସ୍ । ଚା ଖୁବ୍ ଅଚ୍ଛା ହୁଆ ।' ହିନ୍ଦୁସ୍ଥାନୀ ଚାକର ସଲାମ୍ ଉପରେ ସଲାମ୍ ବଜେଇ ନଚେଇ ପଛେଇ କାଇଦା ଦସ୍ତୁର ମୁତାବକ ଘରୁ ବାହାରିଗଲା । ଦୂରରୁ ଠିକେ ମହେଶକୁ କୃତଜ୍ଞତାପୂର୍ଣ୍ଣ ଆଖିରେ ଅନେଇଲା, ମହେଶ ସେତେବେଳକୁ ଡାଏରୀରେ ମନ ଦେଇଛି । ସେ ଲେଖି ଯାଉଛି—ସେ କାଲି ଭେଟିଥିଲା ଗୋଟେ ଆଞ୍ଜେଲ୍ ଆଜ ସେ ହୋଇଥିଲା ତାର ଗେଷ୍ଟ୍—

ଲେଖୁ ଲେଖୁ ସେହିଠାରେ ସେହି ଚୌକିରେ ଟେବୁଲ୍ ଉପରେ ମୁଣ୍ଡ ରଖି କେତେବେଳେ ଶୋଇ ପଡ଼ିଛି ତାକୁ ଜାଣା ନାହିଁ । କିଛି ସମୟ ପରେ ଚାକର ଆସି ଦ୍ୱାର ପାଖରେ ଡାକଦେଲା—

'ନା'ନ୍‌କା ଟାଇମ୍ ଆଖର୍ ହୋ ଯା'ତା ହୁଜୁର୍—'

ମହେଶର ତନ୍ଦ୍ରା ଭାଙ୍ଗିଗଲା, ସେ ପଚାରିଲା, 'ବାବୁ କାହାଁ ହେ, ହେ ଭୋଲାନାଥ୍ ?'

'ସାହାବ୍ ଅଫିସ୍ ଚଲା ଗିଆ ହଜୁର୍'—

ମହେଶ ଘଡ଼ିକୁ ଅନେଇଲା, ବାରଟା ବାଜିବା ଉପରେ । ସେ ଉଠି ତା'ର ଜାମା ଖୋଲୁ ଖୋଲୁ କହିଲା, 'ଅଭି ଆ'ଯାତା ହୁଁ—'

'ଜି ହୁଜୁର' କହି ଚାକର ସେଠାରୁ ଚାଲିଗଲା ।

ଠିକ୍ ଗୃହଷ୍ଠାବେଳେ କ୍ଷୌର ହୋଇ, ସୁଟ୍ ଲଗେଇ ମହେଶ ସହର ବୁଲି ବାହାରିଲା । ଯାଉଁ ଯାଉଁ ସେ ଭାବୁଥାଏ ସେ ଆଜି ସିପ୍ରା ଘରକୁ ଯିବ କି ନାହିଁ । ମନେ ମନେ ଠିକ୍ କଲା ସେ ଆଜି ଯିବ ନାହିଁ । ସିପ୍ରା ତାର କିଏ ? ସେଠାକୁ ସେ କାହିଁକି ଯିବ ? ତାର ଏହି ଟୁରର୍ ପ୍ରୋଗ୍ରାମ୍ ଭିତରେ ସିପ୍ରା ଘରର ସ୍ଥାନ କେଉଁଠି ?···କିନ୍ତୁ ସିପ୍ରା କିଏ ? ଏହିଠାରେ ତାର ମନରେ ସମସ୍ୟା ଜାତ ହେଲା । ସେ ଭାବିଲା, ସିପ୍ରା ଏକାକୀ ଥାଏ । ଆଉ ତାର ଦାରୱ୍ୟାନ୍, ହୁଏତ ଗୃହକର୍ତ୍ତୀ ଖାନସାମା କେହି ଅଛି । ମାତ୍ର ଏଡ଼େବଡ଼ ବମ୍ବେ ସହରରେ ଗୋଟିଏ ବାଳିକା ଏପରି ଏକାକୀ ରହୁଛି କାହିଁକି ? ସିପ୍ରା କଣ କରେ ? ସେ ଚଳେ କିପରି ? ତାର ଅଭିଭାବକ ମୋର ପରି କଣ ତା ପାଇଁ ଅଜସ୍ର ଧନ ରଖି ଦେଇ ଯାଇଛନ୍ତି ? ନା ଜଣେ ସ୍କୁଲ ମିଷ୍ଟ୍ରେସ୍ ସେ ! ସିପ୍ରା ତ ଶିକ୍ଷିତା । ଜଣେ ଶିକ୍ଷିତା କ'ଣ ଏତେ ସାହସିକା ହୋଇପାରେ ? ସିପ୍ରା ବାସ୍ତବରେ କଣ ? ଗୋଟିଏ କଥା ଭାବିବା ପାଇଁ ମନ ତା'ର ଅତି ବିଦ୍ରୋହୀ ହୋଇ ଉଠିଲା, ତଥାପି ତା' ଭିତରେ କିଏ ପ୍ରତିଦ୍ୱନ୍ଦ୍ୱୀ ହୋଇ ଖୁବ୍ ଅସ୍ପଷ୍ଟଭାବରେ କହିଉଠିଲା, ସିପ୍ରା କଣ ବେଶ୍ୟା ?—ନା, ନା, ଏପରି ଶିକ୍ଷିତା, ଏଡ଼େ ଏଜୁକେଟେଡ୍ ଗାର୍ଲ୍ କେବେଁ ନୀଚ ହୋଇପାରେ ନା ! ସିପ୍ରା—ସିପ୍ରା ଆଞ୍ଜେଲ୍, ସିପ୍ରା ସ୍ୱର୍ଗର ଦେବୀ ।

ଏହିପରି ଭାବୁ ଭାବୁ ସେ କେତେଠାରେ ବାଲଡାଂସ୍ ପାରହୋଇ କେତେବେଳୁ ଯେ ଆସି ସେଇ ବାଞ୍ଛିତ ପ୍ରିୟ ରାସ୍ତାରେ ପହଞ୍ଚିଗଲାଣି

ତାହା ମହେଶଙ୍କୁ ଅଦୌ ଜଣା ନ ଥିଲା । ହଠାତ୍ କାହାର ଉଚ୍ଛକିତ ହାସ୍ୟରେ ତାର ଧ୍ୟାନ ଭଙ୍ଗ ହେଲା । ସେ ସହସା ଗୁହିଁ ଦେଖିଲା, ଦ୍ୱାରବନ୍ଧରେ ଠିଆହୋଇ ସିପ୍ରା ସାର ରକ୍ତିମ ଅଧରରେ ଢାଳି-ଦେଉଛି ହର୍ଷର ତରଙ୍ଗ । ମହେଶ ବଡ଼ ବିବ୍ରତ ହୋଇପଡ଼ିଲା, ତାର ଗୋଡ଼ ସିପ୍ରା ଘରର ଆଗକୁ ଠେପି ଗୁଲିଯିବାର ଉପକ୍ରମ କରୁଛି । ଅତ ଲଜ୍ଜା ଓ ଅଭଦ୍ରତାରେ ମୁହଁ ତାର କଳା ପଡ଼ିଗଲା । ସେ ପ୍ରାଣପଣେ ମୁହଁରେ ହସ ଫୁଟାଇ କହି ଉଠିଲା—

'ଗୁଡ୍ ଆଫ୍ଟର୍‌ନୁନ୍ ମ୍ୟାଡାମ୍ !'

ପ୍ରବଳ ହାସ୍ୟରେ ସିପ୍ରା ଲୋଟି ପଡ଼ିଲା ଏକାବେଳକେ ।

ମହେଶ ଏହା ମଧ୍ୟରେ ତାର ଗତର ସ୍ଥିଅରିଂ ଘୁରାଇ ଦେଇଛି । ସେ ଆସି ଠିଆହୋଇ ସାରିଛି ସିପ୍ରାର ଠିକ୍ ପାଖରେ, ଜଣେ ଅପରାଧୀ ପରି ।

'ବର୍ଷା ମୋଟେ ହେଉନି ଆଜି ମହେଶ ବାବୁ, ମିଛରେ ଛତାଟା ମେଲେଇ ରଖିଛନ୍ତି କାହିଁକି ? ହୁଏତ କେହି ପାଗଳ ବୋଲି ମନେ କରୁଥିବ ।'

ହସ ଭିତର ଦେଇ କହିଲା ସିପ୍ରା ଏବଂ କହୁଁ କହୁଁ ମହେଶ ହାତରୁ ଛତାଟି ଛଡ଼ାଇ ନେଇ ବନ୍ଦ କରିଦେଲା ।

ମହେଶ ଆହୁରି ଲଜ୍ଜିତ ହେଲା ସିପ୍ରାର ଏହି ତ୍ରୁଟି ଦେଖାଇ-ଦେବାଦ୍ୱାରା । ସତେ ତ ! ବର୍ଷା ନାହିଁ, ଖରା ମଧ୍ୟ ନାହିଁ, ସେ ତେବେ କାହିଁକି ଛତାଟା ମେଲେଇ ଧରିଥିଲା ଏହା ମହେଶ ମୋଟେ ଭାବି

ପାରିଲା ନାହିଁ । ବୋଧହୁଏ ସେ ସିପ୍ରାକୁ ଅବହେଳା କରିଯିବା ପାଇଁ ଛତାର ଆଶ୍ରୟ ଗ୍ରହଣ କରିଥିଲା, କିନ୍ତୁ ତାହା ତାର ବିଫଳ ହେଲା ଅତି ଦାରୁଣଭାବରେ ।

ଉପରକୁ ଯାଇ ମହେଶ ଦେଖିଲା, କାଲିକାର ସେହି କକ୍ଷଟିର ଢେର ପରିବର୍ତ୍ତନ ଘଟିଛି । କାଲି ପରିବର୍ତ୍ତନ ଦେଖିଥିଲା ସିପ୍ରାର ବେଶଭୂଷାର, ଆଜି ଦେଖିଲା ଘରର । କାନ୍ଥଯାକ ସୁନ୍ଦର ଛବି, ତଳର କାର୍ପେଟ୍ ଅତି ଦାମିକା । ଚେଆର୍, କାଉଚ୍ ବି ଅତି ଉଚ୍ଚ-ଦରର । ଗୋଟିଏ ପାଖରେ ସୁନ୍ଦର କାରୁକାର୍ଯ୍ୟମଣ୍ଡିତ ପଲଙ୍କ, ପଲଙ୍କ ଉପରେ ମଖମଲ ଓ ସିଲ୍କର ଶଯ୍ୟା । ଟେବୁଲ ଉପରେ ସୁନ୍ଦର ଗ୍ଲାସ୍‌ଜ ଫୁଲଦାନୀରେ ସୁବାସିତ ଅସଂଖ୍ୟ ପୁଷ୍ପର ଗୁଚ୍ଛ । ସମୁଦାୟ ଘରଟିରେ ଲେଭେଣ୍ଡରର ସୁବାସ ।

ଘର ମଧ୍ୟରେ ପହଞ୍ଚି ମହେଶର ଧାରଣା ହେଲା, ଯୌବନର ପରିପୂର୍ଣ୍ଣ ଉପଭୋଗ ପାଇଁ ଏ ସମସ୍ତହିଁ ଏକାନ୍ତ ଆବଶ୍ୟକ । ତାହା-ପରେ ସେ ସିପ୍ରାର ଅଗୋଚରରେ ଗ୍ରହିଲା ତାର ରୂପକୁ । ବାସ୍ତବିକ ସିପ୍ରା ରୂପସୀ, ସୁନ୍ଦରୀମାନଙ୍କର ରାଣୀ । ଆଉ ଏହି ରୂପକୁ ଏହି ପ୍ରକାର ବେଶହିଁ ଦରକାର । ଖୁବ୍ ପାତଳା ଜର୍ଜେଟ୍ ଶାଢ଼ୀର ଧାରେ ଧାରେ ଅଙ୍ଗୁଳିଏ ଲେସ୍‌ ଜରିର ଧଡ଼ି । ପୃଷ୍ଠଦେଶରେ ଦୋଳାୟିତ ବେଣୀର ଶେଷଭାଗରେ ସୁଦୃଶ୍ୟ କୃତ୍ରିମ ପୁଷ୍ପର ସ୍ତବକ । ତାହା ରୂପସୀର ଠିକ୍ ସୁଗୋଲ ନିତମ୍ବ ଉପରେ, ପଦକ୍ଷେପର ଛନ୍ଦ

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ତାଳେ ତାଳେ କରୁଚ କୋମଳ ପ୍ରହାର । ତାହା ନାୟିକା ଅପେକ୍ଷା ଦର୍ଶକର ପ୍ରାଣ ଓ ନୟନରେ ଆଣୁଚ ଆନନ୍ଦ, ସୃଷ୍ଟିକର ଅନାକାଂକ୍ଷିତ ସ୍ୱପ୍ନର ସୁଷମା ।

ପ୍ରକୋଷ୍ଠ ମଧ୍ୟରେ ପହଞ୍ଚି ସିପ୍ରା ଯାଇଁ ବସି ପଡ଼ିଲା ଗୋଟିଏ ସ୍ଲେଟ କାଉଚ୍‌ରେ । ତା' ପରେ ଅନୁରୋଧ କଲା ମହେଶକୁ ବସିବାପାଇଁ ।

ଅଡୁଆରେ ପଡ଼ିଲା ମହେଶ । ଏପର୍ଯ୍ୟନ୍ତ ସେ ସିପ୍ରା ସହିତ ଯେଉଁପରି ବ୍ୟବହାର କରୁଛି ସେଥିରେ ସେ ନିଜେ ମଧ୍ୟ ମର୍ମାହତ । ବିଶେଷତଃ, ତାର ଅଜ୍ଞାର ବ୍ୟବହାରରେ ସେ ଯେଉଁ ଅଭଦ୍ରତା ଦେଖାଇଚି, କେବଳ ସିପ୍ରା ଜଣେ ନାରୀ ବୋଲି ସେ ସେଥିରୁ ନିସ୍ତାର ପାଇଚି ; ନ ହେଲେ ଜଣେ ପୁରୁଷ ପାଖରେ ଏଥିଲାଗି ସେ ଯେ କେଡ଼େ କୃତଘ୍ନ ବୋଲି ବିବେଚିତ ହୋଇଥାନ୍ତା—ଏହା ଭାବି ଭାବି ସେ ଅନ୍ତରରେ ବଡ଼ ଲଜ୍ଜିତ ହେଉଥିଲା । ସିପ୍ରାର ବର୍ତ୍ତମାନର ଏହି ଅନୁରୋଧରେ ସେ ତିଳେମାତ୍ର ବିଳମ୍ବ ନ କରି ଅତି ନମ୍ରଭାବରେ ଆସନ ଗ୍ରହଣ କରିବାକୁ ବସିଲା ।

ମାତ୍ର ତାର ଆସନ କେଉଁଠାରେ ? ଭିନ୍ନ ଗୋଟିଏ କାଉଚ୍ କିମ୍ବା ଚୌକିରେ ବସି ସେ ତାହାଦ୍ୱାରା କେଉଁ କୃତଜ୍ଞତା ଦେଖାଇ ପାରିବ ! ସିପ୍ରାକୁ ସେ ଯେ ଅବହେଳା କରୁନି ତାହାଦ୍ୱାରା ତାହା କିପରି ବା ପ୍ରକାଶ ପାଇବ । ସେ କ୍ଷଣକ ପାଇଁ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇ ସିପ୍ରାର କାଉଚ୍‌ରେ ବସିପଡ଼ିଲା । ସେହି ଅପ୍ରଶସ୍ତ

ଅସନରେ ଥାଇ ମୋଟେ ଜାଗା ଥିଲା ଜଣକ ପାଇଁ । ମହେଶ ବଡ଼ ବିମୂଢ଼ ଏବଂ ବିହ୍ୱଳ ହୋଇ ପଡ଼ିଥିଲା, ସେଥିଯୋଗୁ ସେ ବସୁ ବସୁ ତାହାର ଅସଂଯତ ହାତ ବାଜିଲା ସିପ୍ରାର ଠିକ୍ ବାହୁରେ । ମହେଶର ସାରା ଦେହଟା ଝିମ୍ ଝିମ୍ ହୋଇ ଉଠିଲା । ସେ କ୍ଷଣକ ପାଇଁ ବାକ୍‌ଶୂନ୍ୟ ହୋଇଗଲା । ନିଜର ଶ୍ୱାସପ୍ରଶ୍ୱାସକୁ ସେ ମଧ୍ୟ ସଂଯତ କରି ପାରିଲା ନାହିଁ । ଦୃଷ୍ଟି ପରିବର୍ତ୍ତନ କରି ସେ ଦେଖିଲା, ତାର ପ୍ରଶ୍ୱାସ ବଡ଼ ଅସ୍ୱାଭାବିକ ଭାବରେ ବାଜୁଛି ଯାଇ ସିପ୍ରାର ଗଣ୍ଡରେ । ସେ ଯେପରି ଆହୁରି ଅପ୍ରସ୍ତୁତ ହୋଇ ପଡ଼ିଲା । ଠିକେ ଦମ୍ ନେଇ କହି-ଉଠିଲା, 'ସରି, ଏକ୍ସକ୍ୟୁଜ୍ ମି ସିପ୍ରା !'

ସେତେବେଳକୁ ସିପ୍ରା ତାର ସୁନ୍ଦର ଓଠରେ ଖେଳାଇ ଥାଏ 'ମୋନାଲିସା'ର ରହସ୍ୟମୟ ପ୍ରଚ୍ଛନ୍ନ ହସ । ତାହାର କହିବା କଥାଗୁଡିକ ଯେପରି ଆଗରୁ ଆସି ତାର ଅଧରରେ ଜମି ସାରିଥିଲା, ତାହା ହଠାତ୍ ଝରି ପଡ଼ିଲା ମହେଶର ସେହି କଥାର ଆଘାତରେ—

"ଦିସ୍ ଇଜ୍ ଅଲ୍‌ରାଇଟ୍ ଏ ଗୁଡ୍ ବୟ୍—ଭାରି ଭଲ ଆପଣ ।"

କହି କହି ସେ ତାର ଲୋଭନୀୟ କରପଲ୍ଲବରେ ଚିପି ଧରିଲା ମହେଶର ହାତକୁ । ମହେଶ ମଧ୍ୟ ଏହାର ପ୍ରତିଦାନ ଦେବାକୁ ଯାଇ ସିପ୍ରାର ମାଂସଳ ଅଙ୍ଗୁଳିଗୁଡ଼ିକୁ ନିଜ ମୁଠା ଭିତରକୁ ଟାଣିଆଣି ଦେଲା ଗଭୀର ସ୍ପନ୍ଦନ । କିଛିକାଳ ଉଭୟେ ନୀରବ ରହିଲେ ।

କିଛିକ୍ଷଣ ପରେ ସ୍ତବ୍ଧତା ଭଙ୍ଗକରି ମହେଶ କହିଲା—
ସିପ୍ରା—

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ମହେଶବାବୁ—

ନା, ନା, ମତେ ଖାଲି ମହେଶ ବୋଲି ଡାକ । ଆପଣ ମଧ୍ୟ କୁହ ନା । ତମ ପାଖରେ ମୋର ଏ ଅହଙ୍କାର ମତେ ଖୁବ୍ ବାଧୁଚି ।

ଅଚ୍ଛା, ମହେଶ—

ସିପ୍ରାର ସ୍ୱର ଅତି ସଙ୍କୋଚପୂର୍ଣ୍ଣ, ତହିଁରେ ପ୍ରତିବାଦ ମିଶାଇ ସେ କହିଲା—

ନା, ନା, ମୁଁ ସେପରି ଡାକି ପାରିବି ନାହିଁ । ମୁଁ ତମକୁ ଏପରି ଅପମାନିତ କରି ପାରିବି ନାହିଁ, ବିଶେଷତଃ ମୋ ପାଖରେ—

ଯାଃ ବ୍ ପ୍ଲିଜ୍, ତେବେ ମୁଁ କ'ଣ ତମକୁ ଡାକିବି ସିପ୍ରା ?
ଖୁବ୍ ସହଜ ଗୋଟିଏ ପଦ, ଦୋ'ଟି ଅକ୍ଷର ।
ଆଉ ଥରେ ଡାକ,—ଆଉ ଥରେ ଡାକ ସେହି ସ୍ୱରରେ !
ମହେଶ ଡାକିଲା—
ସିପ୍ରା !

ସର୍ବ ଶରୀର ଦେଇ ସିପ୍ରା ଯେପରି ସେହି ଡାକକୁ ଶୁଣିଲା ।

ମହେଶ ପୁଣି କହିଲା—ମୁଁ କ'ଣ ତମକୁ କହିବାକୁ ଯାଉଥିଲି ଜାଣ ସିପ୍ରା ? ମୁଁ କହିବାକୁ ଯାଉଥିଲି······

ମହେଶର କଣ୍ଠରେ ଜଡ଼ତା ପ୍ରକାଶ ପାଇଲା, ସିପ୍ରା ହଠାତ୍ ସଲଜ୍ଜ ହସି ପଚାରିଲା—

କ'ଣ କହିବାକୁ ଯାଉଥିଲ ?

ମୋର ପରିଚୟ—

ତମର ପରିଚୟ ? କାହିଁକି ?

ତମର ମଙ୍ଗଳ ପାଇଁ ସିପ୍ରା—

'ମୋର ମଙ୍ଗଳ' —ସିପ୍ରା ଟିକେ ହସିଦେଲା ଏହା କହି, ସେ ହସରେ ଯେପରି ମୂର୍ଚ୍ଛିତ ହୋଇ ଉଠିଲା କେତେ ବିଷାଦ, କେତେ ବ୍ୟଥା ।

ତମେ ଜଣେ ଅଜ୍ଞାତ ବିଦେଶୀ, ଏହାହିଁ ତ ତମର ପରିଚୟ—କହିଲା ସିପ୍ରା ।

ନା, ସେତିକି ନୁହେଁ, ମୁଁ ଜଣେ ଟୁରିଷ୍ଟ—ଭ୍ରମଣକାରୀ, ସାରା ଦେଶଟାରେ ମୁଁ ବୁଲୁଚି—

ଓ, ବୋଧହୁଏ କାହାକୁ ହରାଇ ଦେଇଚ କେଉଁଠି ?—ସିପ୍ରା କହିଲା ପରିହାସ ମିଶାଇ ।

ନା, ହରାଇବା ଜିନିଷକୁ ମୁଁ ଖୋଜୁନି ସିପ୍ରା । ଯାହା ହରାଇଚି ମୁଁ ତାହା ଆଉ କେବେ ପାଇବି ନାହିଁ, ଏ ବିଷୟରେ ମୁଁ ଅଭ୍ରାନ୍ତ । ମୁଁ ସନ୍ଧାନ କରୁଚି ନୂତନର । ଯାହାକୁ ପାଇଚି, ତାହା ହରାଇବି ବୋଲି ମୋର ଏ କଥା ।

ଏହି ସମୟରେ ତଳେ କଲିଂ ବେଲ୍‌ର ବଟନ୍ କିଏ ଟିପିଲା । ସିପ୍ରା ଖୁବ୍ ଚଞ୍ଚଳ ଗତିରେ ବରଣ୍ଡାକୁ ଯାଇ କାହା ଉଦ୍ଦେଶ୍ୟରେ କହିଲା—ଘ୍ୟାମ୍ ବିଜ ମୋହନ୍‌ଲାଲ । ଖାନ୍‌ସାମାକୋ ବୋଲ୍‌ଦୋ ।

କିଛି ସମୟପରେ ଖାନ୍‌ସାମା ଗୋଟିଏ ସୁଦୃଶ୍ୟ ଟ୍ରେ'ରେ ଟିଫିନ୍ ଓ ଚା ଧେନି ଆସି ପହଞ୍ଚିଲା । ଟେବୁଲ୍ ଉପରେ ରଖିଦେଇ ଗୋଟା

ଲମ୍ବା ସଲାମ୍ ବଜାଇ ଅତି ସମ୍ଭ୍ରମ ସହକାରେ ପୁଣି ସେଠାରୁ ଚାଲି-ଯିବାର ଉପକ୍ରମ କଲା ।

ସିପ୍ରା କହିଲା—ସାହେବ୍ କୋ ବାସ୍ତେ ସରବତ୍ ଲାଓ ।

ମହେଶ ଭୀରୁ ଦୃଷ୍ଟିରେ ଅନାଇ ସିପ୍ରାକୁ କହିଲା—ନା, ନା, ମୁଁ ତ ଅତି ଚା'ଖୋର୍ । ସରବତ୍ କ'ଣ ହେବ ? ଖୁବ୍ ମିଠା, ଖୁବ୍ ବହଳ ଦୁଧର ଚା ମୋର ଅତି ପ୍ରିୟ ।

ଓ, ଠିକ୍ ମୋର ପରି । ମୋର ଫର୍ମୁଲାଟା ଆପଣ କେମିତି ପାଇଲେ ମହେଶ ବାବୁ ?

ସୁଦୂର ଓଡ଼ିଶାରେ, ଆପଣଙ୍କର ଗୋଟିଏ ଭଉଣୀ ପାଖରୁ—

ଓଡ଼ିଆ !

ସିପ୍ରା କଣ୍ଠରେ ଘୋର ବିସ୍ମୟ ଓ ଅତି ଅସ୍ୱଚ୍ଛନ୍ଦର ଭାବ ।

ଆପଣ କ'ଣ ଜଣେ ଓଡ଼ିଆ ?

ହଁ । ଆପଣ କଣ ଘୃଣା କରୁଛନ୍ତି ମୋତେ, ମୁଁ ଓଡ଼ିଶାର ଲୋକ ବୋଲି ?—କହିଲା ମହେଶ ।

ହଠାତ୍ ମହେଶର ହାତକୁ ଖୁବ୍ ଜୋର୍‌ରେ ଅନେକ ବେଳଯାଏ ସେକ୍ କଲା ସିପ୍ରା, ଆଉ କହିଲା—

ମୁଁ ଓଡ଼ିଶାର ଲୋକଙ୍କୁ ଖୁବ୍ ଭଲ ପାଏ । ମୁଁ ଥରେ ପୁରୀ ଯାଇଥିଲି । ସେଠାର ଲୋକଙ୍କୁ ଦେଖିଚି । ଓଡ଼ିଶାର ସମୁଦ୍ର, ଏହି ଆରବ ସାଗରଠାରୁ ମତେ ଖୁବ୍ ଭଲ ଲାଗେ । ଆଇ ଲଭ୍ ଓରିସା, ଭେରି ସନ୍ସ୍ ଲି !

ପରେ ପରେ ମହେଶ ମଧ୍ୟ ପାଲଟା ହ୍ୟାଣ୍ଡ୍‌ସେକ୍ କଲା ସିପ୍ରା ସଙ୍ଗରେ, ଆଉ କହିଲା—

ୟୁ ଆର୍ ସୋ ଗୁଡ୍ !

ଗୁଡ୍ ପିଉ ପିଉ ମହେଶ ପୁଣି କହିଲା । ସିପ୍ରାକୁ କହିବାର କୌଣସି ଅବସର ନ ଦେଇ ସେ ଅନର୍ଗଳ କହିଗଲା ଅନେକ ଗୁଡ଼ା କଥା ।

ମୁଁ କହିବାକୁ ଯାଉଥିଲି ଏହି କଥା ସିପ୍ରା ଯେ, ମୁଁ ଜଣେ ଟୁରିଷ୍ଟ୍—ମୁଁ ଜଣେ ଓଡ଼ିଆ, ମୁଁ ବାହାରର ଦେଶ ଭ୍ରମଣ କରି, ଏହା ମୋର ଯୌବନର ଇଚ୍ଛା, ତହିଁରେ ଏ ଯେଉଁ ତମର ଦେଖା, ତମର ଏ ଯେଉଁ ସୌହାର୍ଦ୍ଦ୍ୟ, ତାହାର ସ୍ମୃତି ରଖିବ ମାତ୍ର ମୋର ଡାଏରୀର କେତୋଟି ପୃଷ୍ଠା । କେତେ ଜାଗାରେ ମୁଁ ପୁଣି ହେବ ଅତିଥି ।

ଶେଷ କଥାଗୁଡ଼ିକ କହି ମହେଶ ନିଜେ ନିଜକୁ ଆଘାତ କଲା ବେଶି । ସେ ଜାଣି ପାରିଲା ତାର ପ୍ରଗଲ୍‌ଭତା ସୀମାତିକ୍ରମ କଲା, ସେ କହିଗଲା ଅନେକ ମିଥ୍ୟା ।

ଖୁବ୍ ଧୀର ଶାନ୍ତ କଣ୍ଠରେ କେଟ୍‌ଲର ସବୁତକ ଟୀ'ର ମିଠା ମିଶାଇ କହିଲା ଯେପରି ସିପ୍ରା—

**ମୁଁ ମୋର ଇତିହାସରେ କ'ଣ ଲେଖିବ ଜାଣ ମହେଶ ବାବୁ ! ମୁଁ ଲେଖିବ ତାରୁଣ୍ୟର ରକ୍ତରେ ଏହି ଛାତି ଭିତରେ ସେ ଇତିହାସ । ମୁଁ ଲେଖିବ ସେଥିରେ—ମୁଁ ଭେଟି ଥିଲି ମୋର ପ୍ରିୟ**

ତୀର୍ଥ ଦେଶର ଜଣେ ଯୁବା, ସେ ମୋର ଏହି କୁଂଜରେ ପୁହାଇ ଥିଲେ ତାଙ୍କର ମୂଲ୍ୟବାନ୍ ଭ୍ରମଣର ଦୁଇଟି ରାତି—

ଅତି କୃତଜ୍ଞତାପୂର୍ଣ୍ଣ ସ୍ୱରରେ କହି ଉଠିଲା ମହେଶ— ମତେ କ'ଣ ଆଜ ଏଠି ରହିବାକୁ ହେବ ସିପ୍ରା ?

ସିପ୍ରା ଖୁବ୍ ସଂକ୍ଷେପରେ ଉତ୍ତର ଦେଲା—

ଆପଙ୍କ ମର୍‌ଜି ।

ଗୃ ଓ ଜଳଖିଆ ଖାଇସାରି ମହେଶ ସିଗାରେଟ୍ ଟାଣିଲା । ଆଉ ସିପ୍ରା ଗାଇଲା ଏସ୍‌ରାଜ ଧରି ଗୋଟିଏ ସଙ୍ଗୀତ, ତାହା ଓଡ଼ିଆରେ ବୋଧହୁଏ ଏହିପରି ହେବ—

ମୋହନ ମାଧୁରୀ
ଦେଖିଥିବ ନାରୀ
ନାହିଁ ଯିବ କା ଅଧରେ—

ମହେଶ ମୁଗ୍ଧ-ତନ୍ମୟ ହୋଇ ଗୃହିଁ ରହିଲା ସିପ୍ରାର ଦେହକୁ । ଯେପରି ସିପ୍ରାର ସର୍ବାଙ୍ଗ ଗୋଟିଏ ସଙ୍ଗୀତ, ଆଉ ମହେଶର ସାରା ଦେହ ଗୋଟିଏ ଶ୍ରବଣେନ୍ଦ୍ରିୟ ।

ଗାନର ଅବ୍ୟବହିତ ପରେ ମହେଶ କହିଲା, ତମେ ବୋଧହୁଏ ନାଚ ଜାଣ ସିପ୍ରା ! ତମର ଦେହକୁ ଦେଖି ମୋର ସେପରି ମନେ ହେଉଛି କାହିଁକି— ।

ସିପ୍ରା ଯେପରି ଅତି କାଇଲ୍ ହୋଇଗଲା । ସେ ମହେଶ ପାଖକୁ ଲାଗିଆସି କହିଲା—

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ମୋର ଭାରି ଭୁଲ୍ ହୋଇଗଲା ମହେଶ ବାବୁ, ତମେ କହିବା ଆଗରୁ ମୁଁ ଯଦି ନାଚ ଦେଖାଇଥାନ୍ତି, ତାହାହିଁ ହୋଇଥାନ୍ତା ମୋର ଚରମ ସାର୍ଥକତା । ତଥାପି............ଆଚ୍ଛା, ତମେ କେଉଁ ନାଚକୁ ଭଲପାଅ ? ଓରିଏଣ୍ଟାଲ୍ ନା ଅକ୍‌ସିଡେଣ୍ଟାଲ୍ ?

ମୁଁ ନାଚକୁ ଭଲପାଏ । କୌଣସି ବିଶିଷ୍ଟ ସୃଷ୍ଟି ପ୍ରତି ମୋର ସେପରି ପକ୍ଷପାତିତା ନାହିଁ । ଆମେ ଲଡ୍ଡୁ ପାଏଣ୍ ଖାଉଁ; କେକ୍, ପୁଡ଼ିଂ ମଧ୍ୟ ଖାଉଁ । ସ୍ଥୂଳତଃ ଆମେ ଖାଉଁ ମିଠା—ଆମେ ଖାଉଁ ମଧୁ—କହିଲା ମହେଶ ।

କଥାଟା ଏତେ ବହୁବଚନ କରି କହୁଛ କାହିଁକି ମହେଶବାବୁ, ଏଇଠାରେହିଁ ପୁରୁଷର ଖୁବ୍ ଭୁଲ୍ ।

କଟାକ୍ଷରେ ଗୋଟିଏ ତୀର୍ଯ୍ୟକ୍‌ରେଖା ଟାଣି ମହେଶର ଚିତ୍ତବୃତ୍ତିକୁ ଅଥୟ କରିଦେଇ ସିପ୍ରା ଗଲେ ଅନ୍ୟ ଗୋଟିଏ କୋଠରୀକୁ । କୌଣସି ପ୍ରତିବାଦ ବା ଆତ୍ମପକ୍ଷ ସମର୍ଥନ କରି କିଛି କହିବାକୁ ମହେଶ ମୋଟେ ସୁଯୋଗ ପାଇଲା ନାହିଁ । ତାପରେ ସିପ୍ରାର ସେହି ଭୁବନମୋହନ କଟାକ୍ଷ, ତା' ଯେପରି ମହେଶର ମର୍ମସ୍ଥଳକୁ ଅତି ଅଥୟ କରିଦେଲା ଏକାବେଳେକେ ।

ପ୍ରାୟ ପନ୍ଦର ମିନିଟ୍ ପରେ କକ୍ଷାନ୍ତରରେ ଘୁଙ୍ଗୁରର ଶବ୍ଦ ଶୁଣାଗଲା । ଯେପରି ସୂତିକା ଘରୁ ଶିଶୁ ଜନ୍ମର ବାର୍ତ୍ତା ବହନ କରି ଶିଶୁର ପ୍ରଥମ ଚିତ୍କାର ଭାସି ଆସେ, ସେହିପରି ଘୁଙ୍ଗୁରର ଶବ୍ଦରେ ଜଣାଗଲା, ଗୃହାନ୍ତରରେ ସିପ୍ରାର ନର୍ତ୍ତକୀ ଜନ୍ମ ହୋଇଛି । ମହେଶ

ଅତି ଉଦ୍‌ଗ୍ରୀବ ହୋଇ ଅନାଇ ରହିଲା । କ୍ଷଣିକ ପରେ ଭେଲ୍‌ଭେଟ୍‌ର ସ୍କ୍ରୀନ୍ ଆଡ଼େଇ ନଟୀ ସିପ୍ରାର ଆବିର୍ଭାବ ହେଲା । ମହେଶର ଚକ୍ଷୁ ସ୍ଥିର । ସେ ତ ଏହା ପୂର୍ବରୁ ସିପ୍ରାକୁ ଆଂଜେଲ୍ ଆଖ୍ୟା ମନେ ମନେ ଦେଇ ସାରିଥିଲା । ଏକ୍ଷଣି ଏହାକୁ ସେ କ'ଣ କହିବ ! କିନ୍ତୁ ବର୍ତ୍ତମାନ ସେ କୌଣସି କାବ୍ୟିକ ବାକ୍ୟ ମୀମାଂସାର ଅସାରତା ଭିତରକୁ ନ ଯାଇ କେବଳ ମୁଗ୍ଧ ଆଖିରେ ଅନାଇ ରହିଲା ସିପ୍ରାର ରୂପକୁ । ଆଉ ଏହି ଅନାଇବା ଭିତରେ ଥରେ ଥରେ ତାର ସ୍ୱତଃ ମନେ ପଡ଼ିଯିବାକୁ ଲାଗିଲା, ଟାଗୋର୍‌ଙ୍କର ଚିତ୍ରାଙ୍ଗଦା ନୃତ୍ୟ ନାଟ୍ୟର ଅର୍ଜ୍ଜୁନର ସ୍ୱାଗତୋକ୍ତି —

ଏ କି ମାୟା,
ଏ କି କାୟା,
ଏକି ସୁବର୍ଣ୍ଣ ବରନେ ରଂଜିତ ଛାୟା !

ସିପ୍ରା ସେତେବେଳକୁ ନାଚ ଆରମ୍ଭ କରିଦେଇଛି । ମହେଶ ଦେଖିଲା, ସିପ୍ରାର ଯୌବନ, ସିପ୍ରାର ପୀନ ବକ୍ଷ, ସିପ୍ରାର ନିତମ୍ବ, ସିପ୍ରାର ହସ୍ତ ପଦ ସମସ୍ତ ଅବୟବ ନୃତ୍ୟରତ । ତା'ର ଭିତରର ପୁରୁଷ ଅତି ଅସ୍ଥି, ଅତି ନିରୁପାୟ ହୋଇପଡ଼ିଲା । ସିପ୍ରା ପାଖରୁ ତାର ସଙ୍କୋଚ ସେତେବେଳକୁ ଅନେକ ଅଂଶରେ ଦୂର ହୋଇଯାଇଥିଲା । ସେ ହଠାତ୍ ପାଗଳ ପରି ଉଠିଯାଇ ସିପ୍ରାର ସୁମସୃଣ କୋମଳ ଶଯ୍ୟାର ପଲଙ୍କ ଉପରେ ନିଜର ଦେହକୁ ବିନ୍ୟସ୍ତ କରିଦେଲା ଅତି ଆଶ୍ରୟହୀନ ଭାବରେ । ସିପ୍ରା ମଧ୍ୟ ହୋଇଥିଲା ଅତି ବିହ୍ୱଳା । ତାର ପଦଠାରୁ ସ୍ତନାଗ୍ର ପର୍ଯ୍ୟନ୍ତ ନର୍ତ୍ତନର ବେପଥୁ । ସେ

ଅତି ଅଧୀର୍, ଅତି ଚଞ୍ଚଳା ହୋଇ ଆସି ମହେଶ ଶୋଇଥିବା ସେହି ପଲଙ୍କ ଉପରେ ନିଜକୁ ଅସ୍ଥାସ୍ଥିନ ଭାବରେ ପୋପାଡ଼ି ଦେଲା । ମହେଶ ଅନୁଭବ କଲା ତାର ଛାତି ଉପରେ ଗୋଟିଏ ଫୁଲର ବସ୍ତା ଯେପରି ଖସିପଡ଼ିଲା ।

ମହେଶର ମୁହଁ ଉପରେ ମୁହଁ ରଖି କହିଲା ସିପ୍ରା, "ହାତକୁ ଖାଇ ମୁଁ ଘୋଡ଼ା ଆଗରେ ଦଉଡ଼ି ପାରିବି ନାହିଁ ଲୋ, ମା । ଗୋଟା ଫିଲ୍ମ୍ ଷ୍ଟାର ଏଠି ଧନକୁ କେତେ ରୋଜଗାର କରେ ଜାଣିଛନ୍ତି ମହେଶ ବାବୁ ?"

ସିପ୍ରାର ଏ କଥାରେ ମହେଶ ବଡ଼ ଆହତ ହେଲା । ସେ ତାର ପ୍ୟାଣ୍ଟ ପକେଟରୁ ମନିବ୍ୟାଗ୍‌ଟା କାଢ଼ି ବଢ଼ାଇ ଦେଲା, ତା' ଉପରେ ଶାଯ୍ଦିତା ସିପ୍ରାର ହାତକୁ ।

ସିପ୍ରା ଉଠିପଡ଼ି କୌତୁହଳ ପରବଶ ହୋଇ ବ୍ୟାଗ୍ ଫିଟାଇ ଦେଖିଲା, ଗୁଡ଼ାଏ ଶହେଟଙ୍କିଆ ଓ ଦଶଟଙ୍କିଆ ନୋଟ୍‌ରେ ବ୍ୟାଗ୍‌ଟା ଭରି ।

ଆହତା ହରିଣୀର ସ୍ୱର ଘେନି ସିପ୍ରା କହିଲା ପୁଣି—"ମୁଁ କ'ଣ ମାଗିଲି ଟଙ୍କା ?"—ସ୍ୱର ଆଉଟିକେ ପରିବର୍ତ୍ତିତ କରି ପୁନର୍ବାର ସେ କହିଲା—

"ମୋ ନାଚ କ'ଣ ଭଲ ଲାଗିଲା ନାହିଁ ? ଆପଣ ଏଠି ଆସି ଏପରି ଶୋଇ ପଡ଼ିଲେ କାହିଁକି କହିଲେ ? ମତେ ଏଦ୍ୱାରା କେତେ ଅପମାନ ହେଲା ଜାଣନ୍ତି ?"

ଏ ସ୍ୱର ମହେଶର ହୃଦୟରେ ଲାଗିଲା, ସେ ସିପ୍ରାର ମୁହଁକୁ ଅନେଇ ଦେଖିଲା, ଆଜି ତାହାର ଲୁହରେ ଛଳ ଛଳ ।

ମହେଶ ଅତି କରୁଣ ଭାବରେ ଡାକିଲା—

ସିପ୍ରା !

—ମୋ ନାଟର ପୁରସ୍କାର କଣ ଠଙ୍କା—?

ନା, ସିପ୍ରା ! ଫୁଲର ପୁରସ୍କାର ଫୁଲରେ । ଶୁଷ୍କ କାଗଜରେ ନୁହେଁ—କଠିନ ଠଙ୍କାରେ ବି ନୁହେଁ ।

ଏହା କହି ଗୋଟିଏ ଗଭୀର ଚୁମ୍ବନ ମହେଶ ସିପ୍ରାକୁ ପୁରସ୍କାର ଦେଲା ତାର ସୁକୋମଳ ଗଣ୍ଡରେ । ଯେଉଁଥିଲାଗି ସିପ୍ରା ମଧ୍ୟ ନୃତ୍ୟମଞ୍ଚରୁ ଦୌଡ଼ି ଆସିଥିଲା ମହେଶ ପାଖକୁ, ତାହା ତା'ର ଏତେବେଳକେ ପୂର୍ଣ୍ଣ ହେଲା, ସେ ମଧ୍ୟ ଋଣ ଶୋଧ କଲା ତାର ଲୋଭନୀୟ ଅଧର ବାର ବାର ମହେଶର ମୁଖରେ ଯୋଗକରି ।

ରାତ୍ରିର ଶେଷ ପ୍ରହରରେ ମହେଶର ନିଦ ଭାଙ୍ଗିଗଲା । ସେ ଅର୍ଦ୍ଧୋତ୍‌ଥିତ ହୋଇ ଦେଖିଲା ସିପ୍ରାକୁ । ପୁଣି ବାହାରକୁ ଚାହିଁ ଦେଖିଲା, ଆକାଶରୁ ଜ୍ୟୋତ୍ସ୍ନା ଲିଭି ନାହିଁ । ଆରବ ସମୁଦ୍ରର ଶୀତଳ ପବନ ଘରର ବାତାୟନ ଦେଇ ଗୃହ ମଧ୍ୟରେ ଆନନ୍ଦରେ ଖେଳି ବୁଲୁଚି । ଏହି ଦୂର ଦେଶର ପବନ ଭଳି ସେ ବି ଆଜି ଏହି ଘରେ ଅନଧିକାର ଚର୍ଚ୍ଚା କରୁଛି । ସିପ୍ରା ତାକୁ କହିଲା ସେ ଅତିଥି । ମାତ୍ର

ଅତିଥିର କର୍ତ୍ତବ୍ୟ କ'ଣ ? ସିପ୍ରାର ଆତିଥ୍ୟ ସେ ଗ୍ରହଣ କରିଛି । ସିପ୍ରା ତାହାକୁ ଯଥେଷ୍ଟ ଅଭ୍ୟର୍ଥନା, ପାନ-ଭୋଜନ ଦେଇଛି । ତାହାର ଏହି ପ୍ରେମ, ତାହାର ଦେହ ନ ଦେଇଥିଲେ ତା'ର ଆତିଥ୍ୟ କ'ଣ ପୂର୍ଣ୍ଣାଙ୍ଗ ହୋଇ ନ ଥାନ୍ତା !

ତାର ମନେ ପଡ଼ିଲା ଅର୍ଜ୍ଜୁନଙ୍କର କଥା । ସେ ବାରବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କରି ବନବାସ କରି ବାହାରିଥିଲେ । ବଣରେ ପାଇଲେ ଚିତ୍ରାଙ୍ଗଦାଙ୍କୁ । ଏହା ଭିତରେ ଅର୍ଜ୍ଜୁନଙ୍କର କେଉଁ ଆଦର୍ଶ ରହିଛି ? ସେ ବାହାରିଥିଲା ଦେଶ ଭ୍ରମଣ କରି । ସେ ଖୋଲିଥିଲା ଖାଲି ବାଟ; ସେ ବାଟରେ ସେ ପାଇଛି ମାଣିକ । ସେ ଯଦି କମ୍ବେର ଏହି ରାଜପଥରେ ସିପ୍ରା ବଦଳରେ ହୀରା ମୁଣ୍ଡାଏ ପାଇଥାନ୍ତା, ସେ କ'ଣ ତାହାକୁ ତ୍ୟାଗ କରି ଚାଲି ଯାଇଥାନ୍ତା ! ସେହି ହୀରାଖଣ୍ଡକୁ ସେ ନିଜର କରିଥାନ୍ତା କେଉଁ ଆଦର୍ଶର ବଶବର୍ତ୍ତୀ ହୋଇ ! ଆଜି ସେ ସିପ୍ରାକୁ ଆଦର କରିବାରେ, ପ୍ରେମ କରିବାରେ କେଉଁ ଆଦର୍ଶର ହାନି ହୋଇଛି ? ସେ ସିପ୍ରାକୁ କହିଲା, ତାର ଏତେ ବଡ଼ ଦାନର ସ୍ମୃତି ହେବ ମାତ୍ର ତାର ଡାଏରିର ଦୁଇଟି ପୃଷ୍ଠା । ଆଉ ସିପ୍ରା କହିଲା ତାକୁ କଅଣ ? 'ତାର ରକ୍ତରେ ତାର ସ୍ମୃତିରେ ସେ ଲେଖିବ ଏହି ମିଳନର ଇତିହାସ !'

ସିପ୍ରା ମତେ ଏପରି ପ୍ରେମ କଲା କାହିଁକି ? ମୋର ଭ୍ରାମ୍ୟମାନ ଜୀବନ ଆଗରେ ସେ ଗୋଟା 'ଡେଡ୍ ଷ୍ଟପ୍'ର ନୋଟିସ୍ ବୋର୍ଡ ଟାଙ୍ଗିଦେଲା କାହିଁକି ?.........ସେ ପୁଣି ସିପ୍ରାର

ମୁହଁକୁ, ତାର ଅଙ୍ଗପ୍ରତ୍ୟଙ୍ଗକୁ ଅନାଇଲା । ସିପ୍ରାର ଇତିହାସ କ'ଣ ? ସେ କ'ଣ ଇରାନ୍ ଦେଶରୁ ଆରବ ସାଗରର ତରଙ୍ଗରେ ଭାସି ଆସି ବମ୍ବେରେ ଲାଗିଛି ! ପୁଣି ସେ ଭାବିଲା, ସିପ୍ରା କ'ଣ ମୋର ପରି ଅତି ନିରାଶ୍ରୟ ! କେବଳ ଧନ ଛଡ଼ା ନିଜର ବୋଲି ଦୁନିଆରେ ଆଉ କେହି ନାହିଁ ? ମୋତେ ପାଇ ତାର ତମ୍ପିଠିକୁ ଭିଡ଼ିଛି ଏହି କୂଳରେ । ସିପ୍ରା ପ୍ରତି ତାର ଅନ୍ତରରେ ଗଭୀର ସହାନୁଭୂତି ଜାଗିଲା । ସେ ସିପ୍ରାର ସର୍ବାଙ୍ଗକୁ ଅନାଇଲା ତାର ସମସ୍ତ ଦୃଷ୍ଟିଶକ୍ତି ଦେଇ, ଯେପରି ପ୍ରଶାନ୍ତ ଆକାଶ ଚୁହିଁରହେ ପ୍ରଶସ୍ତା ଧରଣୀକୁ । ଧୀରେ ଧୀରେ ତାର ମୁହଁ ନଇଁ ଆସିଲା ସିପ୍ରାର ମୁହଁ ପାଖକୁ । ସେ ତାର ଅନିନ୍ଦ୍ୟ ମୁହଁ ଉପରେ ନିଜର ମୁହଁ ରଖି ଦେଲା ଗୋଟିଏ ଗଭୀର କୋମଳ ଚୁମ୍ବନ । ଏପରି ଚୁମ୍ବନ ସେ ଏଥିପୂର୍ବରୁ ତାକୁ ଦେଇ ନ ଥିଲା । ଏ ଚୁମ୍ବନ ଦେଲା ତାର ଆତ୍ମା, ଯୁବକ ମହେଶର ଅନାବିଳ ମାନବ-ଆତ୍ମା । ସେ ଯାକି ଧରିଲା ଖୁବ୍ ନିବିଡ଼ଭାବରେ ସୁପ୍ତା ସିପ୍ରାକୁ । ତାର ପ୍ରତ୍ୟେକ ଅଙ୍ଗ ସିପ୍ରାର ପ୍ରତ୍ୟଙ୍ଗ ସହ ମିଶିଗଲା ଖୁବ୍ ଘନିଷ୍ଠଭାବରେ । ସେ ମନେକଲା ତାର ପ୍ରାଣ ମିଶିଯାଉ ସିପ୍ରାର ପ୍ରାଣରେ, ତାର ଦେହ ମିଶିଯାଉ ସିପ୍ରାର ସୁଲଳିତ ତନୁ ଲତା ମଧ୍ୟରେ ।

ସିପ୍ରାର ନିଦ୍ରା-ଜଡ଼ ତନୁରେ ସ୍ପନ୍ଦନ ଦେଖାଦେଲା । ସେ ତାର ଘୁମନ୍ତ ଚକ୍ଷୁ-ପଲ୍ଲବ ଖୋଲି ଦେଖିଲା, ତାର ଏକାନ୍ତ ପ୍ରିୟ ତାର ଦେହସହ ଜଡ଼ିତ ହୋଇ ଭୁଲିଯାଇଛି ନିଜକୁ । ସେ ମହେଶକୁ ତାର ସ୍ୱଭାବ କୋମଳ ସ୍ୱରରେ ଡାକିବାକୁ ଚେଷ୍ଟା କଲା, ଡାକି

ପାରିଲି ନାହିଁ । ସେ ତାର ଅରାଧ୍ୟ ଧନକୁ କ'ଣ ବୋଲି ଡାକିବ ।
ତାର ରମଣୀୟ ଚକ୍ଷୁରୁ ଦୁଇଧାର ଆନନ୍ଦାଶ୍ରୁ ଝରି ପଡ଼ିଲା କର୍ଣ୍ଣମୂଳ
ପର୍ଯ୍ୟନ୍ତ । ସେ ତାର ସୁମଧୁର କଣ୍ଠରେ ଅତି ଶୀତଳତା ମିଶାଇ
ଡାକିଲା—ପ୍ରିୟ !

ସେ ଡାକରେ ମହେଶ ଅତି ଉଚ୍ଛନ୍ନ ହୋଇ ପଡ଼ିଲା ।
ସେ ସିପ୍ରାକୁ ଆତୁର ନିବିଡ଼ଭାବରେ, ଅଧିକରୁ ଅଧିକ ଭାବରେ
ଯାକିଧରି ତାର ମୁଖସାରା ଚୁମ୍ବନଭରା କରିଦେଇ କହିଲା ଅତି-
ସ୍ୱରରେ—ପ୍ରିୟା, ପ୍ରିୟା ସିପ୍ରା !

ତମେ କେଉଁଠି ଅଜଣା ଏ ଥିଲ ସିପ୍ରା !

ତମର ପରିଚୟ କ'ଣ ସିପ୍ରା !

ସିପ୍ରା ସେତେବେଳକୁ ବାହ୍ୟଜ୍ଞାନଶୂନ୍ୟା । ମହେଶ ସିପ୍ରାର
ଏହି ନିରୁତ୍ତରତାରେ ଆଖି ଖୋଲି ଦେଖିଲା, ସିପ୍ରାର ଆଖି
ନିମୀଳିତ । ତାର ଆଖିକୋଣରୁ ଦୁଇ ଧାର ଅଶ୍ରୁ ବୋହିଯାଉଛି ।

ସେ ସିପ୍ରାର ଆଖିପଲ୍ଲବ ଉପରେ ଅଧର ସ୍ପର୍ଶ କରି କହିଲା,
"ତମେ କାନ୍ଦୁଛ ସିପ୍ରା !"

ସିପ୍ରା ନିଜକୁ ସଯତା କରି କହିଲା, "କିଏ କହେ ମୁଁ କାନ୍ଦୁଛି ?
ଏହି ଅଶ୍ରୁର ପ୍ରତି କଣାରେ ମୁଁ ହସି ନେଉଛି ମୋର ସମସ୍ତ
ଜନ୍ମ ପାଇଁ—"

—କାହିଁକି ସିପ୍ରା ?

—ଏ ଆନନ୍ଦକୁ ମୋର ବିଶ୍ୱାସ ହେଉନି—

—ବିଶ୍ୱାସ ହେଉନି ! ମତେ ତମେ ବିଶ୍ୱାସ କରୁନା ସିପ୍ରା !

ତମକୁ ବିଶ୍ୱାସ କରେ ମୁଁ ଖୁବ୍ । କିନ୍ତୁ ଅବିଶ୍ୱାସ ମୋର ଭାଗ୍ୟକୁ ।

—ତମର ପରିଚୟ କ'ଣ ସିପ୍ରା ?

—ମୁଁ ନାରୀ ।

ତମର ଆଉ ଅଛି କିଏ ?

ତମେ, ଆଉ ମୋର ଯୌବନ ।

ଏହାପରେ ପୁରି ପାଞ୍ଚ ଦିନ ବିତି ଯାଇଛି । ମହେଶ ଆଉ ଆସିନାହିଁ ସିପ୍ରାର ଘରକୁ । ସେ କିପରି ମନେ କଲା ବିପିନ୍ ତାକୁ ସନ୍ଦେହ କରୁଚି । ଖାସ୍ ବିପିନ୍‌ର ପ୍ରତ୍ୟୟ ଅଣିବା ପାଇଁ ସେ ସିପ୍ରାର ଘରକୁ ଆସିବା ବନ୍ଦ କରିଦେଲା । କିନ୍ତୁ ପ୍ରତି ମୁହୂର୍ତ୍ତରେ ସେ ସିପ୍ରା ପାଇଁ ଅଧୀର ହୋଇ ପଡ଼ୁଥାଏ । ଏହା ଭିତରେ ସେ ଏଲିଫାଣ୍ଟା ପ୍ରଭୃତି ବୁଲି ଆସିଛି । ଆଉ ଯାହା ଯେଉଁଠି ଶ୍ରେଷ୍ଠ ବଡ଼ ଦର୍ଶନୀୟ କିମ୍ବା ଜ୍ଞାତବ୍ୟ କିଛି ଥିଲା ସେ ତାହା ବୁଲିବୁଲି କରି ଶେଷ କରିଛି । ସେଦିନ ସେ ଦିନଟା ଯାକ ବସି ଖାଲି ଡାଏରୀ ଲେଖିଛି । ଆଉ ଏହାପରେ କେଉଁଠାକୁ ଯିବ ତାର ପ୍ରୋଗ୍ରାମ୍ ତିଆରି କରିଚି । କିନ୍ତୁ ସବୁ କରିବା ଭିତରେ ସେ ଯେପରି ଖୁବ୍ ଅସାରତା ଅନୁଭବ କରୁଥାଏ । ତାର ମନେ ହେଉଥାଏ, ନିଜକୁ ଠକିବା ପାଇଁ ସେ ଆଉ ଏପରି ବୁଲାଏ ବୁଲି ପାରିବ ନାହିଁ ।

ସେ ବେଳେ ବେଳେ ଭାବେ, ସେ ସିପ୍ରାକୁ ଭଲ ପାଉଚି, ଆଉ ଏହା ପୂର୍ବରୁ ଭଲ ପାଉଥିଲା ଦେଶ ଭ୍ରମଣ କରିବାକୁ । କେଉଁଟା ତା ପକ୍ଷରେ ବର୍ତ୍ତମାନ ଶ୍ରେୟ । ସେ ଦେଶ ବୁଲିବ ସତ, କିନ୍ତୁ ସିପ୍ରାକୁ ସେ ପାଇବ କିପରି ! ସିପ୍ରା ତାହା ପାଖରେ ପ୍ରକାଶ କଲା, ତାହାର ନିଜର ଦେହ ଛଡ଼ା ତାର ଆଉ

ନିଜର କେହି ନାହାନ୍ତି । ଏପରସ୍ଥଳେ ସେ ସିପ୍ରାକୁ ଛାଡ଼ି ରହନ୍ତି କିପରି ? ତାର ପୁଣି ଭାବାନ୍ତର ହେଲା । ସେ ଭାବିଲା, ଏହା ପୂର୍ବରୁ ସିପ୍ରା ତ ପୁଣି ଏକୁଟିଆ ଥିଲା । ସେହି ଭାବନା ପୁଣି ତା' ନିଜପ୍ରତି ହେଲା; ସେ ଭାବିଲା, ଏହା ପୂର୍ବରୁ ମୁଁ ପୁଣି ତ ଥିଲି ଏକାକୀ । ମାତ୍ର ସିପ୍ରା କ'ଣ ଆଜି ସେପରି ରହି ପାରିବ, ଆଉ ସେ ବା । ତାର ମନ ବଡ଼ ଅସ୍ଥିର ହୋଇ ଉଠିଲା । ସେତେବେଳକୁ ସନ୍ଧ୍ୟା ଗଡ଼ିଯାଇଛି । ସେଦିନ ତାର କୌଣସି ବନ୍ଧୁ ସଙ୍ଗରେ ଯାଇଛି ଛବି ଦେଖି । ସେ ଧୀରେ ଧୀରେ ଉଠି ତାର ପୋଷାକ ବଦଳାଇଲା । ସୁଟ୍ ପରିବର୍ତ୍ତିରେ ସେ ଧୋତି ପଞ୍ଜାବି ପିନ୍ଧି ବାହାରି ପଡ଼ିଲା ପଦାକୁ । ରାତିଠାରେ ଆଜି ଦର୍ଶନୀୟ କିଛି ନାହିଁ ଜଣେ ଭ୍ରମଣକାରୀ ପକ୍ଷରେ । ସୁତରାଂ ସେ ନ ରହି ଯାଉଥିବା ଗୋଟା ବସ୍ ଅଟକାଇ ସେଥିରେ ଉଠିପଡ଼ିଲା ।

ବସ୍‌ରୁ ଓହ୍ଲାଇ ମହେଶ ଧରିଲା ସିପ୍ରା ଘରର ସେହି ପରିଚିତ ଶ୍ରେଷ୍ଠ ରାସ୍ତା । ସେ ସିପ୍ରାର ଘର ପାଖରେ ପହଞ୍ଚିବା ଉପରେ । ଅଳ୍ପ ଦୂରରୁ ଶୁଣିଲା ଐକ୍ୟତାନ ଓ ନୃତ୍ୟଧ୍ୱନି । ସେ ଦଣ୍ଡେକ ପାଇଁ ଆଶ୍ଚର୍ଯ୍ୟ ହେଲା । ତା ପରେ ସେ ପହଞ୍ଚିଲା ଆସି ସିପ୍ରା ଘରର ଠିକ୍ ଦ୍ୱାର ପାଖରେ । ଦରଜାରେ ଠିଆହୋଇ, ସିପ୍ରାର ନୃତ୍ୟ ତାଳରେ ମୁଗ୍ଧ ହୋଇଛି ପ୍ରୌଢ଼ ମୋହନଲାଲ୍ । ତାର ମନେହେଲା, ସିପ୍ରା ତ ଖୁବ୍ ଖୁସିରେ ଅଛି, ଦୁଆର ଜଗିଛି ମୋହନଲାଲ୍, ଆଉ ସେ ସେଠିକି ଯାଇ ଅଧିକ କ'ଣ କରନ୍ତା ? କିନ୍ତୁ ସେ କ'ଣ ସିପ୍ରାର ଦୁଃଖ ଦେଖିବାକୁ ଆଜି ଆସିଥିଲା, କିଏ ତାକୁ ଯେପରି ଏହା କହିଲା । ସେ ଫିରିବାକୁ ଲାଗିଲା,

ସିପ୍ରାର ଘରକୁ, ପୁଣି ତାକୁ କିଏ ଯେପରି ଧକ୍କା ମାରିଲା । ସେ ପୁନର୍ବାର ଭାବିଲା, ସିପ୍ରା ତ ଏକା, ଏତେ ବାଦ୍ୟ ବଜାଉଛି କିଏ ?

ମହେଶର ଜୋତା ଶବ୍ଦରେ ମୋହନଲାଲର ତନ୍ମୟତା ଭଙ୍ଗ ହେଲା । ସେ ଅନେଇ ଦେଖିଲା, ତାର ଆଖି ଆଗରେ ମହେଶ । ସେ ଟିକେ ବିଚଳିତ ହୋଇପଡ଼ି ସଙ୍ଗେ ସଙ୍ଗେ ସଲାମ୍ ବଜେଇ ଅତି କାଇଦା ଦସ୍ତୁର ମୁତାବକ କହିଲା—

ଅନ୍ଦର ଆଇଏ ଜନାବ୍ ! ଆପ୍‌କି ଲିଏ ତ ଦର୍‌ୱାଜା ବିଲ୍‌କୁଲ୍ ଖୋଲେ ହୁଏ ହୁଜୁର୍ ।

ମହେଶର ମନରେ ଟିକେ ଗୋଳମାଳ ଦେଖାଦେଲା—ସେ ପୁଣି ଭାବିଲା, ଆଜି କାହାଲାଗି ଦରଜା ବନ୍ଦ ରହେ ପୁଣି ! ସେ ବିଷୟରେ ସେ ଏଇ ଇତର ଦରୱାନ୍‌ଟାକୁ କିଛି ପଚାରିବା ଉଚିତ ମନେ ନ କରି ସିଧା ସିଧା ଭିତରକୁ ଯାଇ ତା'ପରେ ଗଲା ଉପରକୁ । ସେ ପାହାଚରେ ଯାଉଁ ଯାଉଁ ଶୁଣିଲା ସିପ୍ରାର ଘରଭିତରେ ବହୁତ ଲୋକଙ୍କ ଶବ୍ଦ । ଛାତିଟା ତାର ଦମ୍ ଦମ୍ ଉଠିଲା ପଡ଼ିଲା । ମନର କୌତୂହଳ ମଧ୍ୟ ସେହିପରି ନୃତ୍ୟ କଲା ଖୁବ୍ ଚଞ୍ଚଳ ଗତିରେ । ସେ ଧୀରେ ଘରର ସ୍କ୍ରୀନ୍ ଆଡ଼େଇ କୋଠରୀ ଭିତରକୁ ପାଦ ଦେଲା । ଯାହା ଦେଖିଲା ସେଥିରେ ତାର ଚକ୍ଷୁ ସ୍ଥିର—ହୃଦୟ ଅସ୍ଥିର ହୋଇଗଲା ଏକାବେଳକେ ।

ସେ ଦେଖିଲା, ଘର ସାରା ବୈଦ୍ୟୁତିକ ଆଲୋକର ବନ୍ୟା । ଘରପାଖିଆକି ବସିଛନ୍ତି ଅନେକ ଗଣ୍ୟମାନ ସମ୍ଭ୍ରାନ୍ତ ଲୋକ ।

# ଶତାବ୍ଦୀର ସ୍ୱପ୍ନଭଙ୍ଗ

ଗୋଟିଏ ପାଖରେ ଗୋଟିଏ ବଡ଼ ବକ୍ସ ଗ୍ରାମୋଫୋନ୍ ବାଜି ଚାଲିଛି । ଘରର ମଝିରେ ବହୁମୂଲ୍ୟର କାର୍ପେଟ୍ ଉପରେ ଚଞ୍ଚଳ ପଦବିକ୍ଷେପରେ ସେହି ଧ୍ୱନିର ତାଳେ ତାଳେ ନାଚି ବୁଲୁଛି ତାର ସିପ୍ରା ।

ସିପ୍ରାର ପରିଧେୟ ସ୍ୱଳ୍ପ । ତାହା ପୁଣି ଅସଂଯତ । ତାର ଚର୍ଚ୍ଚିତ ବକ୍ଷ ଉପରେ ଗୋଟିଏ ଅପ୍ରଶସ୍ତ ସୂକ୍ଷ୍ମ ରେଶମର ଆବରଣ । ତାର ସେହି ସୁନ୍ଦର ଲୋଭନୀୟ ଉଦର ଅଂଶ ମୁକ୍ତ । କଟିଠାରୁ ଜାନୁର ଶେଷ ପର୍ଯ୍ୟନ୍ତ ମାତ୍ର ଛୋଟ ଖଣ୍ଡିଏ ବସ୍ତ୍ରଦ୍ୱାରା ଆବୃତ । ତାର ରମଣୀୟ ପଦଯୁଗଳ ଅନାବୃତ । ଦେହରେ ଅନେକ ମଣି-ମୁକ୍ତାର ହାର । ସ୍ତନାଗ୍ରରେ ବେପଥୁ, ନୟନରେ ବିଦ୍ୟୁତ୍, ଚରଣରେ ସାଗର ତରଙ୍ଗର ଭଙ୍ଗୀମା । ହାତ ଦୁଇଟିରେ ପଲକ ପଲକରେ ଅସଂଖ୍ୟ ମୁଦ୍ରା ପ୍ରକାଶ ପାଇ ବୁଦ୍‌ବୁଦ ଭଳି ମିଳାଇ ଯାଉଛି । ପୃଷ୍ଠ-ଦେଶର କୃଷ୍ଣମୟ ବେଣୀରେ ଅପୂର୍ବ ପରିପାଟୀ, ଆଜି ତାହା ପ୍ରତିକ୍ଷଣରେ ଦୋହଲି ଦୋହଲି କାଳଭୁଜଙ୍ଗିନୀ ସ୍ୱରୂପ ଦର୍ଶକର ବିବେକକୁ ଦଂଶନ କରିଯାଉଛି । ଦର୍ଶକମଣ୍ଡଳୀର ଚକ୍ଷୁ ଗଳିଯାଇଛି ନର୍ତ୍ତକୀର ସାରା ଦେହରେ ।

ମହେଶ ନିଜେ ନିଜେ ନିଜର ସ୍ଥାନ କରିନେଲା ଖାଲି ପଡ଼ିଥିବା ଗୋଟିଏ ଚେୟାର୍‌ରେ । ସେ ମଧ୍ୟ ଚାହିଁଲା ସିପ୍ରାକୁ । ତାର ସିପ୍ରା ନାଚୁଛି ।

ଜଣେ ଜଣେ ହଠାତ୍ ହସରଙ୍ଗ କରି କହିଉଠିଲା ଏତିକିବେଳେ—ହଲୋ, ମିଷ୍ଟର୍ ସାନ୍ୟାଲ୍, ୟୁ ହ୍ୟାର୍ ଅଲସୋ ଇନ୍ ଦ କ୍ରାଉଡ୍ ?

ବ୍ରଥେଲ୍ ! ବେଶ୍ୟାଳୟ ! ସିପ୍ରା ବେଶ୍ୟା ! !

କ୍ଷଣକପାଇଁ ମହେଶ ବଡ଼ ଆହତ ହୋଇପଡ଼ିଲା । ଅଗତ୍ୟା ସାହସ ସଞ୍ଚୟ କରି ସେ ଚାହିଁଲା ପ୍ରଶ୍ନକର୍ତ୍ତାଙ୍କୁ । ସେ ଦେଖିଲା, ବ୍ରପିନର କମ୍ପାନୀର ମାନେଜିଂ ଡାଇରେକ୍ଟର ରାୟବାହାଦୂର ମେହେଟା ତା ଆଡ଼କୁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଛନ୍ତି ।

ମହେଶ ହାଲ୍‌କା ସ୍ୱରରେ ଉତ୍ତର ଦେଲା, ଗୋଟିଏ ବେଶ୍ୟାଳୟର ମଧ୍ୟ ଜଣେ ଟୁରିଷ୍ଟର ଭ୍ରାଏସିରେ କଣ ଅଧିକାର ନାହିଁ, ରାୟବାହାଦୁର ସାହେବ ?

ସିପ୍ରା ସେତେବେଳକୁ ନୃତ୍ୟର ଶେଷ ତାଳରେ । ଗ୍ରାମୋଫୋନ୍‌ର ରେକର୍ଡ଼ ତେଣେ ଶେଷ ହୋଇଆସୁଚି । ସେହି ଟୁରିଷ୍ଟ ଶବ୍ଦଟାରେ ସହସା ନର୍ତ୍ତକୀର ତାଳଭଙ୍ଗ ହେଲା । ଅତି ଅପ୍ରସ୍ତୁତଭାବରେ ତାର ନୃତ୍ୟରତ ପଦ ଯୋଡ଼ିକ ବନ୍ଦ ହୋଇଗଲା । ଶ୍ୱାସ ପ୍ରଶ୍ୱାସର ଗତିରେ ତାର ବକ୍ଷର ଉତ୍ଥାନ ପତନ ଖୁବ୍ ଆଖିରେ ପଡ଼ିବାକୁ ଲାଗିଲା । ରେକର୍ଡ଼୍‌ର ସଙ୍ଗୀତ ସରିଯିବାରୁ ପୀନ୍ ଅବାଟରେ ଚାଲି ଗ୍ରୁଡକଟୁ ଶବ୍ଦ ବାହାରିଲା । ଆତ୍ମସମ୍ବରଣ କରି, ଗୋଟିଏ ବିନମ୍ର ନମସ୍କାରସହ କହିଉଠିଲା ସିପ୍ରା—

ଗୁଡ୍‌ନାଇଟ୍ ସାର୍‌ସ୍ !

କରତାଳି ଓ ସାବାସ୍ ଶବ୍ଦର ଘନଘଟା ପଡ଼ିଗଲା । ତାହାପରେ କାର୍ପେଟ୍‌ର ଗୋଟିଏ କୋଣରେ ଥୁଆ ହୋଇଥିବା ଗୋଟିଏ ବଡ଼ ଟ୍ରେ'ରେ ଗୋଟିଏ ଲେଖାଁ ଦୁଇଟଙ୍କିଆ ନୋଟ୍ ପକାଇ, ଗୋଟିଏ

ଲେଖାଁ ସିଗାରେଟ୍ ଧରି ଦର୍ଶକବୃନ୍ଦ ବିଦାୟ ନେବାକୁ ଲାଗିଲେ । ରେକର୍ଡ଼ଟିକୁ ମେସିନ୍‌ରୁ କାଢ଼ିଦେଇ, ପୀନ୍ ଖୋଲି ସିପ୍ରା ଏହା ମଧ୍ୟରେ ଅନ୍ୟ ଘରକୁ ଚାଲିଯାଇଛି ।

ଯାଉଁ ଯାଉଁ ଜଣେ ସମ୍ଭ୍ରାନ୍ତ ଯୁବକ ମହେଶଙ୍କୁ ଲକ୍ଷ୍ୟ କରି କହିଲା, "ଆଇଏ, ଆଇଏ, ଯେରା ସାଂପେନ୍ ଭି ପି ଲିଜିଏ । ସୁଖା ଲୁପ୍‌ମେ ତ ପେଟ୍ ଭରେଗା ନେହିଁ ।"

ଏହା କହି ଯୁବକଟି ମଧ୍ୟ ପାଖର ଟିପୟ୍ ଉପରୁ ବୋତଲ୍ ଉଠେଇ ଗୋଟିଏ ପେଗ୍ ମଦ ଢାଳି, ଆରାମରେ ପାନ କରି ବୁନ୍‌ସ୍ୱାଦ୍ ଆଭିଜାତ୍ୟର ଭଙ୍ଗୀରେ ସେଠାରୁ ନିଷ୍କ୍ରାନ୍ତ ହେଲା ।

ମିନିଟ୍‌କ ପରେ ପୁଣି ଘରଭିତରକୁ ଆସି ମହେଶଙ୍କୁ ପ୍ରତିହିଂସାର ସ୍ୱରରେ କହିଲା—

"ସମଝ୍‌ତାହୁଁ ସାରା ରାତ୍ ଆପ୍ ରିଜର୍ଭ୍ କରେଙ୍ଗେ ?"

ମହେଶ ସେତେବେଳେ ତଳକୁ ମୁହଁ କରି ତାର ଜୋତାର ଆଇଲେଟ୍ ଗଣୁଛି । ତାର କୌଣସି କଥାକୁ ଲକ୍ଷ୍ୟ ନାହିଁ । ଯୁବକଟି ସ୍ୱର ପରିବର୍ତ୍ତନ କରି ପୁଣି କହିଲା—

"ଚେୟରସ୍ ।"

କହି ଛିପଟ୍ ଠକ ଠକ ଶେଷଥର ପାଇଁ ସେଠାରୁ ଚାଲିଗଲା ।

ଯୁବକଟି ଚାଲିଯିବା ପରେ ମହେଶ ଦେଖିଲା ସମସ୍ତେ ଚାଲି ଯାଇଛନ୍ତି । ଇନ୍ଦ୍ରଜାଲ ପରି ସବୁ ଶୂନ୍ୟ ହୋଇଯାଇଛି ଦଣ୍ଡକ ଭିତରେ । ସେ ଭାବିଲା, ଏଇଟା ବ୍ରୁଥେଲ୍ । ସିପ୍ରା ବେଶ୍ୟା । ମୁଁ ବେଶ୍ୟାସକ୍ତ । ଅଉ ମଦଟା ବାକି ରହିବ କାହିଁକି ?

ସେଇ ସୁନ୍ଦର ମଦ ବୋତଲଗୁଡ଼ାକ ତା' ଆଖିରେ ଅଦ୍ଭୁତ ସୁନ୍ଦର ଦିଶିଲା । ସେ ଚିନ୍ତା କଲା, ମଦ କେମିତି ଲାଗେ, ସିପ୍ରାର ଚୁମ୍ବନ ଭଳି । ନା ବୋଧହୁଏ ତା ଠୁଁ ବି ଅଦ୍ଭୁତ ଭଲ—ଅଦ୍ଭୁତ ମିଠା ।

ଭାବି ଭାବି ସେ ଧୀରେ ଟେବୁଲ ପାଖରେ ପହଞ୍ଚିଲା । ଗୋଟାଏ ପେଗ୍‌ରେ ମଦ ଢାଳିବାକୁ ଲାଗିଲା । ସାଂପେନ୍‌ର ଉତ୍କଟ ଗନ୍ଧରେ ନାକଟା ତାର ଫୁଲି ଉଠିଲା, ମୁହଁଟା ବିକୃତ ହୋଇଗଲା । ମଦର ଗ୍ୟାସ୍ ମୁହଁରେ ପଶିଯିବା ହେତୁ ସେ ଖଁ ଖଁ ହୋଇ କାଶି ଉଠିଲା ।

ମହେଶ ? ? ?

ମହେଶ ଆଖି ଉଠେଇ ଦେଖିଲା, ଝଡ଼ର ମୂର୍ତ୍ତି ଧରି ତା ଆଗରେ ଠିଆ ହୋଇଛି ସିପ୍ରା । ତାର ନଈକୂଳର ବେଶ ଦେହର କେତେକାଂଶରେ ବର୍ତ୍ତମାନ ସୁଦ୍ଧା ଲାଗି ରହିଛି । ସେ ଅତି ଅସମ୍ଭୃତା । ତାର ଆଖିରେ ଇଲେକ୍‌ଟ୍ରିକ୍ ଲାଇଟ୍‌ର ସବୁ ଶକ୍ତି କେନ୍ଦ୍ରୀଭୂତ ହୋଇଛି ।

ମହେଶ ପୁଣି ମଦ ଢାଳିବାକୁ ଲାଗିଲା । ସିପ୍ରା ପୁଣି ଡାକିଲା—ମହେଶ ବାବୁ !

ଆଗ ସ୍ୱରରେ ଥିଲା ଆଶ୍ଚର୍ଯ୍ୟତା, ଏ ସ୍ୱରରେ ଆବଦାର । ମହେଶର ଶକ୍ତି ସେ ସ୍ୱରରେ ଟିକେ ଦ୍ରବିଗଲା ।

ଧୀରେ ଧୀରେ ସିପ୍ରା ଆସି ମହେଶର ହାତ ଧରିଲା । ମହେଶ ସିପ୍ରାର ସେହି ସ୍ପର୍ଶ ମଧ୍ୟରେ ଟିକେ ଯେପରି ବଳ ପାଇଲା । ସେ ସିପ୍ରାକୁ କହିଲା ଅତି କରୁଣ ଭାବରେ—

# ଶତାବ୍ଦୀର ସ୍ୱପ୍ନଭଙ୍ଗ

ସିପ୍ରା, ତମେ ବେଶ୍ୟା—

—କିନ୍ତୁ ତମେ ମଦ୍ୟପ ହେବ କାହିଁକି ?

—ତମର ଆରାଧନା କରିବା ପାଇଁ, ତମର ଭକ୍ତ ହେବା ପାଇଁ ସିପ୍ରା !

—ଭୁଲ୍, ତମେ ପ୍ରଭୁ, ତମେ କାହିଁକି ମୋ ପରି ଦୁର୍ଭାଗିନୀର ଆରାଧନା କରିବ ? ତମେ ଆଜ୍ଞା ଦେବାର ଲୋକ ।

• —ମୁଁ ପ୍ରଭୁ ? ମୁଁ ତମକୁ ଆଜ୍ଞା କରିପାରେ ସିପ୍ରା ?

—ନିଶ୍ଚୟ, ତମେ ମତେ ହତ୍ୟା ମଧ୍ୟ କରିପାର ।

—ସିପ୍ରା ! !

କହି, ଅତିଶୟ ବିହ୍ୱଳ ହୋଇ ମହେଶ ନିଜର ଦୁଇ ବାହୁ ମଧ୍ୟରେ ସିପ୍ରାକୁ ଜୋର୍‌ରେ ଭିଡ଼ି ଧରିଲା । ସେହିପରି ଧରି ମହେଶ କହିଲା—

ମୋର ସିପ୍ରା, ତମେ ବେଶ୍ୟାବୃତ୍ତି କରୁଚ କାହିଁକି ?

—ତମକୁ ନ ପାଇ, ନା, ନା, ତମକୁ ପାଇବା ପାଇଁ—

ସିପ୍ରାକୁ ନିଜର କୋଳରୁ ମୁକ୍ତ କରି ମହେଶ ବସିଲା ଗୋଟିଏ କାଉଚ୍‌ରେ, ପାଖରେ ବସିଲା ସିପ୍ରା ।

ମହେଶ ପଚାରିଲା, ମତେ ଏପରି ମରୀଚିକାରେ ବୁଲାଉଚ କାହିଁକି ସିପ୍ରା ?

ସିପ୍ରା ଟିକେ ରହସ୍ୟ କରି କହିଲା, ସେଥିପାଇଁ ଦାୟୀ ମୁଁ ନୁହେଁ, ଦାୟୀ ସେଥିପାଇଁ ତମର କବିମାନେ । ସେମାନେ ତ ଆମ ମୁହଁରେ ରଖିଲେ ଚନ୍ଦ୍ର, ଓଠରେ ରଖିଲେ ଅରୁଣ, ଦେହରେ ଢେଲେ

ଉତ୍ତର୍, ସବୁଯାକ ତ ଜାଗାଟି ଶୁଷ୍କ ଜଳାଶୟ । ମରୀଚିକା ବ୍ୟତୀତ ତମେ ଆଉ ପାଣି ପାଇବ ସେଥିରେ କେଉଁଠୁ ମହେଶ ବାବୁ ?

ତମର ଏ ରହସ୍ୟ ରଖ । ବଡ଼ ରହସ୍ୟମୟୀ ତମେ—କହିଲା ମହେଶ ।

"ଅଚ୍ଛା," କହିଲା ସିପ୍ରା, "ତମେ ଏ ତିନି ଗୁରି ଦିନ ହେଲା କୁଆଡ଼େ ଥିଲ ମହେଶ ବାବୁ ?"

ଦି'ଦିନ ଟୁର୍ କରିଥିଲି । ଦି'ଦିନ ଦେହ ଭଲ ନ ଥିଲା । ଦିନେ ଡାଏରୀ ଲେଖିଲି । ପାଞ୍ଚ ଦିନ—

—ଆଉ କେତେ ଦିନ ଟୁର୍ କରିବ ମହେଶବାବୁ— ?

—ଖୁବ୍, ମୋର ଉଡ଼ିବାକୁ ଥିଲା ଖୁବ୍, ଆଉ ପାରିବି ନାହିଁ । ତମର ଏହି ଆଖି ଦି'ଟା ଅଣ୍ଟି ଏୟାର୍ କ୍ରାଫ୍ଟ୍ର କାମ କରୁଛି । ଏୟାର୍ ଶିପ୍ଟା ଏକଦମ୍ ଜଖମ୍ ।

ସିପ୍ରା ଖୁବ୍ ଆନନ୍ଦିତ ହେଲା ମହେଶର ଏ କଥାରେ । ସେ ସେଠାରୁ ଲୀଳାୟିତ ଭଙ୍ଗୀରେ ଉଠିଯାଇ ହାର୍ମୋନିୟମ୍ ଧରି ଗୀତ ଗାଇବାକୁ ଲାଗିଲା । ମହେଶ ପ୍ରତିବାଦ କରି କହିଲା, ତମେ ଖୁବ୍ ନାଟକ ଅଛ, ତମର ଦେହର ଗୀତରେ ମୁଁ ଖୁବ୍ ମୁଗ୍ଧ, କଣ୍ଠ ଗୀତର ଆଉ ଆବଶ୍ୟକ ନାହିଁ ସିପ୍ରା । ମୋର ଅନେକ ଡାଏରୀ ଲେଖିବାକୁ ଅଛି ।

ସିପ୍ରା ଟିକେ ଥତମତ ଖାଇଗଲା । ସେ ବଡ଼ ଅପ୍ରତିଭ ହେଲା ମହେଶର ଏପରି ବ୍ୟବହାରରେ । ତା'ପରେ ଟିକେ ସାହସ ଧରି କହିଲା—

ତମେ ତାଜମହଲ୍ ଦେଖିଚ, ମହେଶ ବାବୁ ?

—ଅନେକ ଥର ।

—ଅଚ୍ଛା, କହିଲେ, ମମତାଜ୍ ବେଗମ୍ ବଞ୍ଚିଥିଲେ ସାଜାହାଁ ତାଜମହଲ୍କୁ ଗଢ଼େଇ ଥାନ୍ତେ ବସି ବସି, ନା, ବେଗମ୍ଙ୍କ କଥା ଶୁଣୁ ଥାନ୍ତେ ଅଲ୍ବାଲ୍ଲ ଛାଣି ?

—ମୁଁ କ'ଣ ଡାଏରୀରେ ଖାଲି ତମର କଥା ଲେଖିବି ସିପ୍ରା ? —ମହେଶର ସ୍ୱରରେ ଅଭିମାନର ମୂର୍ଚ୍ଛନା ।

ଅଚ୍ଛା, ମହେଶ ବାବୁ, ତମେ ଏହିଠାରେ ବସ, ଏଇଟା ଜାଣି ତମର ଘର, ମୁଁ ଯାଉଚି ଡାଏରୀ ଲେଖିବି ଆଉ ଗୋଟିଏ ଘରେ ।

—ନା, ତା' ହବ ନାହିଁ, ମୁଁ ଜମା ଏକାକୀ ବସି ପାରିବି ନାହିଁ । ଏ ଜାଗାଟା ଜମା ଏକୁଟିଆ ବସିବା ପାଇଁ କହୁ ନାହିଁ ମତେ ।

ସିପ୍ରା ଖୁବ୍ ଜୋର୍ରେ ହସି ଉଠିଲା । ହସୁ ହସୁ କହିଲା, ଆଉ କ'ଣ ମୋର ନିର୍ବାସନ ପାଇଁ ଏ ଘରଟା ହୋଇଚି ?

—ତା କାହିଁକି ହବ । ଏ ତମର ଘର । ତମେ ଏଠି ହସିବ, ନାଚିବ, ଗାଇବ—

—ବେଶ୍ୟାବୃତ୍ତି କରିବ, ଏଇଟା ଛାଡ଼ିଗଲ ଯେ ।

—ମତେ ଏପରି ନିଷ୍ଠୁର ଭାବରେ ଆଘାତ କରିବାକୁ ତମକୁ କଷ୍ଟ ହଉନି ସିପ୍ରା ?

—ଆଉ ତମକୁ ?

—ମୋର ଭୁଲ୍ ହୋଇଛି ସିପ୍ରା !

—କି ଭୁଲ୍, ତମର କି ଦୋଷ ହୋଇଛି ମହେଶ ବାବୁ ? ଏଠାକୁ ଆସିବା ତମର ଭୁଲ୍ ହୋଇଚି, ଏଇଆ ତ ? ଦେଖିଲ ତ କେତେ ଲୋକ ଏଠାକୁ ଆସିଥିଲେ ? ତମ ପରି କେତେ ଯୁବକ ପଥଭ୍ରଷ୍ଟ ହୋଇଚନ୍ତି । ସେପରି କେତେ ଯୁବକଙ୍କର କଥା ମୋର ଡାଏରିରେ ଅଛି । କିନ୍ତୁ ସେମାନଙ୍କର ଭୁଲ୍ ପରେ ଠିକ୍ ହୋଇ ଯାଇଛି । ମାତ୍ର ଆମର ଭୁଲ୍ ଆଉ ଠିକ୍ ହେବାର ନୁହେଁ । ଭୁଲ୍ ତମର ନୁହେଁ ମହେଶ ବାବୁ, ଭୁଲ୍ ମୋର, ମୁଁ ତମକୁ—

କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ସିପ୍ରାର । ସେ ଖାଲି ଛଳ ଛଳ ଆଖିରେ ଅନାଇ ରହିଲା ମହେଶ ଆଡ଼କୁ । ମହେଶ ବଡ଼ କାତର ହୋଇ ପଡ଼ିଛି ସିପ୍ରାର ଏ କଥାରେ । ସେ କାଉଚରୁ ଧୀରେ ଧୀରେ ଉଠିଯାଇ ସିପ୍ରା ପାଖରେ ଛିଡ଼ା ହେଲା, ତାର ହାତ ଧରି କହିଲା—

ମତେ କ୍ଷମା କର ସିପ୍ରା !

—ଗୋଟା ସାମାନ୍ୟ ବେଶ୍ୟା ମୁଁ । ମୋ ପାଖରେ ତମେ କ୍ଷମା ଚାହୁଁଚ ମହେଶ ବାବୁ ?

—ସିପ୍ରା, ତମେ ନିଜକୁ ଏପରି ଭାବରେ ଶନ୍ଦ କରି କେବଳ ମୋତେହିଁ ଅପମାନ ଦେଉଛ ।

—ଆଉ, ତମେ ଜଣେ ରାଜକନ୍ୟା ସହିତ ପ୍ରେମରେ ପଡ଼ିଥିଲେ ବୋଧହୁଏ ଗର୍ବିତ ହେଉଥାନ୍ତ, ଏଇଆ ତ ?

—ନା, ସିପ୍ରା, କୌଣସି ରାଜକନ୍ୟାଠାରେ ତମର ଗୁଣ, ତମର ବୁଦ୍ଧି, ତମର ରୂପ, ଆଉ ତମର ପ୍ରେମ ମୁଁ ବୋଧହୁଏ ପାଇ ନ ଥାନ୍ତି—

—କିନ୍ତୁ ତଥାପି ସିପ୍ରାର ସ୍ଥାନ ନାହିଁ ।········କୌଣସି ରାଜକନ୍ୟା ପାଖରୁ ତମେ ଏତେ ଶୀଘ୍ର ପଳେଇଯିବା ପାଇଁ ଚଞ୍ଚଳ ହୋଇଥାନ୍ତ କି ?

—ସିପ୍ରା, ତମେ ବେଶ୍ୟାର ଆବରଣ ତଳେ କାହିଁକି ତମର ଦୁର୍ଲ୍ଲଭ ନାରୀତ୍ୱକୁ ଆଚ୍ଛାଦନ କରି ରଖିଚ ? ତମେ କିଏ ? ତମର ଜନ୍ମ କେଉଁଠି ? ତମେ କପରି ବା ବେଶ୍ୟାରେ ପରିଣତ ହେଲ ? ତମର ପ୍ରେମ ପାଇ ମୁଁ ଧନ୍ୟ । ତମ ଭଳି ଜଣେ ବେଶ୍ୟାକୁ ସଙ୍ଗିନୀ କରି ମୁଁ ଆନନ୍ଦିତ ହୋଇଚି, ସିପ୍ରା ।

—କିନ୍ତୁ ତମେ ମୋର ସମସ୍ତ ଇତିହାସ ନ ଜାଣି ମୋ ପ୍ରତି ଏପରି ଭାବରେ ଅନୁରକ୍ତ ହେବା ତମ ପକ୍ଷରେ କ'ଣ ସଙ୍ଗତ ହେଉଚି, ମହେଶ ବାବୁ ?

—ତମେ ହୀରା, ତମେ ମାଟିରେ ପଡ଼ିଯାଇଚ ସିପ୍ରା, କିନ୍ତୁ ତଥାପି ତମର ଜ୍ୟୋତି ଅମ୍ଳାନ । ସେଥିରେ ତମେ ନିଜକୁ ଆଲୋକିତ କରି ମୋର ଅନ୍ତରକୁ ମଧ୍ୟ ପବିତ୍ର କରିଦେଇଚ ।

କ୍ଷଣକରେ ସିପ୍ରା ଅତି ଅଧୀରା ହୋଇ ପଡ଼ିଲା । ମହେଶ ପ୍ରତି ତାର ସେହି ଅଭିମାନ କୁଆଡ଼େ ଶୂନ୍ୟରେ ମିଳାଇ ଗଲା । ସେ ଡାକିଲା ମହେଶକୁ ତାର ଅତି ନିଜର ମଣିଷ ପରି—

ମହେଶ ବାବୁ,

ମହେଶ କହିଲା, ସିପ୍ରା !

କିନ୍ତୁ ତମକୁ ମୋର ଇତିହାସ ଜାଣିବାକୁ ହେବ । ଝିଙ୍କାଠାରୁ ଆଦାୟ ଇ ତମକୁ ପକେଟ୍‌ରେ ପକେଇବାକୁ ହେବ । ମୁଁ ତମକୁ ମୋର ସମସ୍ତ କଥା ନ ଜଣାଇ ରହି ପାରିବି ନାହିଁ ।

—ବର୍ତ୍ତମାନର ପ୍ରୋଗ୍ରାମ୍ ଠିକ୍ କର ସିପ୍ରା, ସେ କଥା ପରେ ।

ସିପ୍ରା ଟେବୁଲ୍ ପାଖକୁ ଯାଇ କଲିଂ-ବେଲ୍ ବଜାଇଲା ଖାନସାମା ଉଦ୍ଦେଶ୍ୟରେ । ରାତି ସେତେବେଳକୁ ଦଶ ।

ଖାଇସାରି ମହେଶ ଗୋଟେ ସିଗାରେଟ୍ ଟାଣି ଘର ଭିତରେ ପାଇଚାରି କରି ବୁଲିଲା । ସିପ୍ରା ଗୋଟିଏ ଚକୋଲେଟ୍ ପାଟିରେ ପକେଇ କଣ ଟିକେ ଚିନ୍ତା କରି ମହେଶକୁ କହିଲା, ତମର ଶୋଇବାରେ ଅଳ୍ପ ଟିକେ ବ୍ୟତିକ୍ରମ ହେବ, ମହେଶବାବୁ । ଅଚ୍ଛା, ମତେ ପାଞ୍ଚ ମିନିଟ୍ ପାଇଁ ଟିକେ ଅବସର ଦିଅ, ମୁଁ ଆର ଘରୁ ଆସେ । ହୁଏତ ମନେ କର ଏଇଟା ମୋର ଲେଡିଜ୍ ଅର୍ଡ଼ର୍—କହି କହି ସିପ୍ରା ଆର ଘରକୁ ଚାଲିଗଲା ହସି ହସି ।

ପ୍ରାୟ ସାତ ଆଠ ମିନିଟ୍ ପରେ ସିପ୍ରା ଫେରିଲା । ଫେରି ମହେଶକୁ ଖୁବ୍ ଜୋର୍‌ରେ ଜଡ଼ାଇ ଧରି କହିଲା, ପ୍ରିୟ, ଅଜି ରାତିକ ପାଇଁ ମତେ

ଛୁଟି ଦେବାକୁ ହେବ । ଅଜି ରାତିରେ ତମେ ଶୋଇବ ସେ ଘରେ, ଆଜ ମୁଁ ଏ ଘରେ । କ'ଣ ପାରିବ ନାହିଁ ?"

ଅତି ବାଧ୍ୟ ଭଳି ମହେଶ କହିଲା ସିପ୍ରାକୁ, ଖୁବ୍ ପାରିବ ସିପ୍ରା ! ଏଇଟା ଖୁବ୍ ସାମାନ୍ୟ କଥା । ତମେ ଏଇ ଘରେ ଅଛ, ତମର ନଜର ଉପରେ ମୁଁ ଅଛି, ଏ ଘରସାରା ତମର ସ୍ପର୍ଶ, ତମର ପାଦର ଧୂଳି ଲାଗି ରହିଛି, ଏହାହିଁ ମୋର ଖୁବ୍ ।

ସିପ୍ରା ଖୁବ୍ କୃତାର୍ଥକୃତ୍ୟ ହୋଇଗଲା ମହେଶର ଏ କଥାରେ । ସେ ତାର କଣ୍ଠରେ ସାହସ ଆଣି କହିଲା ଖୁବ୍ ଧୀରେ— ଗୁଡ୍ ନାଇଟ୍ ।

ମହେଶ ସିପ୍ରାର ପ୍ରାଇଭେଟ୍ ରୁମ୍ବକୁ ଯିବା ଉପରେ, ସିପ୍ରା ତାର ଗୁଲ୍‌ରେ ବାଧା ଆଣି ଡାକିଲା ପଛରୁ—"ମହେଶ ବାବୁ, ଏଡ଼େ ବଡ଼ ରାତିଟା ପାଇଁ କିଛି ସମ୍ବଳ ଦେଇଯିବେ ନାହିଁ ମତେ ?"

ବୁଲିପଡ଼ି ମହେଶ ଅର୍ଥଶୂନ୍ୟ ଅଖିରେ ଗୁହିଁଲା ସିପ୍ରାକୁ । ସିପ୍ରାର ଅଖିରେ ମଧ୍ୟ ନିରାଶ୍ରୟର ଭାବ, ସେ ମହେଶ ପାଖକୁ ଲାଗିଆସି ନିଜର ମୁହଁଟି ବଢ଼ାଇଦେଇ କହିଲା—"ରକ୍ଷା କବଚ ।"

ମହେଶ ସିପ୍ରାର ପ୍ରଦର୍ଶିତ ମୁହଁରେ ନିଜର ମୁହଁଟିକୁ ଘନ ସନ୍ନିବିଷ୍ଟ କରି, ଉପରେ ତାର ସୁନ୍ଦର ନାକଟିକୁ ହଲାଇ ଦେଇ କହିଲା—ପାଗଳି !

ସିପ୍ରାର ଅଙ୍ଗିଲା କୋଠରୀକୁ ଆସି ମହେଶ ଦେଖିଲା, ଭୋଗ ଓ ତ୍ୟାଗର ଅପୂର୍ବ ରୂପ । ଆଡ଼ମ୍ବରପୂର୍ଣ୍ଣ ନାଟମନ୍ଦିର ପରେ ଏ ଯେପରି ଅନାଡମ୍ବର ପବିତ୍ର ପୂଜାପୀଠ । ଏ ଘରର ଚତୁର୍ଦ୍ଦିଗରେ ଜାଗ୍ରତ

ହୋଇରହିଛି ସାଧନା ଓ ପବିତ୍ରତାର ଅପରୂପ ଶୋଭା । ଖଣ୍ଡିଏ ଚେୟାର୍, ଗୋଟିଏ ଡ୍ରେସିଂ ଟେବୁଲ୍, ଖଣ୍ଡେ ଷ୍ଟୋଭ ଖଟ, ଗୋଟିଏ ହ୍ୱାଟ୍‌ନଟ୍ ଓ ଆଲମାରିରେ କେତେକ ସୁଦୃଶ୍ୟ ମୂଲ୍ୟବାନ୍ ବହି । ଆଉ ଗୋଟିଏ ପାଖରେ ଗୋଟିଏ ବଡ଼ ଆଲ୍‌ନାରେ ସିପ୍ରାର ପେଲବ ଅଙ୍ଗଯଷ୍ଟିର ନାନାରଙ୍ଗର ବହୁମୂଲ୍ୟ ପରିଧେୟ । ସେଗୁଡ଼ିକ ଯେପରି ଜଣାଯାଉଛି, ଭକ୍ତ ତାହାର ଅଭିମାନ, ଗର୍ବ, ମୋହ, ଅହଙ୍କାର ତ୍ୟାଗ କରିଯାଇଛି—ଭଗବାନଙ୍କର ପବିତ୍ର ପୂଜାବେଦୀ ଉପରେ ।

ମହେଶ ବେଶି କିଛି ନ ଭାବି ଧୀରେ ଯାଇ ସିପ୍ରାର ଡ୍ରେସିଂ ଟେବୁଲ୍ ପାଖରେ ବସିଲା । ଅଇନାଟାକୁ ଭଲଭାବରେ ନିରୀକ୍ଷଣ କଲା । ସେ ଭାବିଲା, ତାର ସିପ୍ରା ଏହି କାଚଖଣ୍ଡକରେ ତାର କାଞ୍ଚନ ମୁହଁକୁ ଦେଖେ, ଦେଖେ ତାର ଯୌବନମୟ ସାରାଦେହର ପ୍ରତିବିମ୍ବ । ଅତି ଭାବପ୍ରବଣଭାବରେ ସେ ଥରେ ସେଇ ଦର୍ପଣରେ ନିଜର ହାତ ମାରି ଆଣିଲା । ତା'ପରେ ତାର ଦୃଷ୍ଟି ପଡ଼ିଲା ସେଠାରେ ଥୁଆ ହୋଇଥିବା ଗୋଟିଏ କାଗଜର ଠୋଲା ଉପରେ । ତହିଁରେ ଚକୋଲେଟ୍ ଗୁଡ଼ାଏ ରଖାଯାଇଛି । ସେଥିରୁ ଗୋଟିଏ ଆଣି ପାଟିରେ ପକେଇବାକୁ ଯାଇ ସେ ଠୋଲାଟିକୁ ଦେଖିବାକୁ ଲାଗିଲା । ଦେଖିଲା ସେଇଟା ଗୋଟାଏ ବିଲାତି ସମ୍ବାଦପତ୍ରର କିଛି ଅଂଶ । ତା'ପରେ ଆଉ ଟିକେ ଦେଖିଲା, ଦୁଇଟି ତରୁଣ ତରୁଣୀ ଉଭୟେ ପ୍ରେମ ନିବେଦନ କରୁଛନ୍ତି ଉଭୟଙ୍କୁ—ଦୁହିଁଙ୍କର ଦେହକୁ ସମ୍ମିଳିତ କରି । ଉପରେ ତାର ଲେଖାଯାଇଛି ଛପା ଅକ୍ଷରରେ "ଲଭ୍ ମେକ୍‌ସ୍ ଅଲ୍ ଦ ବ୍ୟାଡ୍ ବଡ଼ିଜ୍ ଗୁଡ୍ ।" ଛବିର ତଳଅଂଶ ପଢ଼ିଲା, ଲେଖାଅଛି

ସିନେମାଶେକର ଭୂମିକାର ପରିଚୟ । ମହେଶ କାକେ ଥରେ ଉଚ୍ଚାରଣ କଲା ଉପରର ସେହି ହେଡ଼ିଂଟା ।

ତପୂରେ ଦେଖିଲା ତା' ପାଖରେ ଥୁଆହୋଇଚି ଗୋଟିଏ ସୁନ୍ଦର ଖାତା । ଉପରେ ତାର ଲେଖାହୋଇଛି, ବୋଧହୁଏ ସିପ୍ରା ହାତ ଅକ୍ଷରରେ—ସିପ୍ରାର ଜୀବନୀ । କୌତୁହଳପରବଶ ହୋଇ ମହେଶ ସେ ଖାତାର ପୃଷ୍ଠା ଓଲଟାଇଲା । ପ୍ରଥମ ପୃଷ୍ଠାରେ ଲେଖା ହୋଇଛି ଉତ୍ସର୍ଗ । ତା ତଳେ ଲେଖାଯାଇଛି—ଏ ଲେଖାର ପ୍ରଥମ ପାଠକଙ୍କୁ ।

ମହେଶ ଆହୁରି ଗୋଟିଏ ପୃଷ୍ଠା ଲେଉଟାଇଲା, ସେଥିରେ ଲେଖାହୋଇଛି—ଧୈର୍ଯ୍ୟ ଧରି ପଢ଼ିବେ, ଏହା ଜଣେ ଭ୍ରମଣକାରୀର ଡାଏରୀ ନୁହେଁ, ଜଣେ ଦୁର୍ଭାଗିନୀର ଜୀବନୀ । ହୁଏତ ଏଲିଫାଣ୍ଟାର ଗୋଟିଏ ସୁନ୍ଦର ଭଗ୍ନ ପ୍ରସ୍ତରମୂର୍ତ୍ତିର ଦୁର୍ଦ୍ଦଶା ଦେଖି ଆପଣଙ୍କର ଡାଏରୀ ଅଶ୍ରୁରେ ଲେଖିଥିବେ, କିନ୍ତୁ ଗୋଟିଏ ଜୀବନ୍ତ ମୂର୍ତ୍ତିର ଦୁର୍ଦ୍ଦଶା ଦେଖି ଆପଣଙ୍କର ଡାଏରୀରେ କଣ ଲେଖିବେ ?

ମହେଶ ପୁଣି ପୃଷ୍ଠା ଓଲଟାଇଲା,—ସେ ପଢ଼ିଲା—

"ଆପଣ ବୋଧହୁଏ ବିଶ୍ୱାସ କରିବେ ନାହିଁ ଯେ ମୁଁ ଆପଣଙ୍କ ଭଳି ଓଡ଼ିଶାର ଲୋକ ବୋଲି । ଯଦିଓ ଓଡ଼ିଶାରେ ମୋର ଜନ୍ମ କିନ୍ତୁ ମୁଁ ପିଲାଦିନରୁ ବଢ଼ିଛି ଓଡ଼ିଶାର ବାହାରେ, କଲିକତାରେ । ମୋର ବାପା କଲିକତାର ଜଣେ ବଡ଼ କଣ୍ଟ୍ରାକ୍ଟର । ବାଲିଗଞ୍ଜର ଲେକ୍ ରୋଡ୍‌ରେ ଆମର ମସ୍ତ ବଡ଼ କୋଠା । ମୁଁ ବାପାଙ୍କର ସନ୍ତାନ-ମାନଙ୍କ ମଧ୍ୟରେ ଥିଲି ବଡ଼ । ମୋ ତଳେ ଥିଲେ ଆଉ ଯୋଡ଼ିଏ

ଭାଇ । ବୋଧହୁଏ—ସେମାନେ ଆଜି ଅନେକ ବଡ଼ ହେଲେଣି । ମୋର ସବା ସାନଭାଇଟି ଜନ୍ମ ହେବାର ପରେ ମା' ମରିଗଲେ ।"

ରାତି ଦୁଇ ଘଡ଼ିରେ ଗୋଟିଏ ସହସ୍ରଦଳ ପଦ୍ମକେଶର ଖୋଜି ବାହାର କରିବା ଭଳି ତାହାର ଗନ୍ଧରେ ମୋହିତ ହୋଇ ପୃଷ୍ଠା ପରେ ପୃଷ୍ଠା ଲେଉଟାଇ ଚାଲିଲା ମହେଶ । ସିପ୍ରାର ବ୍ୟଥା-କେଶର ଖୋଜି-ବାରେ ସେ ହେଲା ଗଭୀର ମନୋନିବେଶ । ନିଜର ସମସ୍ତ ଉତ୍ତେଜନା, ସକଳ ଆବେଗକୁ ସେ ସମ୍ବରଣ କରି, ପଢ଼ିଲା ସେହି ବ୍ୟକ୍ତିଗତ ଇତିହାସ ।

ସେ ପଢ଼ିଲା, ସିପ୍ରାର ବାଲ୍ୟଶିକ୍ଷାର ମିଷ୍ଟ୍ରେସ୍ ମିସ୍ ଲେନ୍‌ଙ୍କର ସହାନୁଭୂତିପୂର୍ଣ୍ଣ ବ୍ୟବହାର । ତାର ପିତାଙ୍କର ନିଯୁକ୍ତ ସେହି ବେଙ୍ଗଲି ଗଭର୍ଣ୍ଣେସ୍‌ଙ୍କ କଥା । ପଢ଼ୁ ପଢ଼ୁ ତା'ର ମନେ ହେଲା, ସେ ଆଜି ମିସ୍ ଲେନ୍‌ଙ୍କୁ ଭେଟିବ ନାହିଁ, ସେପରି ଅନାବିଳ ବାତ୍ସଲ୍ୟଭରା ବ୍ୟବହାରରେ ଯାର ହୃଦୟ ସ୍ନିଗ୍ଧ । ସେ ବୋଧହୁଏ ଚେର ପାଇବ ସେହି ବେଙ୍ଗଲି ଗଭର୍ଣ୍ଣେସ୍ ଭଳି ନାରୀ—ଯେ ସିପ୍ରା ଘରେ ଦେଖା ଦେଇଥିଲେ ଜଣେ ରାକ୍ଷସୀ ଭଳି, ସିପ୍ରାର ଏହି ଦୁରବସ୍ଥାର ଯେ ବୋଧହୁଏ ପ୍ରଧାନ ପରିଚାଳିକା । ସେ ପଢ଼ିବାରେ ଲାଗିଲା, କିପରି ସେହି ଗଭର୍ଣ୍ଣେସ୍‌ଙ୍କର ପ୍ରେମରେ କ୍ରମେ ବଶୀଭୂତ ହେଲେ ସିପ୍ରାର ପ୍ରୌଢ଼ ପିତା । କିପରି ସେହି ଗଭର୍ଣ୍ଣେସ୍‌ଙ୍କର ନିର୍ଦ୍ଦେଶରେ ମିସ୍ ଲେନ୍ ହେଲେ ବହିଷ୍କୃତା । କିପରି ସେହି ଗଭର୍ଣ୍ଣେସ୍‌ଙ୍କର ଷଡ଼ଯନ୍ତ୍ରରେ ସିପ୍ରା କଲେଜ୍‌ରେ ହେଲା ଭର୍ତ୍ତି—ଆଉ ଏକାଧିକ ଗାଡ଼ି, ମଟର ଏବଂ

ଦାସଦାସୀ ଥାଉଁ ଥାଉଁ ସେ କପରି ହଷ୍ଟେଲ୍‌ରେ ରହିବାକୁ ଅଦଷ୍ଟ ହେଲା—ତାଙ୍କର ସେହି ଗଭର୍ଣ୍ଣେସ୍‌ଙ୍କ ଦ୍ୱାରା ।

ସେହି ମିସ୍ ଲେନ୍‌ଙ୍କର ବୃଦ୍ଧାବସ୍ଥାବେଳର ବର୍ଣ୍ଣନାଟି ସେ ବାର ବାର ପଢ଼ିବାକୁ ଲାଗିଲା । ତାର ମାତୃହୀନ ଜୀବନସହ ସେ ସିପ୍ରାର ଜୀବନକୁ ମିଳାଇ ନେଲା । ସେହି ମାତୃରୂପିଣୀ କିନ୍ତୁ ଅଜନ୍ମ କୁମାରୀ ମିସ୍ ଲେନ୍‌ଙ୍କର ମୂର୍ତ୍ତି ଯେପରି ତାର ଆଖିର ପଲକ ପଲକରେ ରୂପ ପରିଗ୍ରହ କରିବାକୁ ଲାଗିଲା । ସେ ପୁଣି ଥରେ ପଢ଼ିଲା ସେହି ଶୈଶବ ଘଟନା—ମିସ୍ ଲେନ୍‌ଙ୍କ ସମ୍ବନ୍ଧୀୟ କେତେକ ବର୍ଣ୍ଣନା—

"ମୋତେ ପଢ଼ାଉଥାନ୍ତି ଜଣେ ଆଙ୍ଗ୍‌ଲୋ ଇଣ୍ଡିଆନ୍ ମିଷ୍ଟ୍ରେସ୍ । ମୋର ମିଷ୍ଟ୍ରେସ୍ ଥିଲେ ଅତି ଉଚ୍ଚ ଧରଣର ନାରୀ । ତାହାଙ୍କୁ ଧରି ଅନେକ ସମୟ ସନ୍ଧ୍ୟାକାଳରେ ମୁଁ ମଠରେ ଅନେକ ଅଡ଼େ ବୁଲିବାକୁ ଯାଏ । ସେ କେବେହେଲେ ମୋତେ ନେଇ କୌଣସି ସାହେବ ପରିବାରକୁ ଯାନ୍ତି ନାହିଁ । ଯେତେଦୂର ସେ ପାରନ୍ତି, ମୋତେ ଏତଦ୍ଦେଶୀୟ ଭାବରେ ଗଢ଼ିବାକୁ ସେ ଖୁବ୍ ଯତ୍ନଶୀଳା ଥାନ୍ତି । କିନ୍ତୁ ଏହା ବୋଲି ଯେ ସେ ମୋତେ ଜଣେ ପ୍ରାଚୀନପନ୍ଥୀ ବାଳିକା ହେବାକୁ ଶିକ୍ଷା ଦେଉଥାନ୍ତି ଏହା କେବେଁ ନୁହେଁ । ମାତ୍ର ତାହାଙ୍କର ସମସ୍ତ ଯତ୍ନ ଅଳ୍ପକାଳ ପରେ ବିଫଳ ହେଲା । ......

ଷ୍ଟେଟ୍ ଭାଇଟି ସେତେବେଳକୁ ତାର ମାଷ୍ଟର୍ ସାଙ୍ଗରେ ବଗିଚାରେ ବସି ଗପ କରୁଛି । ସନ୍ଧ୍ୟା ହୋଇଗଲାଣି । ମୋର ମିଷ୍ଟ୍ରେସ୍ ଆସି ମୋ ଅପେକ୍ଷାରେ ସେତେବେଳକୁ ବସିଥାନ୍ତି । ସେ' ମୋର ମୁହଁକୁ ଅନାଇ ବଡ଼ ବିଚଳିତା ହୋଇପଡ଼ିଲେ । କିନ୍ତୁ କେବଳ

କାନ୍ଦିବା ଛଡ଼ା ମୁଁ ତାଙ୍କୁ କିଛି କହିପାରିଲି ନାହିଁ । କିଛି ସମୟ ପରେ ମୁଁ ସ୍ଥିର ହୋଇ ପଢ଼ିବା ପାଇଁ ବହି ମେଲାଇଲି । ଜମା ପଢ଼ି ପାରିଲି ନାହିଁ । ମିଷ୍ଟ୍ରେସ୍‌ଙ୍କୁ ଅନୁରୋଧ କଲି କିଛି ଗପ କହିବାକୁ । ସେ ଇଂରେଜୀ ଓ ଭଙ୍ଗା ବଙ୍ଗଳାରେ ଅନେକ ଗପ ଗପିଲେ । ମୁଁ କଥା ଶୁଣୁ ଶୁଣୁ କେତେବେଳେ ଶୋଇ ପଡ଼ିଛି ମୋର ଆଉ ମନେ ନାହିଁ । ସେ ଯେତେବେଳେ ମୋତେ ହଲାଇ ଉଠେଇ ଦେଲେ, ମୁଁ ଆମର ଗଭର୍ଣ୍ଣେସ୍ ମନେ କରି ଚମକି ପଡ଼ିଲି । କିନ୍ତୁ ସେ ହସି ହସି ମୋତେ ଯାକି ଧରି କହିଲେ, ଭୟ କରନା ବେବି, ଯ୍ୟାମ୍ ମିସ୍ ଲେନ୍ ।

"............କାରଣ, ଅଗରୁ ବାପା ଠିକ୍ କରିଥିଲେ ଯେ ମିସ୍ ଲେନ୍ ମତେ ଗୋଟିଏ ଏକମ୍ପ୍ଲିଶ୍ଡ୍ ଗାର୍ଲ ଗଢ଼ିଦେବେ । ସ୍କୁଲ କିମ୍ବା କଲେଜରେ ମତେ ପଢ଼ାଇବାକୁ ବାପାଙ୍କର ଇଚ୍ଛା ନ ଥିଲା । ମିସ୍ ଲେନ୍‌ଙ୍କର ଯତ୍ନରେ ମୁଁ ଆଗ ବର୍ଷରୁ ମାଟ୍ରିକ୍ ପାଶ୍ କରିଥାଏ । କିନ୍ତୁ ଏହା ମଧ୍ୟରେ ଗଭର୍ଣ୍ଣେସ୍ ଯେ ଏପରି ପ୍ରତିବନ୍ଧକ ହୋଇ ଛିଡ଼ା ହେବେ, ଏ କଥା ଆମେ କେହି କଳ୍ପନା କରି ନ ଥିଲୁ । ମିସ୍ ଲେନ୍ ଯେଉଁଦିନ ମୋଠାରୁ ବିଦାୟ ନେଇ ଗଲେ ସେ ଦିନର ଦୃଶ୍ୟ ମୁଁ ଜମା ଭୁଲିପାରିବି ନାହିଁ । ଜଣେ ମେମ୍‌ଙ୍କୁ ଏହା ପୂର୍ବରୁ ମୁଁ କେବେ କାନ୍ଦିବାର ଦେଖି ନ ଥିଲି । କିନ୍ତୁ ମୋର ଅତି ପ୍ରିୟ ମିଷ୍ଟ୍ରେସ୍‌ଙ୍କ ଆଖିରୁ ଲୁହ ଦେଖିବା ମୋ ପକ୍ଷରେ ସ୍ୱପ୍ନାତୀତ କଥା । ସେ କାନ୍ଦିଲେ । ମୁଁ କାନ୍ଦିଲି । ଶେଷକୁ ସେ ବିଦାୟ ନେଇ ଗଲେ ମୁଣ୍ଡରେ ଗୋଟିଏ ଚୁମ୍ବନର ଆଶୀଷ ଢାଳି ଦେଇ ।......

ମା' ମରିବାର ଦୁଃଖ ମୁଁ କିପରି ଅନୁଭବ କରିଥିଲି, ତାହା ମୁଁ ବସ୍ତୁତ

ହୋଇ ଯାଇଥିଲି । କିନ୍ତୁ ମୋର ମିଷ୍ଟ୍ରେସ୍‌ଙ୍କର ବିଚ୍ଛେଦ ଦୁଃଖ ଭୁଲିବାକୁ ମୋତେ ଲାଗିଲା ଅନେକ ଦିନ ।”

ତା’ପରେ ମହେଶ ପଢ଼ିଲା ସିପ୍ରାର କଲେଜ୍ ହଷ୍ଟେଲ୍‌ର ବର୍ଣ୍ଣନା । ତାର ଯୁବକ-ମନ ଏହି ରହସ୍ୟପୂର୍ଣ୍ଣ କଥା ଜାଣିବା ପାଇଁ ମଧ୍ୟ ଟିକେ ଲୋଲୁପ ହେଲା ଯେପରି । ସେ ହଷ୍ଟେଲ୍‌ର ବର୍ଣ୍ଣନାଗୁଡ଼ିକୁ ତନ୍ନତନ୍ନ ଭାବରେ ଥରି ଥରି କରି ପଢ଼ିଲା । ସିପ୍ରା ଏହିସବୁ ଏପରି ପଟୁତାସହ ଲେଖିଛି ଯେ ତାର ଚିତ୍ର ଯେମିତି ମହେଶର ଆଖି ଆଗରେ ସିନେମା ପରି ଖେଳି ଯାଉଥାଏ । ସେ ପଢ଼ିଲା ତହିଁ ମଧ୍ୟରୁ ଗୋଟିଏ ଘଟଣାକୁ ବେଶି ।

“ହଷ୍ଟେଲ୍-ଜୀବନର ଅନୁଭୂତି ମୋର ହେଲା ଏହିଠାରେ । ସେମାନେ ଏତେ କଥା ଜାଣନ୍ତି ଯେ ମୁଁ ତାଙ୍କ ପାଖରେ ଅତି ତୁଚ୍ଛ ବୋଲି ନିଜକୁ ମନେ କଲି । କେଉଁ ଫିଲ୍ମ୍ ଷ୍ଟାର୍ କଥା, କେଉଁ ନାୟିକେନେତ୍ରୀଙ୍କର ଅଙ୍ଗାର ପାଖ ଯେ ସେମାନେ ନ ଜାଣନ୍ତି, ଏପରି କିଛି ବାକି ନାହିଁ । ସେଦିନ ରବିବାର ସକାଳ । ରେଣୁକା, ମୋର ରୁମ୍‌ମେଟ୍ ଆସି ପଚାରିଲା ମତେ, କହିଲୁ ସିପ୍ରା, ଆକ୍‌ଟ୍ରେସ୍ ଭିତରେ ସବୁଠାରୁ ଭଲ କିଏ କିସ୍ କିଏ ଦେଇପାରେ ? ମୁଁ କହିଲି “ଜୁଲିଏଟ୍” କାରଣ ମୁଁ ଦେଖିଥିଲି ଛବିରେ ରୋମିଓ ଏବଂ ଜୁଲିଏଟ୍ । ମତେ ସେଇଟା ଖୁବ୍ ଭଲ ଲାଗିଥିଲା, ଜୁଲିଏଟ୍ ଚୁମ୍ବନ ଦେଇଥିଲା ରୋମିଓକୁ ଅତି ପ୍ରେମର ସହିତ । ହଠାତ୍ ସେ ରୁମ୍‌ର୍ ପଞ୍ଝାଟାଯାକ ଟୋକୀ ହସିଉଠି କହିଲେ, “ଓଲି, ଜୁଲିଏଟ୍ କିଏ କେଜାଣି ଅଛି, ସେ ଫିଲ୍ମ୍ “ଆନା ନାଗଲ୍” । ହସ ଶେଷରେ ରେଣୁକା ବଡ଼ ପାଟି କରି

କହିଲା, "ସିପ୍ରାର ଫେଲ୍, ସବୁ ଚାହିଁ ଭଲ ଆଉ ଲମ୍ବା କିସ୍ ଦେଇ ପାରେ 'ଗ୍ରେଟା ଗାର୍ବୋ'।" ପୁଣି ଥରେ ପରୀକ୍ଷା କଲା ରେଣୁକା ସେ ପଚାରିଲା, "ଗାର୍ବୋର ପେୟାର କିଏ କହିଲୁ ସିପ୍ରା ? କା ସାଙ୍ଗରେ ସେ ବେଶି ପ୍ଲେ କରେ ? ଯେମିତି ଅଶୋକକୁମାର ସାଙ୍ଗରେ ଚିଟ୍‌ନିସ୍ ?" ଏଥିରେ ମୋର ମଧ୍ୟ ପୁଣି ହେଲା ଫେଲ୍ । ମାନସାଙ୍କ ଭାବିଲା ପରି ସତେ ଅଗ ଜିଭରେ ମୋର ସେ କଥାଟି ଅଛି ମୁଁ କହିପାରୁ ନାହିଁ, ଏଇପରି ଭାବ କରି ମୁଁ ରହିଲି । ମୋର ଗାଲରେ ଗୋଟା ହାଲ୍କା ଚଟ୍‌କଣି ମାରି ରେଣୁକା କହିଲା ହସି ହସି, "ଗାର୍ବୋର ପ୍ଲେମେଟ୍ 'ରବର୍ଟ୍ ଟେଲର୍' ।"

ମହେଶର ପଢ଼ାରେ ଏହିଠାରେ ବ୍ୟାଘାତ ଜନ୍ମିଲା । ସେ ଯେପରି ଚାହିଁଲା ରେଣୁକାକୁ, ଆଉ ସ୍ମରଣ କଲା ସିପ୍ରାର ଛଳ ଛଳ ଗାଲକୁ । ରେଣୁକା କେଡ଼େ ଦୁଷ୍ଟ, କଥା କହୁଁ କହୁଁ ଫିଜିକାଲ୍ ଅପୋଜିଶନ୍......... ! !

ଏହି ସମୟରେ ତାର ଭାବନାରେ ମଧ୍ୟ ବ୍ୟାଘାତ ପହଞ୍ଚିଲା। ସେ ଶୁଣିଲା ସିପ୍ରାର ସ୍ୱର, ସିପ୍ରା ଉଚ୍ଚ ସ୍ୱରରେ କଣ ଗୁଡ଼ାଏ ପ୍ରଗଲ୍‌ଭ କହୁଛି । ସେ ଖାତା ସେହିଠାରେ ପକାଇ ଦେଇ ଦୌଡ଼ିଆସିଲା ସିପ୍ରାର ଶଯ୍ୟା ପାଖକୁ । ଦେଖିଲା, ସିପ୍ରା ଚିତ୍ ହୋଇ ଶୋଇ ବିଲିବିଲଉଛି । ସେ ତାକୁ ହଲାଇ ଜାଗ୍ରତ କରି କହିଲା, 'ଏ କଣ ହଉଛି, ସିପ୍ରା !'

ତା'ପରେ ମହେଶ ଆଉ ସେହି ଜୀବନ-କାହାଣୀ ପଢ଼ିବାକୁ ଗଲାନି, ସେ ଘରକୁ ବି ଗଲାନି । ସେହିଠାରେ, ସେହି ଶଯ୍ୟାରେ, ସିପ୍ରା ପାଖରେ ଶୋଇ ପଡ଼ିଲା, ସତ୍ୟ ଭଙ୍ଗ କରି ।

"ତା' ପରେ ସେ ହଷ୍ଟେଲରୁ ମୁଁ ଚାଲି ଆସିଲି, ତାର ପରିସ୍ଥିତି ମୋ ପକ୍ଷରେ ମୋଟେ ସ୍ୱାସ୍ଥ୍ୟପ୍ରଦ ନୁହେଁ ମନେକରି । ଆଉ କିଛିଦିନ ପରେ, ପ୍ରାୟ ଇଣ୍ଟରମିଡିଏଟ ପାଶ୍ ପରେ ସେ କଲେଜ ବି ଛାଡ଼ିଦେଲି । ତା' ପରେ ମୋର ଜୀବନର ଆଉ ଗୋଟିଏ ଅଧ୍ୟାୟ ଆରମ୍ଭ । ବୋଧହୁଏ ସେହି ଅଧ୍ୟାୟର ଘଟଣାର ତରଙ୍ଗାଘାତରେ ମୁଁ ଆସିଲି ବଙ୍ଗୋପସାଗର ବେଳା ଛାଡ଼ି ଏହି ଆରବ ସମୁଦ୍ରର ସୈକତକୁ ।"

"ହିଁ, ମୁଁ ତତେ କଣ କହିବାକୁ ଇଚ୍ଛା କରୁଚି ଜାଣୁ ମହେଶ ?"

ମହେଶ ଖାତା ଉପରୁ ମୁହଁ ଉଠେଇ ଚାହିଁଲା ବିପିନର ମୁହଁକୁ । ବିପିନ ଟାଇ ଖୋଲି ଖୋଲି ପୁଣି କହିଲା ମହେଶକୁ—

ଜାଣିଲୁ ମହେଶ, ଏଇ ବୁଲବୁଲିଗୁଡ଼ା ଏଥର ବନ୍ଦ କର । ଜମିଦାରୀପତ୍ର ତ ମେନେଜର ବୁଝୁଛନ୍ତି । ତୁ ଗୋଟା ମସ୍ତ ସଂସାର ଫାନ୍ଦ ବସ ଏଥର । ଛୁଟିରେ ଗଲେ ମୁଁ ହୁଏତ ଠିକେ ଆରାମରେ ସେଠି କଟେଇ ଆସିବି ।

କାହିଁକି, କେବେ କ'ଣ ଅଶାନ୍ତି ତୁ ଆମ ଘରେ ପାଇଚୁ ? ବଳିଆ ତ ଯେକୌଣସି ଗୃହିଣୀଠାରୁ ମଧ୍ୟ ଅଧିକ ଯତ୍ନ ନିଏ ବନ୍ଧୁ-ବାନ୍ଧବଙ୍କର । ଆଉ ତୁ ତ ମତେ ଆଗରୁ ଏ ବିଷୟରେ କିଛି କହିନୁ ତମା ? ବଡ଼ ଅବିଶ୍ୱାସୀ ତୁ ବିପିନ୍—କହିଲା ମହେଶ ।

ବଡ଼ ତ ଜିଅଲି, ମୁଁ ତତେ କହିଲି କଣ, ଆଉ ତୁ ବୁଝିଲୁ ଗୋଟା ଅଲଗା । ତମ ଭଳିଆ ଅମୀରଙ୍କ ଘରେ କେବେ ଆଦର ଆପ୍ୟାୟନର ତ୍ରୁଟି ହୁଏ, ମହେଶ ? ମୁଁ କହିଲି, ମହେଶର କୋଳୁ

ଆସିଲେ ମହେଶର ଘରଟା ବଡ଼ ଲୋଭନୀୟ ହୋଇଉଠିବ । ସେଠି କିଛିକାଳ ରହିଲେ ବି ଜମା ଅପ୍ରୀତିକର ଲାଗିବନି ମୋତେ । ଅଉ ତୁ ଭାବିଲୁ ମୁଁ ତମ ଘରେ ଓପାସ ରହି କୋଉଦିନ ଗିମିତ ଫେରଗ !

ବିପିନ୍‌ର ଏ କଥା ଶୁଣି, ମହେଶ ପୁଣି ସେଥିରୁ କୁଟି ବାହାର କରି କିଛି କହିବାକୁ ଭାବୁଥିଲା, ମାତ୍ର ଅକାରଣେ ଏ ସମୟଗୁଡ଼ାକୁ ନୀରସ ଗଦ୍ୟରେ ପରିଣତ କରିବାକୁ ତାର ଇଚ୍ଛା ହେଲା ନାହିଁ, ଏଣେ ପୁଣି ତାର ହାତରେ ନଭେଲ୍ ଗୁଡ଼ିଏ ମଧ୍ୟ ଅଧିକ ଚିତ୍ତାକର୍ଷକ ଲେଖା ସିପ୍ରାର ଇତିହାସ, ତଥ୍ୟାଞ୍ଜଳି ।

ହଠାତ୍ ଭିବାନ୍ତର ଆଣି ମହେଶ କହି ଉଠିଲା—ଆଚ୍ଛା, ବିପିନ୍ ତୋର ଏଇ ପେଙ୍ଗୁଇନ୍ ବହିଗୁଡ଼ାକ ଭିତରୁ ମୁଁ ଗୋଟା ଫଟୋ ପାଇଛି । ଭାରି ସୁନ୍ଦର ଚେହେରା । ଫଟୋଟା ବୋଧେ ଜଣେ ସମ୍ଭ୍ରାନ୍ତ ବାଳିକାର । ଦେଖିଛୁ ତୁ ?

ନା ତ, ଗୋଟା ବାଳିକାର ଫଟୋ ଏଠି ଆଣି ମୁଁ ତ କେବେ ରଖିବାର ମନେ ହଉନି ! ନିଜର ଓ୍ୱାଇଫ୍‌ର ଖଣ୍ଡେ ଫଟୋ ତ ମୋ ପାଖରେ ନାହିଁ, ଆଉ ଅନ୍ୟ ଛବି ଗୋଟେଇବାକୁ ବେଳ କାଇଁ ? କାଇଁ, ଦେଖେଇଲୁ ସେ ଛବି ?

ବୋଧହୁଏ କୌଣସି ବନ୍ଧୁ ପଢ଼ିବାକୁ ନେଇଛନ୍ତି ତୋର ବହି—ଭୁଲ୍‌ରେ ଏ ଫଟୋଟା ଏଥିରେ ରଖି ଦେଇଚନ୍ତି—କହି ମହେଶ ତାର ଡାଏରୀ ଭିତରୁ ଖଣ୍ଡେ କାର୍ଡ଼୍ ସାଇଜ୍‌ର ବଷ୍ଟ୍ ଫଟୋ ବାହାର କରି ଦେଲା ବିପିନ୍ ହାତକୁ । ପ୍ରୋଜେକ୍ଟେସନ୍ କପି ଭଳି ସେ ଫଟୋ ଖଣ୍ଡିକ ।

ବାଃ, ଏ ତ ମମ୍ତାଜ ବେଗମ୍ । ଫଟୋକୁ ଦେଖି ଦେଖି ମନ୍ତବ୍ୟ କଲା ବିପିନ୍ ।

ବଡ଼ ଅସନ୍ତୁଷ୍ଟ ହୋଇଉଠିଲା ମହେଶ—ବିପିନ୍ ଏଭଳି ଉପମା ପ୍ରୟୋଗ କରିବା ଦେଖି । ତଥାପି ତାହା ସେ ପ୍ରକାଶ ନ କରି କହିଲା ଅନ୍ୟଭାବରେ—

କାହିଁକି, ନୁର୍ଜାହାଁ କାହିଁକି ନ ହେବ ? ବୋଧହୁଏ ବମ୍ବେର ମୁସଲମାନ ନାରୀମାନେ ଆଜିକାଲି ଖୁବ ହିନ୍ଦୁଆଣୀ ଦେଖେଇଲେଣି ପୋଷାକରେ ।

ବଡ଼ ଅପ୍ରସ୍ତୁତ ହେଲେ ବିପିନ୍ । ସେ ଭାବି ନ ଥିଲା, ଏତେ ସାମାନ୍ୟ କଥାରେ ମଧ୍ୟ ସେ ପରାସ୍ତ ହୋଇ ଯାଇପାରେ । ନିଜକୁ ଯଥାସମ୍ଭବ ସାହିତ୍ୟିକ ମନେକରି ସେ କଥା କାଟିବାକୁ ମନେ-କଲା ମହେଶର । ଭାବିଲା, ସେ କ'ଣ କହିଲେ ଠିକ୍ ତାର କଥାର ସମର୍ଥକ ହେବ ।

ମହେଶ କିନ୍ତୁ ଏତେ ଡେରି ସମ୍ଭାଳି ପାରିଲା ନାହିଁ । ବିପିନ୍‌ର ଏ ସାମାନ୍ୟ ଜ୍ଞାନର ଅଭାବ ଲକ୍ଷ୍ୟ କରି ସେ ହସ ଗୁପି କହିଲା—ବୋଧହୁଏ କୌଣସି ପରିଚିତା ଫିଲ୍ମ୍ ଷ୍ଟାର୍, ଯାହାକୁ କି ତୁ ମୁସଲମାନ ବୋଲି ଜାଣିଚୁ । ଅଥଚ ସେ କୌଣସି ଅଭିନୟ ସମ୍ପର୍କରେ ଗ୍ରହଣ କରିଚି ଏହି ହିନ୍ଦୁନାରୀର ବେଶ ।

ଏହି ଦାଗ୍ ନିର୍ଦ୍ଦେଶ ଯୁକ୍ତି ହିସାବରେ ସଙ୍ଗତ ହେଲେ ମଧ୍ୟ ବିପିନ୍‌କୁ ପଇଠିଲା ନାହିଁ । ଏହାପରେ ପୁଣି ପୂର୍ବର ଭୁଲ୍ ଏ ଉଭୟ ତାର ସମ୍ଭ୍ରମତାରେ ଘୋର ଆଘାତ କଲା ଯେପରି ।

କିନ୍ତୁ ଆଜ ଗୋଟା ମସ୍ତ ଭୁଲ୍ କରୁଛୁ ବିପିନ୍ । ଗୋଟିଏ ଜୀବନ୍ତ ତନ୍ୱୀ ନବୀନାକୁ ଜଣେ ବିଗତା, ହୁଏତ ବୃଦ୍ଧା ବି ହୋଇଥିବେ, ବେଗମର ନାମରେ ସମ୍ବୋଧନ କରି ।............ଆଚ୍ଛା, କହିଲୁ ବିପିନ୍, ସାହାଜାହାଁ ତାଙ୍କର ଯୁବକ ବୟସରେ, କି ପ୍ରୌଢ଼, କି ବୃଦ୍ଧ ବୟସରେ ମମତାଜଙ୍କର ମଶାଣିରେ ସମାଧି ତିଆରି କଲେ ?

ମାତ୍ର ତାଙ୍କର ମଲାବେଳକୁ ତାଜମହଲ ତିଆରି ହୋଇ-ସାରିଥିଲା । ସେ ଆଓରଂଜେବଙ୍କ ହାତରେ ବନ୍ଦୀ ହୋଇ ସେହି ମହଲକୁ ଚାହିଁ ଚାହିଁ ଯେ ମରିଥିଲେ, ଏ କଥା ତୁ ଅସ୍ୱୀକାର କରି ପାରିବୁ ନାହିଁ, ମହେଶ !

ମହେଶ ବିପିନ୍‌ର ସଙ୍ଗତହୀନ କଥା ଶୁଣି ନ ହସି ରହି ପାରିଲା ନାହିଁ । ସେ ହସୁ ହସୁ କହିଲା, ମୁଁ କାହିଁକି, ତୁ ବି ଅସ୍ୱୀକାର କରିପାରିବୁ ନାହିଁ, ବିପିନ୍ ।...ଆଚ୍ଛା, ତୁ ଏ ପେଙ୍ଗୁଇନ୍‌ଗୁଡ଼ାକ ଆଣି ଜମେଇଛୁ ନା, ଟିକେ ଟିକେ ଖୋଲଉ କେତେବେଳେ ?

ବିପିନ୍ ଟାଇ ଖୋଲି, କଲର୍‌ଟା ବି ଖୋଲିସାରିଥିଲା; କମିଜର ବଟନ୍ ଫିଟାଇ, ପ୍ୟାଣ୍ଟ ତଳୁ ତାହାର ଅତିରିକ୍ତ ଅଂଶଟାକୁ କାଢ଼ି କାମିଜ୍‌ଟାକୁ ମୁଣ୍ଡବାଟେ ଉଠେଇ ବାହାରକଲା ।

ଏହି ସମୟରେ ଚାକର ଆଣି ସେଇ ଘରେ ଚା ପହଞ୍ଚାଇଲା । କେଟ୍‌ଲିରୁ ଗୋଟା ଗୋଟା କପରେ ଚା' ଢାଳି ଚିନି ମିଶାଇବାକୁ ଲାଗିଲା । ମହେଶ କହିଲା, ଟିକେ ବେଶିକରି ଚିନି ଦେ ମୋ କପ୍‌ରେ ।

ବିପିନ୍‌ର ମୁହଁରେ ପୁଷମାସର ଲୁହୁଡ଼ି । ଚା'ରେ ଓଠ ବଜେଇ ଟିକେ ଶୀତଳେଇ ନେଇ ମହେଶ କହିଲା ବିପିନକୁ ଉଦ୍ଦେଶ୍ୟ କରି,—

ବୋଧହୁଏ ତାର ଏହି ଗମ୍ଭୀରତା ଆଉ ନୀରବତା ମହେଶକୁ ଅସ୍ୱସ୍ତିକର ମନେ ହେଲା ।

ମୁଁ କାଲି ଏଠୁ ଚାଲିଯାଉଛି ବିପିନ୍ !

ମହେଶର ବନ୍ଧୁତାକୁ ନ ହେଲେ ମଧ୍ୟ ମହେଶର ଧନୀକତା ଏବଂ ଆଭିଜାତ୍ୟ ସ୍ମରଣ କରି ବିପିନ୍ ଯେପରି ଟିକେ ବ୍ୟଗ୍ର ଓ ନମ୍ର ହୋଇଉଠିଲା । ସେ କହିଲା,—ମାନେ, ତୁ କାଲି ବମ୍ବେରୁ ଚାଲିଯାଉଚୁ !

ମହେଶ କହିଲା,—ନା, ବମ୍ବେରୁ ଯାଉନି, କିଛିଦିନ ପରେ ଯିବି । କେତେକ ପରଚେଜ୍ ଅଛି ଯେ, ମୋର ମାରେଜ୍ ହଉଛି ନା ବିପିନ୍, ସେଇଥିଲାଗି କିଛି ବମ୍ବେ ମାର୍କେଟର ପରଚେଜ୍ ନେବାକୁ ମାନେଜର ଲେଖିଚନ୍ତି ।......ଆଉ ଜାଣିଲୁ ବିପିନ୍, ସେଇ ପିଲାଟା କାଲେ ମୋତେ ମ୍ୟାରି କରିବାକୁ ଚାହେଁ, ଫଟୋଟା ପଠେଇଚନ୍ତି ମୋର ପସନ୍ଦଲାଗି ଆମ ମେନେଜର ।

ଏଇ ଫଟୋ ! ବାଃ, ଚମତ୍କାର ! ଝିଅର ନାଁ କଣ, ମହେଶ ? ବିପିନ୍‌ର ଭାବ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲା । ସେ ଅନ୍ତରଙ୍ଗତାର ସହିତ କହିଗଲା କଥାଟିକ ।

ବୋଧହୁଏ ଅପ୍ସରୀ, କହିଲା ମହେଶ ।

ଅପ୍ସରୀ, ତା କେମିତି ହବ । ଉର୍ବଶୀ କି ମେନକା କି ଆଉ କିଛି; ଅପ୍ସରୀ ଯେ ଗୋଟା ଜାତି ।

ବିପିନ୍‌ର ଏପରି ଏହି ସାଧାରଣ ଜ୍ଞାନର ଉନ୍ମେଷରେ ବଡ଼ ଆନନ୍ଦିତ ହେଲା ମହେଶ । ସେ ଖୁସିହୋଇ ବିପିନ୍ ହାତକୁ ତାର ଚୁଁ କିପୁଟା ବଢ଼େଇ ଦେଇ କହିଲା—

# ଶତାବ୍ଦୀର ସ୍ୱପ୍ନଭଙ୍ଗ

କିନ୍ତୁ ଜାଣୁ ବିପିନ୍, ହୁଁ ଅଛା ଏକଦମ୍ ଅଲ୍‌ଟ୍ରା ମଡର୍ଣ୍ଣ୍ ! ଖାନ୍‌ସାମା ହାତରେ ଖାଏ । ଯଥା ପୂର୍ବଂ ତଥା ପରଂ ତୋ ଦଶା, ତୁ ଗଲେ ସେହି ପୂଜାଘରିହିଁ ହେବ ଗୃହିଣୀ । ଏଥିଲାଗି ମୁଁ ଏଥିରେ ସମ୍ମତ ନୁହେଁ ବିପିନ୍ ।

ଖୁବ୍ ଜୋରରେ ତବଲାରେ ତାଳ କାଟିଲାପରି ବିପିନ କହି-ଚାଲିଲା; ଏହି ବମ୍ବେ ହୋଟେଲରେ ବସି ସେହି ଓଡ଼ିଶୀ କଥା ଗୁଡ଼ା କହନା ମହେଶ ! ଗୋଟା ମୁଡ୍ କୁ ତୁ ଏଥିଲାଗି ହରେଇବୁ ମହେଶ !

ମହେଶ ଯେପରି ଅଜ ଗୋଟା ଇନ୍ଦ୍ରଟେନୁ ଦେଖିଲା । ସେ ଅଟ୍ଟେଜିଲ୍ ଶବ୍ଦରେ, ଆଜ ବର୍ତ୍ତିମାନ ବିପିନର ମୁଡ୍ ଢେରେ ଏପରି ଯୋଡ଼ାଏ ଇନ୍ଦ୍ରଧନୁର ବର୍ଣ୍ଣରେ ଅନ୍ତରେ ତାର ଭାସ୍ୱର ଓ ରଞ୍ଜିତ ହୋଇଉଠିଲା । କିନ୍ତୁ ମୁହଁ ଉପରେ କଳାହାଣ୍ଡିଆ ମେଘ ଖେଳେଇ ସେ କହିଲା—

ଖାଲି ସେ ଟେବୁଲରେ ବସି ଖାନସାମା ହାତରେ ଖାଇଲେ ମୁଁ ତ ଆଜ ସ୍ୱର୍ଗକୁ ଯିବିନି !

ଆଜ କଣ ପାଗଳପରି ତୋ ସାଙ୍ଗରେ ଟ୍ରାଭଲ୍ କଲେ ନା ! ଏହା କହି ଗ୍ଲୁ’ତକ କପ୍‌ରୁ ଶେଷକଲା ବିପିନ୍ ।

ତୁ ଜମା ମତେ ବୁଝିପାରନୁ, ବିପିନ୍ । ଦହେଁ ସାଙ୍ଗହୋଇ ଏକାଠି ପାଠ ପଢୁଥିଲେ । ତୁ ଆ ଭିତରେ ବାହା ହୋଇ ପିଲାର ବାପ ହେଲୁଣି । ଆଜ ମୁଁ ସେହି ଅବିବାହିତ—ଅଥଚ ଧନର ମୋଟେ ଅଭାବ ନାହିଁ । ଏଭଳି ସୈତାନ୍ କଣ ଖାଲି ରୂପରେ ଶାନ୍ତ ହୁଏ ବୋଲି ତୁ ଭାବୁ ?

# ଶତାବ୍ଦୀର ସ୍ୱପ୍ନଭଙ୍ଗ

ବଡ଼ ଭୁଲ୍ କରୁଚୁ ତୁ, ମହେଶ । ଏପରି ଉଦ୍ଦେଶ୍ୟହୀନଭାବରେ ଘୂରି ବୁଲି ଲାଭ ହେବନାହିଁ ଜୀବନରେ ।—ବିପିନ ଏହିତକ କହିଲା ମହେଶକୁ, ଆଉ କୌଣସି ଯୁକ୍ତି ତା ମୁଣ୍ଡରେ ନ ଜୁଟିବାରୁ ।

ଏହି ସମୟରେ ଗୋଟା ଫାୟାର୍ ବ୍ରିଗେଡ୍ ଟଂ ଟଂ ଘଣ୍ଟି ବଜେଇ କାନଅତରା ଫଟେଇ ସେହି ଘର ଆଗର ରାସ୍ତାରେ ପାଶ୍ କଲା । ମହେଶର ହୋସ୍ ହେଲା ଏତେବେଳକେ ଯେ, ସେ ଏତେଗୁଡ଼ାଏ ସମୟ ଖୁବ୍ ଶୁଷ୍କଭାବରେ କଟେଇ ଦେଇଛି । ହାତର ସେ ଖାତାଟା ବି ସ୍ଥାନଭ୍ରଷ୍ଟ ହୋଇଚି ଅଥଚ ସେ ବିଷୟଟା ଏପର୍ଯ୍ୟନ୍ତ ଧରି-ପାରି ନାହିଁ । ସେଥିରେ ଆଉ ମନ ନ ଦେଇ ସେ ପୋଷାକ ପିନ୍ଧିବାକୁ ଉଠିପଡ଼ିଲା । ବିପିନ୍ ମହେଶର ଏ ସଜବାଜ ହେବା ଦେଖି କହିଲା, ନା ତ ମୁଁ ଅଫିସ୍‌ରୁ ଆସିଲାବେଳକୁ ତୁ ଅବ୍‌ସେଣ୍ଟ୍ । କୁଆଡ଼େ ଏତେ ଯାଉଚୁ କହିଲୁ ? ରାତିରେ ମଧ୍ୟ ଏତେ ରହୁଚୁ କେଉଁଠି ? ଧନେ ସାଙ୍ଗହେଇ ଏଠି ସିନେମା— ଆଜ୍ଞାଯାଏ ଯାଇନା । ତୁ ଆଜ୍ଞା କୁଆଡ଼େ ଯାଇପାରିବୁନି ।......ହିଁ ତୁ ପରା କହୁଚୁ, କାଲି କୁଆଡ଼େ ବମ୍ବେକୁ ଚାଲିଯିବୁ ।

ନା ତ, କାଲି ମୁଁ ବମ୍ବେକୁ ତ ଯାଉନାହିଁ । ତୋର ଏ କ୍ୱାର୍ଟରରୁ ନେବି ବିଦାୟ । ତୋର ଆତିଥ୍ୟରେ ମୁଁ ଅତି ଧନ୍ୟ ହେଇଛି ବିପିନ୍ ।

ଏଠୁ ଚାଲିଯିବୁ ? ଆଉ ରହିବୁ କେଉଁଠି ? ବୋଧହୁଏ କୌଣସି ହୋଟେଲ୍‌ରେ । ତାଜମହଲରେ କାଲୁ ରହନା, ଭାରି ଅର୍ଥ ନଷ୍ଟ ହୁଏ ସେଠି ।

ମୋର ମ୍ୟୁଜିୟମ୍ ଉପରେ ବେଶି ଶ୍ରଦ୍ଧା ନାହିଁ ବିପିନ୍, ଯଦିଓ ମୁଁ ଜଣେ ଟ୍ରଷ୍ଟି । ଗୋଟା ମଲା ସ୍ତ୍ରୀ ନାଁ ଉପରେ ତିଆରି ହୋଇଥିବା ଅଟ୍ଟାଳିକା ଅପେକ୍ଷା କୌଣସି ଜୀବନ୍ତ ନାରୀର ସ୍ନେହାର୍ଦ୍ର କୁଟୀର ମୋତେ ଅଧିକ ଆନନ୍ଦ ଦେବ ବିପିନ୍ । ମୁଁ ସେହିଭଳି ଏକ ଜାଗାରେ ରହିବି ।

ବିପିନ୍ ଭାବିଲା, ସେହିଭଳି ଏକ ଜାଗାରେ—ସେ ଯେପରି କୌଣସି କଥା ସ୍ମରଣ କରିପାରିଲା, କହିଉଠିଲା ମହେଶଙ୍କୁ ଉଦ୍ଦେଶ୍ୟ କରି—

ଅଚ୍ଛା, ମହେଶ, ମେହେଟା କହୁଥିଲେ……

ମହେଶ ରିଷ୍ଟୱାଚ୍‌ରୁ ଟାଇମ୍ ଦେଖୁ ଦେଖୁ କହିଲା, ମୁଁ ଜାଣିଛି ବିପିନ୍, ମେହେଟା ତତେ ମୋ କଥା କିଛି କହିଛନ୍ତି, ତୁ ମତେ ମୋର ବାହାଘର କଥା କହିଥିବେକି ।

ସେ କଣ ଭୁଲ୍ କହିଛନ୍ତି ? ବିପିନ୍ ପ୍ରଶ୍ନ କଲା ।

ନା, ଠିକ୍ କହିଚନ୍ତି । ଏଇ ଫଟୋଟା ଡାରି, ତୋ କଥାର ମିସ୍ ସେନ୍, ଯାହାକୁ ମୁଁ ବାହା ନ ହେବ ବୋଲି କହିବାରୁ ତୁ ହେଲୁ ବଡ଼ ଅସନ୍ତୁଷ୍ଟ ।

ବିପିନ୍ ମହେଶର ଏ କଥା ଶୁଣି ନିର୍ବାକ ହୋଇପଡ଼ିଲା । ସେ ଆଜି ବନ୍ଧୁଭାବରେ ମହେଶ ପାଖରେ ଡିଫିଟ୍ ହୋଇଛି । ପୁଣି ଯଦି ଏ ବିଷୟରେ ଅର୍ଥାତ୍ ଯାହାକୁ ମହେଶ ବାହା କରୁ ବୋଲି ନିଜର ଦୃଢ଼ମତ ଜଣାଉଥିଲା, ସେ ବିଷୟରେ ମହେଶ କିଛି ପଚାରେ ତ ସେ ବଡ଼ ଅଡ଼ୁଆରେ ପଡ଼ିବ । କୌଣସିମତେ ମହେଶଙ୍କୁ

ବର୍ତ୍ତମାନ ପାଇଁ ଭୁଲିଇ ପାରିଲେ ଖୁବ୍ ସୁବିଧାର କଥା ହେବ । ଏହା ଭାବି ସେ ମହେଶଙ୍କୁ ଅନୁରୋଧ କଲା, ତା ସାଙ୍ଗରେ ଆଜି ସିନେମା ଦେଖିଯିବାପାଇଁ ।

କିନ୍ତୁ ବିପିନ୍‌ର ଆଶଙ୍କାକୁ ସତ୍ୟ କରି ମହେଶ ଜିଜ୍ଞାସା କଲା ବିପିନକୁ ତାର ମତ ।

ବିପିନ୍ ବଡ଼ ଦ୍ୱିଧାରେ ପଡ଼ିଲା । କିଛି ସମୟ ଚିନ୍ତା କରି ନିଜର ବୁଦ୍ଧି ଉପରେ ନିର୍ଭର କରି ସେ କହିଲା ମହେଶକୁ—

କିନ୍ତୁ ତାର ଚରିତ୍ର ବିଷୟରେ—

ବିପିନ୍, କୌଣସି ଲୋକ, ତାହାର ପତ୍ନୀ ବିଷୟରେ, ସେହି ପତ୍ନୀର ପିତୃଗ୍ରାମର ଲୋକ ଯାହା ଜାଣିପାରିଥାଏ, ବୋଧହୁଏ ତାହା ଜାଣିପାରେ ନା । କିନ୍ତୁ ଯେ ସେହି ପିତୃଗ୍ରାମର ଲୋକପରି ସବୁ କଥା ଜାଣି ମଧ୍ୟ ତାହାର ପତ୍ନୀକୁ ଭଲପାଇ ପାରେ, ପ୍ରେମ କରିପାରେ, ସେ କଣ ଯଥାର୍ଥ ଭଲ କାମ କରେ ନା ?

ବିପିନ୍ ଦେଖିଲା, ସେହି ବାଳିକାର ଫଟୋ ପରି, ଯୁକ୍ତି ହିସାବରେ ମହେଶର କଥାଗୁଡ଼ିକ ଅତି ସୁନ୍ଦର । କିନ୍ତୁ ତାର ହୃଦୟ-ଦ୍ୱାରରେ ସେହି କଥାର ଅଭ୍ୟର୍ଥନା ପାଇଁ କୌଣସି ଆୟୋଜନ ନ ଥିବାରୁ, ଶତ ଶତ ଚରିତ୍ରହୀନା ଏବଂ ସେମାନଙ୍କର ଅମ୍ଳାନ ବ୍ୟକ୍ତିତ୍ୱ ଭଳି, ମହେଶର ଏହି ଯୁକ୍ତିସଙ୍ଗତ କଥାଗୁଡ଼ିକ ମଧ୍ୟ ବିପିନ୍ ହୃଦୟର ବହିର୍ଦ୍ଦେଶରେ ଅନଭ୍ୟର୍ଥିତ ହୋଇ ରହିଲା ।

ଦୁହେଁ ବାହାରି ପଡ଼ିଲେ ପଦାକୁ ଚାଲି ଚାଲି । ବାଟରେ ଆସି ଗୋଟିଏ ଟାକ୍‌ସି ଧରି ସେମାନଙ୍କର ଗନ୍ତବ୍ୟ ସ୍ଥାନକୁ ଗାଡ଼ି ଚଲାଇବାକୁ ଡ୍ରାଇଭର୍‌କୁ କହିଲେ ।

ଏ ହେଉଛନ୍ତି ବିପିନ୍ ବାବୁ, ମୋର ପ୍ରିୟ ବନ୍ଧୁ ।

ମହେଶ କହିବା ସଙ୍ଗେ ସଙ୍ଗେ ସିପ୍ରା ନମସ୍କାର କଲା ବିପିନ୍‌କୁ ।

ଆଜି ଏ ହେଉଛନ୍ତି ଅବିବାହିତା ସିପ୍ରା । ମୋର ସଙ୍ଗିନୀ ଭାବରେ କିମ୍ବା ଜଣେ ସ୍ୱାଧୀନଭର୍ତ୍ତିକା ଭାବରେ ତାଙ୍କର ପରିଚୟ ଗ୍ରହଣ କରିପାରନ୍ତି ବିପିନ୍‌ବାବୁ ।

ସିପ୍ରା ବିପିନ୍‌କୁ ନମସ୍କାର କରିଥିବା ସମୟରେ ବିପିନ ମଧ୍ୟ ସିପ୍ରାକୁ ପ୍ରତିନମସ୍କାର କରିଥିଲା । ବର୍ତ୍ତମାନ ବିପିନ୍ କେବଳ ଦୁଇ ହାତକୁ ଏକତ୍ର କରି ଗତ ନମସ୍କାରର ସ୍ମୃତି ତାହା ଭିତରେ ଅଛି-ବୋଲି, କିମ୍ବା ଆଜି କୌଣସି କାରଣରୁ ଅଙ୍ଗୁଳିଗୁଡ଼ିକୁ ମକଚିବାକୁ ଲାଗିଲା ।

ବିପିନ୍ ଏଠାକୁ ଆସି ଯେପରି ଅପ୍ରତିଭ ହୋଇପଡ଼ିଛି । ଏହି ବମ୍ବେ ସହରରେ ଅଳ୍ପ ଚାରି ପାଞ୍ଚବର୍ଷ ହେବ ରହି ମଧ୍ୟ ସେ ଏହି ବିରାଟ ସହରକୁ ଭଲଭାବରେ ବୁଲି ଦେଖି ନାହିଁ । ତାହାପରେ ଏପରି କୌଣସି ସ୍ୱାଧୀନ ମହିଳା ସଙ୍ଗରେ ପରିଚିତ ହେବା ତ ସ୍ୱପ୍ନର କଥା । ସେ ଭଲ ତ ତାର ଅଫିସ୍ ଭଲ । କୌଣସି ରେମାନ୍‌ସ୍ କିମ୍ବା ପ୍ରଗତି ଭିତରକୁ ତାର ଗୋଡ଼ ବଢ଼ାଇବାକୁ ସାହସ ତ ଦୂରର କଥା, ସୁଯୋଗ ମଧ୍ୟ ପାଏ ନାହିଁ । ସେ ଆସୁଥିଲା ମହେଶକୁ ସଙ୍ଗରେ ଧରି ଛବି ଦେଖିବାକୁ । କିନ୍ତୁ ମହେଶ ଡ୍ରାଇଭର୍‌କୁ ନିର୍ଦ୍ଦେଶ କରିବାମତେ ଯେତେବେଳେ ଟାକ୍‌ସି ଆସି ସିପ୍ରାର ଗୃହ ଆଗରେ

ପହଞ୍ଚିଲା ସେତେବେଳେ ବିପିନ୍ କୌଣସି ଆପତ୍ତି କରି ପାରିନାହିଁ । ତାର ବୋଧହୁଏ ଦ୍ୱିତୀୟ ଚନ୍ଦ୍ର ପଡ଼ିଛି ବୋଲି ଭାବୁଥାଏ ବିପିନ; ନ ହେଲେ କଥା କଥାକେ ମହେଶ ପାଖରେ ସେ ଏପରି ବିବ୍ରତ ହୁଅନ୍ତା କାହିଁକି । ପ୍ରତ୍ୟହ ଯେ ଏକାଧିକ ମଣିଷଙ୍କ ଉପରେ ପ୍ରଭୁତ୍ୱ କରେ ଅଫିସ୍‌ରେ, ଆଜି ସେ ତାର ବନ୍ଧୁ ପାଖରେ ପରାସ୍ତ ହେଉଛି ଭାବି ଅନ୍ତରରେ ଟିକିଏ ଶଙ୍କିତ ହୋଇଥାଏ ବିପିନ୍ । ତେଣୁ ସେ ମହେଶର କୌଣସି କାର୍ଯ୍ୟ ବା କଥାର ପ୍ରତିବାଦ କରି ପୁଣି କୌଣସି ଅମଙ୍ଗଳ ବରଣ କରିବାକୁ ସାହସ ନ କରି, ମହେଶ ସହ ଏଠି ଆସି ପହଞ୍ଚିଲା । ଘର ଓ ଗୃହୋପକରଣର ଆଭିଜାତ୍ୟପୂର୍ଣ୍ଣ ଆଡ଼ମ୍ବର ଦେଖି ସେ ବଡ଼ ସନ୍ତୁଷ୍ଟ ହେଲା ପରି ଜଣାଯାଉଥାଏ ।

ସିପ୍ରାର ବେଶରେ ଆଜି କୌଣସି ଆଡ଼ମ୍ବର ନ ଥାଏ ତଥାପି ମଧ୍ୟାହ୍ନର ସୂର୍ଯ୍ୟ ଭଳି ମେଘହୀନ ଆକାଶରେ ସେ ଯେପରି ଶୋଭା ପାଉଥାଏ । କାରଣ, ତାର ପରିଧେୟ ଥାଏ ଫିକା ନୀଳ ରଙ୍ଗର ଯାହାକୁ କି ସି-ଗ୍ରୀନ୍ କହିଲେ ଠିକ୍ ହେବ, ଏହିପରି ଖଣ୍ଡେ ରେଶମ ଶାଢ଼ୀ । ବିପିନ୍ ଯେପରି ସିପ୍ରାକୁ ବେଶି ଚାହିଁ ପାରୁ ନ ଥାଏ । ସୂର୍ଯ୍ୟଙ୍କୁ ଖାଲି ଆଖିରେ ସମସ୍ତେ ଚାହିଁ ପାରନ୍ତି ନାହିଁ, ସେଥିଲାଗି ହୁଏ ତ ଅନେକ ଅଙ୍ଗୁଳି ମୁଦ୍ରାର ମଧ୍ୟ ଦେଇ ଚାହିଁଥାନ୍ତି । ମାତ୍ର ବିପିନ ସେଥିରେ ଯେପରି ଅଭ୍ୟସ୍ତ ନୁହେଁ । ଦୁପର ସୂର୍ଯ୍ୟକୁ ଦେଖିବାକୁ ସେ କେବେ ଚେଷ୍ଟା କରିନାହିଁ ବୋଧହୁଏ । ଯାହା ମହେଶର ଅନାୟାସରେ ହୋଇଯାଉଛି, ବିପିନ୍‌କୁ ତାହା କରିବାକୁ ଅଧିକ ସମୟ ଲାଗିବ ବୋଲି ଅନୁମିତ ହୁଏ । ସୁତରାଂ ମହେଶ

ଯେତେବେଳେ ଅନାୟାସରେ ସିପ୍ରାକୁ ଚାହିଁ କଥା ଆରମ୍ଭ କରେ, ବିପିନ୍ ଚାହେଁ ସିପ୍ରାର ହସ୍ତ ପଦ ପ୍ରଭୃତିକୁ । ମହେଶ ଓ ବିପିନ୍ ଉଭୟେ କିନ୍ତୁ ସମବୟସ୍କ । ଏକ ଯୌବନର ଉଜ୍ଜ୍ୱଳାଲୋକ ଉଭୟଙ୍କ ଦେହରେ ଲୀଳାୟିତ । ମାତ୍ର ବିପିନ୍ ଯେପରି ତହିଁରୁ କିଛି ବ୍ୟସ୍ତ କରିଦେଇଛି ।

ଚା ମଗାଇବାକୁ ମନା କରିଦେଇ ମହେଶ ସିପ୍ରାକୁ ଅନୁରୋଧ କଲା ଗୋଟିଏ ମଧୁର ସଙ୍ଗୀତରେ ଆଜିର ଏହି ସନ୍ଧ୍ୟାକୁ ମଧୁରିତ କରିବା ପାଇଁ । ଅନୁରୋଧ ଶେଷରେ ସେ ମଧ୍ୟ କହିପକାଇଲା—

ଜାଣିଲ ସିପ୍ରା, ବିପିନ୍‌ବାବୁ ସିନେମା ଯାଉଥିଲେ, ତାଙ୍କୁ ଟାକ୍‌ସି ଡ୍ରାଇଭର୍ ଆଣି ତମ ଘରେ ପହଞ୍ଚାଇଛି । ସେ ଯେପରି ନିରାନନ୍ଦ ହୋଇ ନ ଫେରନ୍ତୁ ଏକା ।

ବିପିନ୍ ନିଜକୁ ଅନ୍ୟଭାବରେ ପ୍ରକାଶ କରି କହିବାକୁ ଲାଗିଲା, ସିନେମା ତ ଅନେକ ସମୟରେ ଦେଖା ହେଉଚି, ମାତ୍ର ଭଦ୍ରଲୋକଙ୍କ ସାଙ୍ଗରେ ଆଳାପ ଆଲୋଚନା କରିବା ତ ସବୁବେଳେ ଘଟି ପାରୁନି ଆଜି ?

ମହେଶ ହସି ହସି କହିଲା, ଭୁଲ କରୁଚୁ ବିପିନ୍, ମୁଁ ତୋର ସାଥୀ, ଆଜି ଘୂରୁ ଘୂରୁ ଆସି ଏଠି ତୋର ଘରେ ରହୁଚି, ଆଳାପ ତ ମୋ ସଙ୍ଗରେ ତେର ହଉଚି । ସୁତରାଂ ମୋର ଅସ୍ତିତ୍ୱ ଏଠି ଯୋଡ଼ି ଭଦ୍ରଲୋକ କହିବା ତୋର ସଙ୍ଗତ ହେଉନି । ଅର୍ଥାତ୍ ମୋତେ ବାଦ୍ ଦେବାକୁ ହେବ, ଆଉ ମତେ ବାଦ୍ ଦେବାଦ୍ୱାରା ବାକ୍ୟ ବ୍ୟାକରଣର ଆଶ୍ରୟ ନେବ । ସୁତରାଂ ଏଠାରେ ହେବ ଭଦ୍ରମହିଳା ।

## ଶାନ୍ତାଭାଇର ସ୍ୱପ୍ନଭଙ୍ଗ

ସିପ୍ରାର କଣ୍ଠସ୍ୱର ଏପର୍ଯ୍ୟନ୍ତ ଏହି ବୈଠକକୁ ସରସ କରିନାହିଁ । ସୂର୍ଯ୍ୟ ରଶ୍ମିରେ ପଦ୍ମ ବିକଶିତ ହେଲପରି ରୂପ-ସୂର୍ଯ୍ୟର ସ୍ୱର ରଶ୍ମିରେ ହଠାତ୍ ଅନେକ ଆନନ୍ଦ କମଳ ଫୁଟିଉଠିଲି । ସମସ୍ତେ ଶୁଣିଲେ; ସିପ୍ରା ତାର ମଧୁର କଣ୍ଠରେ କହିଲି—

ବାକ୍ୟରସ ପ୍ରଧାନ ହେବା ଉଚିତ, ବ୍ୟାକରଣ ପ୍ରଧାନ ହେବା ଅପେକ୍ଷା । ଏଠାରେ ବିପିନ୍‌ବାବୁଙ୍କ ବାକ୍ୟର ରସ ହେଉଛି ତାହାଙ୍କର କଥାର ଭାବ ।—ମୁଁ ଏ କଥା ବିପିନ୍‌ବାବୁଙ୍କ ପକ୍ଷରୁ କହୁଛି ବୋଲି ଧରିଯାଉ ମହେଶବାବୁ !

ବିପିନ୍ ଆଉ କିଛି କହୁନାହିଁ । ସେ ବୋଧହୁଏ ଚାହୁଁଛି ଏହି ତରୁଣୀ କଣ୍ଠର ସ୍ୱର ଆହୁରି ଯେପରି ଶୁଣାଯାଉ । ମହେଶ ଅପେକ୍ଷା କରୁଛି ଯେପରି ବିପିନ୍ ଆଉକିଛି କହୁ ଏବଂ ତାର ତ୍ରୁଟି ଧରି ସେ ସିପ୍ରାର ସମର୍ଥନକାରୀ କଥା ମଧ୍ୟରେ ଶୁଣିବାକୁ ପାଉ ସିପ୍ରାର ସ୍ୱର ।

ଦୁହିଁଙ୍କର କାମନାକୁ ବିଫଳ କରି ଅଥଚ ଆଶାପୂର୍ଣ୍ଣ କରି ଏହି ସମୟରେ ସିପ୍ରା ଯାଇଁ ଧରିଲା ଏସ୍‌ରାଜ । ଗାଇଲା ମିରାବାଈଙ୍କର ଗୋଟିଏ ଭଜନ ।

ଗାନ ଶେଷ ହେବା ପରେ ମଧ୍ୟ ବିପିନ୍ ପ୍ରକୃତ କିଛି ସମୟ ସ୍ତବ୍ଧ ହୋଇ ବସି ରହିଲେ । ଗୀତ ବନ୍ଦ ହେବା ପରେ ମହେଶ ଚାହିଁଲା ଏସ୍‌ରାଜକୁ—ସିପ୍ରାର ଅଙ୍ଗୁଳି ଯୋଗୁ ନା ଏସ୍‌ରାଜର ଏହି ତାର ଯୋଗୁ ମଧୁର ସ୍ୱର ସୃଷ୍ଟି ହେଉଥିଲା !

ଆଉ ବିପିନ୍ ଚାହିଁଛି ସିପ୍ରାର ମୁହଁକୁ । ସନ୍ଧ୍ୟା ଅନ୍ଧ ଭରେ କେଉଁଠି ମ୍ଳାନ । ଆଲୁଅ ଜଳା ଯାଇନାହିଁ । ବିପିନ୍ ଅନାଇ ରହିଛି ସିପ୍ରାକୁ—

# ଶତାବ୍ଦୀର ସ୍ୱପ୍ନଭଙ୍ଗ

ଆଜି ଭାବୁଛି ମନେ ମନେ, ଅସ୍ତଗାମୀ ସୂର୍ଯ୍ୟକୁ ଯେପରି ସମ୍ପୂର୍ଣ୍ଣ ଭାବରେ ନିରୀକ୍ଷଣ କରିହୁଏ ସେହିପରି ଏ ମ୍ଳାନିମା ମଧ୍ୟରେ ନିରୀକ୍ଷଣ କରି ହୁଏ ସିପ୍ରାକୁ ଖୁବ୍ ଭଲଭାବରେ । ଆଲୋକ ନାହିଁ ଅଥଚ ସିପ୍ରାର ମୁହଁ ଆଲୋକଭଳି ଆଖିରେ ଲାଗୁଛି ଏ ଅନ୍ଧାରରେ । ଅଜି ଅନ୍ଧାରରେ ଯେଭଳି କେବଳ ଆଲୋକକୁହିଁ ଦେଖି ହୁଏ ସେହିପରି ସିପ୍ରାର ରୂପାଲୋକ ପତଙ୍ଗଭଳି ଆଖି ଦୁଇଟିକୁ ଟାଣି ନେଉଛି ତାରି ଆଡ଼କୁ ।

ମହେଶ ଏହା ମଧ୍ୟରେ ଏସ୍ରାଜ୍‌କୁ ନିଜ କୋଳକୁ ଆଣି ତାଠାରୁ ସ୍ୱର ଆଦାୟ କରିବାରେ ମନୋଯୋଗ କରିଛି । ଅକସ୍ମାତ୍ ଠାଂ କିନି ଗୋଟିଏ ଶବ୍ଦ ହେଲା । ବିପିନର ତନ୍ତୁପୃଷ୍ଠା ଭାଙ୍ଗିଗଲା ରୂପାନୁଭବରୁ, ଆଜି ମହେଶର ସ୍ୱରସାଧନା ହଠାତ୍ ବନ୍ଦ ହୋଇଗଲା । ଏହି ସମୟରେ ସିପ୍ରା ଟିପି ଦେଲା ବତୀର ସ୍ୱିଚ୍ । ମହେଶ ଚିତ୍କାର କରି କହି ଉଠିଲା—

ଏତେ ଅବାଧ ଏ ଏସ୍ରାଜ ସିପ୍ରା, ଆଜି ଆଦମ ମଧ୍ୟ । ଭାଙ୍ଗିଗଲେ ମଧ୍ୟ ମୋର ବଶ୍ୟତା ସ୍ୱୀକାର କଲା ନାହିଁ । କ୍ଷମାକର ସିପ୍ରା, ତାର ଗୋଟା ମୁଁ ଛିଡ଼ାଇଦେଲି ।

ସିପ୍ରା ତାର ସ୍ୱଭାବସୁଲଭ ମଧୁର ସ୍ୱରରେ କହିଲା—ଏ ତାର ଗୋଟାକର ମୂଲ୍ୟ ଅପେକ୍ଷା ତମର ଦୁଃଖର ମୂଲ୍ୟ ଯେ ବେଶି ହୋଇଯାଉଛି । ମୋର ତ ଏହି ଗୋଟାକ ସେତାର ନାହିଁ !···କିନ୍ତୁ ସେହି ତାର ଛିଡ଼ିଯିବାର ସ୍ୱରଟା ଭାରି ଭଲ ଶୁଭିଲା ।

ତମେ ତା'ହେଲେ କହିବାକୁ ଚାହଁ ସିପ୍ରା, ଯେ, ମୁଁ ଏ ସେତାରର ସବୁ ତାରଗୁଡ଼ା ଛିଡ଼ାଇ ତାକୁ ଚିରଦିନପାଇଁ ଦୂର କରିଦେବ ? ଈଷତ୍ ହସି କହିଲା ମହେଶ ।

ସିପ୍ରା ଉତ୍ତର ଦେବାକୁ ବାଧ୍ୟ ହୋଇପଡ଼ିଲା । ସେ କହିବାକୁ ଲାଗିଲା—

କଲିକତାର ଭିକ୍ଟୋରିଆ ମେମୋରିଆଲ୍ ମନ୍ଦିରରେ ଭିକ୍ଟୋରିଆଙ୍କର ଯେଉଁ ମର୍ମର ଷ୍ଟାଚ୍ୟୁଟା ଅଛି, ସେଟା ମତେ ଭଲଲାଗେ, ବାସ୍ତବିକ ଭିକ୍ଟୋରିଆଙ୍କ ସେ ସୌନ୍ଦର୍ଯ୍ୟ ଖୁବ୍ ଭଲ ଭାବରେ ଫୁଟାଇଛି ଶିଳ୍ପୀ । ମୁଁ ଅନେକଥର ସେ ମୂର୍ତ୍ତିଟି ଦେଖିବାକୁ ଯାଇଛି । କିନ୍ତୁ ଥରେ ଭାରି ଚିଡ଼ିଲାଗିଲା ତାକୁ ଦେଖି ।

ବିପିନ୍ କହିପକାଇଲା—କାହିଁକି ?

ସବୁବେଳେ ଭିକ୍ଟୋରିଆଙ୍କର ସେଇ ଗୋଟାଏ ଅବସ୍ଥା ଦେଖି—ସେଇ ରାଜଦଣ୍ଡ ହାତରେ ସିଧା ସଳଖ ଦଣ୍ଡାୟମାନ୍ । ହୁଏତ ସେହି ଭଙ୍ଗୀଟା ବା ଅବସ୍ଥାଟା ଭିକ୍ଟୋରିଆଙ୍କର ଖୁବ୍ ଭଲ ଉଚିତ ସନ୍ଦେହ ନାହିଁ; ମାତ୍ର ସେ କଣ ସବୁବେଳେ ଗଲା ଏମିତି ଛିଡ଼ା ହୋଇଥିବେ !

ସିପ୍ରାର ଏ କଥା ଶୁଣି ମହେଶ ମଧ୍ୟ ଟିକେ ବିସ୍ମିତ ହେଲା । ସେ ପଚାରିଲା ଏହାର କାରଣ ପାଇବାକୁ—

ଏ କଥାର ତାତ୍ପର୍ଯ୍ୟ କଣ ସିପ୍ରା ?

ସିପ୍ରା ପୁଣି କହିଲା—ମୁଁ ତ ଆଜି ରାଜା କେନାଉଟ୍‌ଙ୍କର ନିର୍ବୋଧ ଚାଟୁକାର ନୁହେଁ ଯେ ସିତାରର ତାରଯାକ ଛିଣ୍ଡାଇ ଆପଣଙ୍କୁ ସଙ୍ଗୀତ-ସୃଷ୍ଟି କରିବାକୁ କହିବି । ଯାହା ଅଜ୍ଞାତସାରରେ ହୋଇଗଲା ।

ଓ, ତମେ କହିବାକୁ ଚାହୁଁଛ ଯେ, ତମର ଗୋଟିଏ ସୁନ୍ଦର ଭଙ୍ଗୀକୁ ଯଦି ଜଣେ ଶିଳ୍ପୀ ଦେଖି ତମକୁ ଚବ୍ଦର ଦେହରେ ଛୁଡ଼ା କରି ରଖେ, ଏଥିରେ ତମର ହେବ ବେଶି କ୍ଷତି ।

ନିଶ୍ଚୟ ।

ମହେଶ ଯେପରି ସିପ୍ରାର କଥା ... ଆରମ୍ଭ କରି ଦେଇଥିଲା, ସିପ୍ରା ମହେଶର କଥା ... ନିଷ୍ଠୁରତା ସେତିକି ବ୍ୟଗ୍ରତାର ସହ କହିଲା ।

ମହେଶ ପୁଣି କହିଲା, କିନ୍ତୁ ... ଖୁବ୍ ବାଫିଟିଙ୍ଗ୍ ହେଲାନି ସିପ୍ରା । ଅଜନ୍ତାର ... ଚନ୍ଦ ସେହିପରି ବର୍ଷ ବର୍ଷ ଧରି ଗୋଠାଏ ଭଙ୍ଗୀ ... ଅନେକ ଲୋକ ତାର ସୌନ୍ଦର୍ଯ୍ୟ ଉପ... କରୁଛନ୍ତି । ବରଂ ଆଜି ଆସିଲା କେଉଁ...

କିନ୍ତୁ ମୁଁ କହିଲି ଭିକ୍ଟୋରିଆ ...

ହଁ, ସିପ୍ରା, ମୁଁ ବୁଝିଲି ଯେ, କିନ୍ତୁ ... ନୀନ ହେବା ଉଚିତ ।

ଆଚ୍ଛା ମହେଶବାବୁ, ରାମଚନ୍ଦ୍ରଙ୍କର ସ୍ୱର୍ଣ୍ଣସୀତା ... କାହିଁଲେ ନାହିଁ କାହିଁକି ?—ସ୍ୱର ବଦଳେଇ କହିଲା ସିପ୍ରା ।

ତମେ ତା'ହେଲେ ଶିଳ୍ପୀକୁ ଶିଳ୍ପର ମୂଲ୍ୟ ଦେବାକୁ ଚାହଁ ନା ସିପ୍ରା । ତମେ ଚାହଁ ଚନ୍ଦ୍ର ।

ମୁଁ ଶିଳ୍ପର ମୂଲ୍ୟ ଦେବାକୁ ଚାହେଁ । ମାତ୍ର ମୁଁ ଚାହେଁନା— ବାସ୍ତବ ସୀତାର ହତ୍ୟା ।

ତମେ ତ ଗୁରୁତର ଅଭିଯୋଗ ଆଣୁଛ ସିପ୍ରା, ସାରା ହିନ୍ଦୁର ବିଶ୍ୱାସ ଉପରେ । ଜାଣ ତମ ବିରୁଦ୍ଧରେ କେତେ ଲୋକ ? ସୀତାଙ୍କୁ ତ କେହି ମାରି ନ ଥିଲେ—ସେ ଯେ ଆପେ ତାଙ୍କର ମା ପାଖକୁ ଫେରିଗଲେ ।

ତମେ ଏ କଥା କହୁଛ ମହେଶବାବୁ ? ରାମ ଯେ ସୀତାଙ୍କୁ ହତ୍ୟା କରିନାହାନ୍ତି ତମେ ଏହା ପ୍ରମାଣ କରିଦେଇ ପାରିବ ?

ରାମ ହତ୍ୟା କରିଥିଲେ ସୀତାଙ୍କୁ ? ହଠାତ୍ ବିପିନ୍ ବିଚଳିତ ହୋଇ କହିଉଠିଲା ।

ମହେଶ କହିବାକୁ ଲାଗିଲା—

ସିପ୍ରା, ତମେ ଯାହା କହିବାକୁ ଯାଉଛ ମୁଁ ଜାଣିପାରୁଛି । କିନ୍ତୁ ତାହା ଭୁଲ୍, ସତ୍ୟ ନୁହେଁ । ସୀତା ଆପେ ପାତାଳ ପ୍ରବେଶ କରିଥିଲେ ।

ସିପ୍ରା ଅଟ୍ଟହାସ୍ୟରେ ହସିଉଠିଲା ଏବଂ କହିଲା—ତମେ ବୋଧହୁଏ ସେହି ରାମ ଓ ରାମାୟଣକାରଙ୍କର ପ୍ରତିନିଧି । ଯେତେବେଳେ ଗୁରୁ ଗର୍ଭବେଦନାରେ କାତର, ଯେତେବେଳେ ଅନନ୍ତକାଳ ନିପୀଡ଼ିତା ହେବା ପରେ ପୁନଶ୍ଚ ନିର୍ବାସନ, ସେତେବେଳେ ସୀତା ପାତାଳ ପ୍ରବେଶ କରିପାରିଲେ ନାହିଁ । ଆଉ ଯେତେବେଳେ ତାହାଙ୍କର ପ୍ରାଣର ସନ୍ତାନ ଗୀତ ବୋଲିପାରୁଛି, ମା ବୋଲି ଡାକି ତାଙ୍କ ଦୁଃଖ ହରଣ କରିପାରୁଛି ସେତେବେଳେ ସେ ଗଲେ ପାତାଳକୁ । ତା'ହେଲେ ବିହାର ଆଉ କ୍ୱେଟା ଭୂମିକମ୍ପରେ ଯେତେ ଲୋକ ମାଟିତଳେ ପୋତିହୋଇ ପଡ଼ିଲେ, ତମେ କହିବାକୁ ଯିବ

ଯେ ସେମାନଙ୍କୁ ମା ବସୁମତୀ ନେଇ ପାଳନ୍ତି । ଆଜ ଏଇଟା ହେବ ସାର୍ବଜନୀନ ସତ୍ୟ ।

ସେତେବେଳକୁ ମହେଶ କଣ ଭାବିବାରେ ଲାଗିଚ; ମାତ୍ର ବିପିନ୍ ଅସହିଷ୍ଣୁ ହୋଇ ପଚାରି ବସିଲା—

ଆପଣ କଣ କହିବାକୁ ଯାଆନ୍ତି ସିପ୍ରା ଦେବି ଯେ ଧରଣୀ ଫାଟିଯାଇ ମା ବସୁମତୀ ଆସି ସୀତାଙ୍କୁ ନେଇଯାଇ ନ ଥିଲେ ?

ମୁଁ କଣ କହିବି ସେ ସ୍ୱତନ୍ତ୍ର କଥା । ମାତ୍ର ଆପଣ କହନ୍ତୁ, ସମସ୍ତ ପୃଥିବୀର ଲୋକ ଆଗରେ ଏହା ସତ୍ୟ ବୋଲି ବିବେଚିତ ହେବ କି ?

ଏହି ସମୟରେ ସିପ୍ରାର ଏ କଥା ଶୁଣି ମହେଶ କହି-ଉଠିଲା —

ତା' ହେଲେ ସୀତା କପର ସେଠାରୁ ଅନ୍ତର୍ହିତା ହେଲେ ?

ସୀତା ଜମାଙ୍କ ଭଳି ବୋଧହୁଏ ସେହି ଯଜ୍ଞକୁଣ୍ଡକୁ ଡେଇଁ-ପଡ଼ି ମଲେ । —କହିଲା ସାହସମିଶା ଭାଷାରେ ସିପ୍ରା ।

ଯଜ୍ଞ, ଯଜ୍ଞ ତ ସେତେବେଳକୁ ସରିଥିଲା । ଏହା ଯେ ଅଶ୍ୱମେଧ ପରର କଥା । —ମହେଶ ଉତ୍ତର କଲା ।

ଯଜ୍ଞ ସରିଥିଲା ସତ, କିନ୍ତୁ କୁଣ୍ଡ ସେତେବେଳକୁ ପୋତା ହୋଇ ନ ଥିଲା । ପରେ ପୋତିଦେଲେ ରାମାୟଣକାର ।

ମହେଶ କ୍ଷୁବ୍ଧ ହୋଇ କହିଲା—ଏହା ବଡ଼ ଗୁରୁତର ଏବଂ ଅପ୍ରୀତିକର ଅଭିଯୋଗ, ସିପ୍ରା ।

କିନ୍ତୁ ସତ୍ୟ, ଯାହା କି ସାର୍ବଜନୀନ ହୋଇପାରେ । କହିଲା ଅତ୍ୟନ୍ତ ଜ୍ୱଳନ୍ତ ଭାଷାରେ ସିପ୍ରା ।

ବିପିନ ପୁଣି ସୁବିଧା ପାଇଲା କହିବାକୁ ଯେପରି, ସେ ପଚାରିଲା ସିପ୍ରାକୁ ଉଦ୍ଦେଶ୍ୟ କରି ।

ଅଚ୍ଛା, ସୀତା ଯେ ଭୂମିରୁ ଜାତ ହୋଇଥିଲେ ଏହା କଣ ଅପଣଙ୍କ ମତରେ ମଧ୍ୟ ସତ୍ୟ ନୁହେଁ ?

ସିପ୍ରା ଦୁଇ ହାତକୁ ଯୋଡ଼ି ମୁଣ୍ଡରେ ଲଗାଇ କହିଲା—ଏ ବିଷୟରେ ମୋର ମତ ନ ପଚାରିବାହିଁ ଭଲ । ବଡ଼ ଅପ୍ରୀତିକର ହେବ ସେ ଯୁକ୍ତି ମୋର ।

ମହେଶ ଏହି ସମୟରେ ବାଧା ଆଣି କହିଲା—ନା, ସିପ୍ରା, ତମକୁ ତମର ମତ ବ୍ୟକ୍ତ କରିବାକୁ ହେବ । ଏହା ଆମର ଏକ ଡିବେଟ୍ ବୋଲି ଧରି ନିଆଯାଉ । ଆମେ ତ ଏ କଥା ପତ୍ରିକାରେ ଛାପୁନୁ । ତମେ କହିବ, ଆମେ ଶୁଣିବୁ ମାତ୍ର ।

ସିପ୍ରା ପୁଣି କହିଲା, ମୋ ମତରେ କୌଣସି ଦୁଃଖିନୀ ଜନନୀ ବୋଧହୁଏ ଅବୈଧଭାବରେ ସନ୍ତାନ ଉତ୍ପାଦନ କରିଥିଲା । ଆଉ ସେ ତାହାକୁ କୌଣସି ଆଧାରରେ ରଖି ମା ବସୁମତୀଙ୍କୁ ପାଳିବାକୁ ନିବେଦନ କରିଥିଲା । ମା ବସୁମତୀ ଦେଲେ ବୋଧହୁଏ ଏକମାତ୍ର ଉଦାରଚେତା ଦେଖି ଜନକରାଜାଙ୍କୁ ।

କିନ୍ତୁ ଏହା ଯେ ସତ୍ୟର ଅପଳାପ ହେଉଛି ସିପ୍ରାଦେବୀ । ବସୁମତୀ ଦେବାର କୌଣସି ଉଲ୍ଲେଖ ତ ରାମାୟଣରେ ନାହିଁ । କହିଲା ଏତକ ବିପିନ୍ ।

ସେ କଥା ମୋର ବନ୍ଧୁ ମହେଶବାବୁ ଆପଣଙ୍କୁ ବୁଝାଇ ଦେବେ ବିପିନ୍‌ବାବୁ, କହି ସିପ୍ରା ହସିଲା ।

ମହେଶ ମଧ୍ୟ ହସିଲା ସିପ୍ରାର ଏ କଥାରେ । ସେ ପୁଣି ପଚାରିଲା ସିପ୍ରାକୁ—

ମାତ୍ର ତମର ସେହି ଭକ୍‌ଟୋରଆ ମୂର୍ତ୍ତିର କଥାଟା ସନ୍ତୋଷ ଦେଉନି ସିପ୍ରା । ତମେ ସେଥିରେ ଯେମିତି ଆମକୁ ଠକିଲ ।

ଏହି ବହୁବଚନଟାକୁ ତମେ ପୁଣି ସଂଗ୍ରହ କଲ ମହେଶବାବୁ । ବିପିନ୍‌ବାବୁ ତ ତାଙ୍କ କଥା ପଚାରୁଛନ୍ତି—ଏଟା ତମର ପ୍ରଶ୍ନ— ନିଜର ସନ୍ଦେହ ତୁଟେଇବା ଲାଗି, ମାତ୍ର ବହୁବଚନ କାହିଁକି ?

ସେଟା ମୋର ତ୍ରୁଟି ସିପ୍ରା ଦେବି ! କିନ୍ତୁ ତମେ ଆଉ ଫାଙ୍କି ଦିଅ ନା ମତେ ।

ଏତେ ବଡ଼ ମିଥ୍ୟାଟାକୁ ଗୋଟା ଦେଶ ସତ୍ୟ ବୋଲି ମାନି ନେଇଚି, ଅଥଚ...... ।

ଏତିକିବେଳେ ବିପିନ୍ ପ୍ରଗଲ୍‌ଭ ହୋଇ କହିଉଠିଲା— ମିଥ୍ୟା କେବେଁ ନୁହେଁ ସେଟା ମିରାକ୍‌ଲ୍ ସିପ୍ରା ଦେବି !

—ଯାହାକୁ ମହେଶବାବୁ ବୋଧହୁଏ ଆଗରୁ କହିଚନ୍ତି ତନ୍ତ୍ର ! କିନ୍ତୁ ମିରାକ୍‌ଲ୍ ସ୍ୱର୍ଣ୍ଣସୀତାଙ୍କୁ କଥା କୁହାଇଥିଲେ ତ ବଣର ସୀତା ବଣରେ ସୁଖରେ ମରି ପାରିଥାନ୍ତେ ? ଆଉ ରାମ ତ ସୀତାଙ୍କୁ ଚାହୁଁଥିଲେ, ମିରାକ୍‌ଲ୍‌ରେ ସୀତାଙ୍କୁ ଘେନି ଆସି ପାରିଲେ ନାହିଁ କାହିଁକି ?

ସିପ୍ରାକୁ ପୁଣି ମହେଶ ତାର ପ୍ରଶ୍ନର ଉତ୍ତର କରିବାକୁ ଅନୁରୋଧ କଲା, ସିପ୍ରା କହିଲା—

ଭିକ୍ଟୋରିଆ ମୂର୍ତ୍ତିଟା ନାଚକ ଷ୍ଟାଚ୍ୟୁ । ଗ୍ରୀସ୍ଥାନ ଶିଳ୍ପରସରେ ରସାଣିତ ନୁହେଁ ତାର ଗଠନ ଶୈଳୀ । ଜଣକୁ ହୁଏତ, ସେହି କାରଣରୁ ଭଲ ନ ଲାଗିପାରେ । କିନ୍ତୁ ତମେ ଅଜନ୍ତା ମୂର୍ତ୍ତିସହ ତାକୁ ତୁଳନା କରିବା ଠିକ୍ ହୋଇନି ମହେଶବାବୁ । ସେଥିଲାଗି ମୁଁ ସ୍ୱର୍ଣ୍ଣସୀତାର କଥା ଉଠାଇଥିଲି । ବୋଧହୁଏ ସେ ମଧ୍ୟ ଥିଲା ସେହିପରି ଏକ ଷ୍ଟାଚ୍ୟୁ ଯାହାକି ଖାଣ୍ଟି ଶିଳ୍ପ ନୁହେଁ । ........ମୋର ଏସ୍ୱିକର ଆଜ ଡାର ଛୁଡ଼େଇବେ—ମହେଶବାବୁ ?—କହି ସିପ୍ରା ହସିଲା ।

ନିଶ୍ଚୟ ଛୁଡ଼େଇବ । ଜାଣି ଗୋଟାଏ ତାର ଛୁଡ଼େଇ ମୁଁ ତମଠୁ ଏତେ କଥା ଆଦାୟ କଲି । ସବୁଯାକ ଛୁଡ଼େଇଲେ ଆଉ କେତେ ନ ବାହାରିବ ।—କହି ମହେଶ ଉଠିପଡ଼ି ଜୋରରେ ସିପ୍ରାର ହାଣ୍ଡ୍‌ସେକ୍ କଲା, ଆଉ ବିପିନ୍ କଲା ଏକ ସଶ୍ରଦ୍ଧ ନମସ୍କାର ।

କିନ୍ତୁ ସିପ୍ରାର ପାଟି ବୋଧହୁଏ ତୃପ୍ତ ହୋଇନି ଏତେକଥା ଗପି, ସେ ପୁଣି କହିଲା ହସି ହସି—

କିନ୍ତୁ ଚଞ୍ଚଳ ସୁନାନଣ୍ଡି ଦେଖିଲାଭଳି ହେବ ନାହିଁତ ? ବାଡ଼େଇ ବାଡ଼େଇ ପ୍ରାଣ ନେଇଥିଲା ଯେ ତାର ପ୍ରଭୁ ।

ସମସ୍ତେ ଉଚ୍ଚହାସ୍ୟ କରିଉଠିଲେ ।

ଯେପରି କୌଣସି ସମସ୍ୟାମୂଳକ ଛବି ଦେଖି ଫେରିଛନ୍ତି ଦୁହେଁଯାକ, ମହେଶ ଓ ବିପିନ କେହି କାହାକୁ କିଛି କହୁ ନାହାନ୍ତି । ଟାକ୍‌ସି ଚାଲିଛି । ମହେଶ ଭାବୁଛି ବିପିନ ନିଶ୍ଚେ ସିପ୍ରାର ଗୁଣ, ରୂପ ଆଉ ବ୍ୟବହାରରେ ତୃପ୍ତ ହୋଇଥିବ । କିନ୍ତୁ ବିପିନ ମନେ ମନେ ଭାବୁଛି ଠିକ୍ ତାର ଓଲଟା । ସେ ଭାବୁଚି, ଗୋଟା ସାମାନ୍ୟ ଯୁବତୀ, କେବଳ ରୂପର ଝୁଙ୍କରେ ସେ ଏତେଗୁଡ଼ା ଅପ୍ରିୟ ଆଉ ଅସହନୀୟ କଥା କହିଗଲା । ଗୋଟାଏ ମହାନ୍ ସୃଷ୍ଟି, ମହାନ୍ କାବ୍ୟ ଓ ମହାନ୍ ପବିତ୍ରତା ଉପରେ ସେ ଯେପରି ଅତି ଅବହେଳାସହ କଲା ଆଘାତ । ଏପରି ବାଳିକା ସମାଜର ବାହାରେ ରହିବାହିଁ ଭଲ ଆଉ ଉଚିତ ମଧ୍ୟ । ଗୋଟାଏ ବିଷାକ୍ତ ଘା'ପରି ଏ ସମାଜର ଅଙ୍ଗକୁ ପୀଡ଼ିତ ତଥା ବିସୃତିଜ କରିଦେବ । ଆଉ ମହେଶ, ମହେଶ ନିଶ୍ଚେ ପତଙ୍ଗ ଭଳି ତାର ରୂପାନଳରେ ଝାସଦେବାକୁ ଯାଉଚି ।

ଏତକବେଳେ ମହେଶ ପାଟିକରି କହିଉଠିଲା—ହଁ। ଯିହିଁ ରୋକେ ! ଡ୍ରାଇଭର୍, ଯିହିଁ ସ୍ଲିଟର୍ ଠେହ୍ଣି ।

ମଟରରୁ ଓହ୍ଲାଇ ଦୁହେଁ ଦୁହିଁଙ୍କର ରୁମ୍‌କୁ ଚାଲିଗଲେ । ମହେଶକୁ କିନ୍ତୁ ଭାରି ଖରାପ ଲାଗିଲା ବିପିନର ଏହି ଅସ୍ୱାଭାବିକ ନୀରବତା । ଜାମା ଖୋଲିପକେଇ ସେ ଆସି ପହଞ୍ଚିଲା ବିପିନ୍ ପାଖରେ ।

ବିପିନ୍ ତୋର ଆଜି ହେଲା କଣ ଶୁଣେ ?—ପଚାରିଲା ମହେଶ ।

କାହିଁ, କିଛି ତ ହେଉନି । ନିଜର କପାଳରେ ହାତ ମାରିଲା ଏହା କହି—ତାହା ପରେ ପୁଣି କହିଲା ।

ଦେହ ତ ମୋର ବିଲ୍‌କୁଲ୍ ଠିକ୍ ଅଛି ।

ହଠାତ୍ ମହେଶ ତା ପାଖକୁ ଲାଗିଯାଇ ତାର ଛାତି ବୋତାମ ଫିଟେଇ, ଛାତି ଉପରେ ବାଁ ହାତର ଆଙ୍ଗୁଠି ଦୁଇ ତନିଟି ଏକତ୍ର ରଖି, ଡାହାଣ ହାତ ବଳି ଓ ବୁଢ଼ା ଆଙ୍ଗୁଠି ସାହାଯ୍ୟରେ ଟିପମାରି, ଡାକ୍ତର ଥାଇସିସ୍ ରୋଗୀର ଛାତି ଦେଖିଲା ପରି ସେ ବିପିନର ଛାତି ପରୀକ୍ଷା କଲା ।

ନିହାତ୍ ଖରାପ, ଛାତି ଭିତରଟା ଏକଦମ୍ ଧଡ଼ଧଡ଼ କରୁଛି । ଲଙ୍ଗସ୍ ବୋଧହୁଏ ଅଧାଅଧି ଖତମ୍ ।

ମହେଶର ଏ ରିପୋର୍ଟରେ ବିପିନ୍ ଆଚମ୍ବିତ ହୋଇ କହିଲା ଯେପରି, କଣ ମତେ ଥାଇସିସ୍ ଆଟାକ୍ କରିଛି ?

ବିପିନ୍‌ର ଏ ସ୍ୱରରେ ମହେଶ ନ ହସି ରହିପାରିଲା ନାହିଁ । ସେ ହସ ଚପି ପୁଣି କହିଲା—

ଆଟାକ୍ ତ କରିଚି କିନ୍ତୁ ଥାଇସିସ୍ କି ଲେଡ଼ିସିସ୍, ମୁଁ କିପରି କହିବ ? ଡାକ୍ତରକୁ ଦେଖାଇଲେ ସିନା !

ମହେଶର ଏ କଥା ଶୁଣି ବିପିନ ନିଜର ହାତକୁ ଅନେଇଲା । ଓ୍ୱାଚ୍‌ରେ ସେତେବେଳକୁ ନ' ବାଜି ସାରିଚି । ବୋଧହୁଏ ସେ ଭାବୁଚି ଏତେବେଳେ ଯାଇ ମଧ୍ୟ ଡାକ୍ତର ସାଙ୍ଗରେ ପରାମର୍ଶ କରିହେବ ।—କିନ୍ତୁ କଣ ଭାବି କଥାରେ ଜିଜ୍ଞାସାର ଭାବ ଆଣି ପଚାରିଲା—

ଲେଡ଼୍‌ସିସ୍ କଣ ମହେଶ ?

ମହେଶର ଠିକେ ଦୟା ହେଲା ଯେପରି ବିପିନ୍ ଉପରେ ! ଏତେ ପରିହାସ ଗୋଟା ଫ୍ରେଣ୍ଡ୍ ସାଙ୍ଗରେ, ବିଶେଷତଃ ବିପିନ୍ ଭଳି ଗୋଟିଏ ନଥି-ବେଙ୍ଗଲା ପକା ବଳଦ ସାଙ୍ଗରେ କଲେ ଭଲ ହେବନି । କଣ ଠିକେ ଭାବି ସେ କହିଲା—

ଅଚ୍ଛା, ତୁ ଯଦି ମୋ କଥାର ଉତ୍ତର ଦେବୁ, ତା'ହେଲେ ମୁଁ ତତେ ସେ ରୋଗ କଥା ବତେଇ ଦେବି ।

କଣ ତୋର କଥା ? ପଚାରିଲା ବିପିନ୍ ।

ମୋର କଥା, ମୋର କଥା ଯେ ସିପ୍ରାକୁ ତୁ କିପରି ମନେ କଲୁ ?

ମହେଶର ପ୍ରଶ୍ନ ଶୁଣି ବିପିନ୍‌ର ଯେପରି ରୋଗ ବଢ଼ିଗଲା । ତା ମୁହଁରୁ ମଧ୍ୟ କଥା ବାହାରି ପାରିଲାନାହିଁ । ମହେଶ ହସି ହସି ତା ଷ୍ଟୁଡ଼ିକ ପାଇଁ ପୁଣି ବାହେରିଲା । ଆଉ ମନ୍ତବ୍ୟ ମଧ୍ୟ ଦେଲା ।

ଜରୁର୍ ରୋଗ । ବିଗ୍ଲେଡ଼୍‌ସିସ୍ ଏକଦମ୍ ।

ଧେତ୍, ପ୍ରକୃତ ଯଦି କିଛି ହୋଇଛି ତ ମତେ କହ । ଆଉ ଏମିତ ଫାର୍ସ କରୁଛୁ କାହିଁକି ? ଲେଡ଼୍‌ସିସ୍ ହଉ ହଉ ଏହିକ୍ଷଣି ପୁଣି ବିଗ୍ ଲେଡ଼୍‌ସିସ୍ କହିଲୁଣି କଣ ଗୋଟା !

ମହେଶ କହିଲା,—ଆରେ, ଗ୍ରାଣ୍ଡ୍ ସନ୍, ଗ୍ରେଟ୍ ଗ୍ରାଣ୍ଡ୍ ସନ୍ ଏମିତି କଣ ଶବ୍ଦ ହୁଏ ନାହିଁ ନା । ଆଉ ତୋର ଏଇ ଲେଡ଼ ସିକ୍‌ନେଶ୍‌ଟା ଯେ ବିଗ୍‌ଲେଡ଼ ସିକ୍‌ନେସ୍ କାହିଁକି ନ ହବ ମୁଁ ତ ଭାବି ପାରୁନାହିଁ ।

ବିପିନ୍ ଯେପରି ମହେଶର କୌଣସି ଭାଷାର ତ୍ରୁଟି ଖୋଜୁଥିଲା, ସେ ଏହି ଅବସରରେ କହିଲା—ଭାରି ଗୋଟା ଭାଷାବିତ୍ ହେଇଗଲୁଣୁ

ତ ତୁ ! ଲେଡ଼ି ସିକ୍‌ନେଶ୍‌ରୁ ଏକଦମ୍ ହେଲା ଲେଡ଼ିସିସ୍ ।···କଣ ମଧ୍ୟପଦଲୋପୀ କର୍ମଧାରୟ ! ଆଉ ଇକାରଟାକୁ ନେଇ କାହା ମୁଣ୍ଡରେ ଥୋଇଲୁ ?

ନାହିଁରେ, ସେ ବ୍ୟାକରଣ ଖଟିବ ନାହିଁ ଏଠି । 'ମୃଗ ଫୋନ୍'କୁ 'ମେଗାଫୋନ୍' ଆଉ 'ରଦ୍ଦଫେଣି'ରୁ ରେଡ଼ାଫେନ୍' ସେ ବ୍ୟାକରଣ ନିୟମ ଅନୁସାରେ ହୋଇନି । ଏଟା ଗୋଟା ସାହିତ୍ୟିକ ମୀମାଂସା । କିନ୍ତୁ ସେ ଶୁଖିଲା କଥାରେ ଏ ରାତିର ଏକ ମିନିଟ୍ ବି କଟେଇବାକୁ ମୁଁ ଚାହେ ନା; କିନ୍ତୁ ତୁ ଏମିତି ଜେଲସ୍ କାହିଁକି ହେଉଚୁ କହିଲୁ ?

ଜେଲସ୍ ! ଆଶ୍ଚର୍ଯ୍ୟର ସହିତ କହିଲା ବିପିନ୍ ।

ହିଁ, ପରଶ୍ରୀ କାତର । ମନସ୍ତାତ୍ତ୍ୱିକ ନିୟମ ଅନୁସାରେ ଏଟାକୁ ତୋର ପରଶ୍ରୀ କାତରତା କିମ୍ବା ଜେଲସିହିଁ କୁହାଯିବ ।···ଆଉ ମୁଁ ପଚାରେ, ତୁ ପିଲାପିଲି ଆଣିକରି ଏଠି ରହୁନୁ କାହିଁକି କହିଲୁ ?

ମହେଶର ଏ କଥା ଯେପରି ବିପିନ୍‌ର ଅନ୍ତରର ଗୋପନ କଥାକୁ ପବନରେ ଆଣି ଭସେଇଦେଲା । ଆଉ ବିପିନ୍ ଦେଖିଲା ତଥାପି ମଧ୍ୟ କୌଣସି କଥା କହିବାପାଇଁ ତା ପକ୍ଷରେ ସୁଯୋଗ ରହିଛି । ସେ କହିଲା—

ପାଏ ତ ଜମା ଅଢ଼େଇଶ', ଏଥିରେ ବମ୍ବେ ସହରରେ ଆଣି କୁଟୁମ୍ବ ପୋଷିବ !

ହଉ, ତୋର ଫାମିଲି ଖର୍ଚ୍ଚଟା ମୁଁ ଯୋଗେଇବ । ଆଉ ତା' ଦ୍ୱାରା ଧ୍ୱଂସ କରିବ ତୋର ଏହି ଜେଲସି ।

ମହେଶ ଏହା ଖୁବ୍ ଦୃଢ଼ଭାବରେ କହିଲା ।

ମହେଶ—

ଏ କଥାରେ ଚମକିପଡ଼ି ମହେଶ ଦେଖିଲା ତାର ପ୍ରିୟ ବନ୍ଧୁ ବିପିନ୍‌ର ଅନ୍ତର ବିଦଗ୍ଧ ହୋଇ ଚକ୍ଷୁରେ ଉଠୁଛି ତାର ବାଷ୍ପ ଆଉ ସେଥିରେ ଲାଗିଛି ଆରବସାଗରର ମୌସୁମୀ ।

ମହେଶର ଅନ୍ତର ମଧ୍ୟ କାନ୍ଦି ଉଠିଲା । ସେ ବିପିନ୍‌ର ହାତ ଧରିପକେଇ ନମ୍ରଭାବରେ କହିଲା—ତୁ ମୋ ଉପରେ ରାଗୁଛୁ ବିପିନ୍ !

ବିପିନ୍ ଚାହିଁଲା ମହେଶର ମୁହଁକୁ । ମହେଶ ଧନୀର ସନ୍ତାନ । ହୁଏତ ତା ପାଖରେ ବିପିନ୍‌ର ସ୍ଥାନ ଶ୍ରୀକୃଷ୍ଣଙ୍କ ପାଖରେ ସୁଦାମା ସଦୃଶ । କିନ୍ତୁ ତା' ଛଡ଼ା ତାର ଘନିଷ୍ଠ ବନ୍ଧୁତା ତାର ବେଶି ହେଲା ସ୍ମରଣୀୟ । ସେହି ବନ୍ଧୁ ମହେଶର ଆଖିରେ ବି ଅଶ୍ରୁ । ସେ କାତର ହୋଇ ଜଡ଼ାଇ ଧରିଲା ମହେଶକୁ ।

କିଛିକ୍ଷଣ ପରେ ମହେଶ୍ ନୀରବତା ଭାଙ୍ଗି ପୁଣି କହିଲା ବିପିନ୍‌କୁ—

ବଡ଼ ଦୁଃଖ ରହିଲା ଯେ, ତୁ ମୋର ପ୍ରଶ୍ନର ଉତ୍ତର ଦେଲୁନି, ବିପିନ୍ !

ମହେଶ, କେତେ ବଡ଼ ମାନସମ୍ଭ୍ରମ ତ୍ୟାଗ କରିବାକୁ ତୁ ଯାଉଛୁ ଜାଣୁ ? ଆମ ସେ ଅଞ୍ଚଳର ତମ ଘରହିଁ ଆମର ଏକମାତ୍ର ଗର୍ବ ଏବଂ ଗୌରବର କେନ୍ଦ୍ର । ତୁ ଆଜି ସେହି ଗୌରବ ଉପରେ ବୋଳି ଦେବାକୁ ଯାଉଛୁ କାଳିମା । ମୋର ଉତ୍ତର, ମୋର ମତ ଏଥିରେ କଣ ହୋଇପାରେ, କହିଲୁ ?

ଏହା ବିପିନ୍ କହିଲା ଅତି ଶାନ୍ତଭାବରେ ।

କିନ୍ତୁ ବିପିନ୍, ଯେଉଁ ଗୌରବ କୌଣସି ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ, ଯେଉଁ ଗର୍ବ ସାମାନ୍ୟ ଧନ ଉପରେ ପ୍ରତିଷ୍ଠିତ, ତାର ଦାୟାଦ ବୋଲି ପରିଚିତ ହେବାକୁ ମୁଁ ସେତେ ସୁଖ ମନେ କରେନା ।

ତୁ ବଡ଼ ବାତୁଳ ହୋଇପଡ଼ିଛୁ ମହେଶ, ତୁ ଜଣକୁ ବରଣି କରି ଅନେକଙ୍କୁ ହରାଇବାକୁ ଯାଉଛୁ ଏହାଦ୍ୱାରା ।

ବିପିନ୍‌ର ଏ କଥା ଉପରେ ପୁଣି ମହେଶର ମନ୍ତବ୍ୟ ଆବଶ୍ୟକ ହେଲା । ସେ ସହଜ ଅଥଚ ଧୀରକଣ୍ଠରେ କହିଲା—

କିନ୍ତୁ ମୁଁ ତ ଆଜି ନଷ୍ଟ ହେବିନି ସେଥିରେ । ବୁଢ଼ା ମେନେଜର ଆମର ପ୍ରଧାନ ମନ୍ତ୍ରୀ ବାଲ୍‌ଡୁଇନ୍ ନୁହନ୍ତି ଯେ ମତେ ଆବ୍‌ଡିକେଟ୍ କରିବାକୁ ବାଧ କରିବେ !

କିନ୍ତୁ ତୁ ଗୋଟା ସମାଜକୁ ଛାଡ଼ିବୁ, ଜାତି ନଷ୍ଟ କରିବୁ, ମହେଶ ?

ମହେଶ ନ ହସି ଆଉ ରହିପାରିଲା ନାହିଁ । ସେ ହସି ହସି ବିପିନ୍‌ର ବେକ ମୂଳେ ବାହାରିଥିବା ତାର ପଇତାକୁ ଟାଣି ଆଣିଲା ଆଉ କହିଲା—

ଆମେ ଦୁହେଁ ଏକା ଜାତି । ତୋର ବୋଧହୁଏ ଏହା ବାହାଘର ପଇତା । କିନ୍ତୁ ମୋ ବେକରେ ବ୍ରତର ପଇତା ବି ଥିଲା । ମୋ ଛାତି ବର୍ତ୍ତମାନ ସେହି ସୂତା ଛେଦିକରି ମୁକ୍ତ । କିନ୍ତୁ ମୁଁ ହିନ୍ଦୁ ବୋଲି ବି କୁହେ ।

କିନ୍ତୁ ହିନ୍ଦୁ ତ ଆମର ଜାତି ନୁହେଁ, ତା' ଆମର ଧର୍ମ ।

ମହେଶ ବିପିନ୍‌ର ଏ କଥାରେ ଖୁବ୍ ଜୋର୍‌ରେ ହସି ଉଠିବା ଛଡ଼ା ଆଉ କିଛି କରିପାରିଲା ନାହିଁ । ହାସ୍ୟ ସମ୍ବରଣ କରି ସେ ପରିହାସମିଶା ଭାଷାରେ କହିବାକୁ ଲାଗିଲା—

ଧର୍ମ ପାଇଁ ଶତା, ଜାତି ପାଇଁ ପଇତା, ସମାଜ ପାଇଁ ରକ୍ଷଣଶୀଳତା ଆଉ ଘର ପାଇଁ ପରଦା । ଏତେଗୁଡ଼ା କଥା ହେଲେ ବୋଧହୁଏ ଏ ଦୁନିଆରେ ରହି ହୁଏ, ନା ? ତୁ ଜାଣୁ ବିପିନ୍, ମୁଁ କାହିଁକି ଜୀବନଯାକ ଏତେ ଘୁରି ବୁଲେ, ଆରାମରେ କୋଠାଘରର କୋମଳ ଶେଯରେ ନ ଶୋଇ ଏହିଭଳି ରାସ୍ତାଘାଟରେ ଖରାବର୍ଷାରେ ବୁଲେ ? —ମୁଁ ବୁଲେ ଯେଉଁ ଅନନ୍ତ ମାନବସମାଜ ସାଙ୍ଗରେ ମତେ ମିଶିବାକୁ ସୁବିଧା ଦିଆଯାଏନା, ଏଠାରେ ତାର କ୍ଷତିପୂରଣ କରିବା ପାଇଁ । ମୁଁ ଘୁରେ ଏହି ବିଶାଳ ଜନତା ଭିତରେ ଗଣ୍ୟ ହେବାପାଇଁ । ମୁଁ ଧାଏଁ, ସମସ୍ତଙ୍କ ହସରେ ହସ, ଲୁହରେ ଲୁହ ମିଶାଇବା ପାଇଁ —ସମସ୍ତଙ୍କ ହାତରେ ମୋର ଏହି କ୍ଷୁଦ୍ର ହାତଟି ଯୋଗ କରିଦେବା ସକାଶେ । ଗଣତାନ୍ତ୍ରିକ ଦୃଷ୍ଟିରେ ମୁଁ ଏ କଥା କହୁନାହିଁ । ମୁଁ କହୁଚି ମୋର ନିଜର ଇଚ୍ଛା, ନିଜର ମୀମାଂସିତ ଦୃଷ୍ଟିକୋଣ ଦେଇ ।

ମହେଶର ଏତେଗୁଡ଼ା କଥା ପରେ ବି ବିପିନ୍ ଉତ୍ତର ଦେଲା ସେହି ଜୀର୍ଣ୍ଣ ପୁରାତନ ଭାଷାରେ—

ତୁ ବଡ଼ଲୋକ ତୁ ସବୁ କରିପାରୁ ।

ମହେଶ ହସିଲା ବ୍ୟଥାର ହସ । ଟିକିଏ କ୍ଷୁର୍ଣ୍ଣ ହୋଇ କହିଲା— ବିପିନ୍, ମୋର ପାଖରେ ଛିଡ଼ାହୋଇ ଖୁବ୍ ଦୂରକୁ ଚାଲିଯାଉଛୁ ତୁ ।

ତୋର ଭାବିବା ଉଚିତ ଯେ, ତୋର ପଇତା ଦେଖି, ତୋର ସମାଜ-ପ୍ରିୟତା ଦେଖି, ତୋର କମ୍ପାନୀ ତୋତେ ଚାକିରି ଦେଇନ । ବଡ଼ଲୋକର ଘରେ ଜନ୍ମ ନ ହୋଇଥିଲେ ମୁଁ ହୁଏତ ଆଜକାଲି ଭଲ ଚିନ୍ତା କରିପାରିଥାନ୍ତି—ଆଜି ଏତେ ମୁସ୍କିଲ୍‌ରେ ପଡ଼ି ତୋର ମତ ଜିଜ୍ଞାସା କରୁ ନ ଥାନ୍ତି ବିପିନ୍! ଏ କାମଟା ଶେଷ କରି ହୁଏ ତ ଅନ୍ୟ କାହାରି ଆଶ୍ରୟ ନେଇଥାନ୍ତି ଆଜି ।

ବିପିନ୍ ସନ୍ଦେହଭରି ଭାଷାରେ ପ୍ରଶ୍ନ କଲା, କାହୁଁ ତୁ ଚଳିବୁ କିପରି ମହେଶ ?

ତୁ ଭାବୁଚୁ, ମୁଁ ବୋଧହୁଏ ସମାଜର କବଳରେ ପଡ଼ି କୌଣସି ଟ୍ରାଜେଡିର ଆଶ୍ରୟ ନେବି; ସିପ୍ରାର ମୁହଁରେ ବିଷପାତ୍ର ଧରି ବାକି ଅଧିକରେ ମୋର ଟ୍ରାଜେଡି ନିର୍ମାଣ କରିବି ? ଏଇଟା ଅସମ୍ଭବ । ଏହି ଆଲୋକିତ ଯୁଗରେ, ଯେଉଁଠି ମଣିଷକୁ ସୁବିଧା ଦେବାପାଇଁ ଆର୍ଯ୍ୟ-ସମାଜ ରହିଚି, ବ୍ରାହ୍ମସମାଜ, କ୍ରିଶ୍ଚିୟାନିଟି ବି ରହିଚି ସେଠି ଆଜି ବିଷପାଣି ଗୋଳେଇ ମହାନନ୍ଦାର ଆରାଧନା କରିବାକୁ ପଡ଼ିବନାହିଁ । ସେଇଟା ହବ ଖୁବ୍ ବୋକାମୀ । ଉଦାର ମାନବ ଭାବରେ ବଞ୍ଚିବାକୁ ହେଲେ ଅନେକ ପଥ ପ୍ରସାରିତ ହୋଇ ଅନାଇ ରହିଚି । ହୁଏତ କୌଣସି କୂପମଣ୍ଡୁକ ପାଇଁ ସେତେ ସୁବିଧା ନାହିଁ ।

ବିପିନ୍ ପୁଣି ପ୍ରଶ୍ନ କଲା ମହେଶର ଏ କଥା ପରେ—
ତୁ କ'ଣ ଏ ସମସ୍ତ ତ୍ୟାଗ କରିବାକୁ କୃତସଙ୍କଳ୍ପ ?

ମହେଶ ଅତି ଜୋରରେ କହିଲା—ନିଶ୍ଚୟ, ଯଦି ଦରକାର ପଡ଼େ। ତୁ ତ ପୁଣି ଦୁଇଶ ପର୍ଗ୍ସେଣ୍ଟ। ଝିଅଙ୍କ ପାଇଁ ସ୍ନେହ, ପ୍ରେମ, ଜନ୍ମଭୂମି ମାୟା ତ୍ୟାଗ କରି ଏଠି ପଡ଼ିରହିଛୁ!

ବିପିନ୍ ତାର ସମ୍ଭ୍ରମ ଉପରେ ଆଘାତ ଅନୁଭବ କଲା। ସେ ତାର ଅଲ୍‌ନାର ସୁଟ୍‌ଟାକୁ ଅନେଇଲା, ସେ ଯେ କମ୍ପାନୀର ଜଣେ ବିଶିଷ୍ଟ ଅଫିସର। ତଥାପି ସେ କହିଲା—

ଏପରି ସ୍ତ୍ରୀ କଣ ତୁ ଆମ ସମାଜରେ ପାଇବୁ ନାହିଁ ମହେଶ ?

ମହେଶ ହସିଲା, କହିଲା—ମୋର ଯେ ଏଇ ମଇଲା କଣ୍ଢେଇଟା ଦରକାର ବିପିନ୍। ମୁଁ ତ ବଡ଼ଲୋକ ବୋଲି ତୋର ଧାରଣା, ସେଥିପାଇଁ ମୋର ତ କିଛି ବିଶିଷ୍ଟତା ରହିବା ଦରକାର। ତମେ ତ ନେଲ ଭଲ କଣ୍ଢେଇ—ଆଉ ମୁଁ ତମ ଦୃଷ୍ଟିରେ ସମାନ ହେବି କାହିଁକି ?

ବଡ଼ ଅଦ୍ଭୁତ ତୋର ଯୁକ୍ତି। ତୁ ବଡ଼ଲୋକ ବୋଲି ତୋର ବୋଧହୁଏ ଏତେ ସାହସ ହେଇଛି।

ବିପିନ୍‌ର କଥାରେ ମହେଶ ହସି ହସି କହିଲା—ହଁ, ମୁଁ ଗୋଟା ପ୍ରବଳ ମତ୍ତବାରଣ।······ଆଚ୍ଛା, ବିପିନ୍ ତୁ ନିଶ୍ଚୟ 'ମାଳବିକାଗ୍ନିମିତ୍ର' ପଢ଼ିଛୁ ? ସେଥିରେ ସେହି ଯେଉଁ ଉପମାଟା କାଳିଦାସଙ୍କର, ତୋର ମନେଅଛି ? ସେହି ରାଣୀଧାରଣୀଙ୍କର ପ୍ରତିନିଧି ସଜ୍ଜ ନର୍ତ୍ତକୀ ମାଳବିକା ଯାଇଥିଲା ଅଶୋକମୂଳରେ ପଦ ପ୍ରହାର କରିବାକୁ। ଏଣେ ଛପିକରି ମାଳବିକାର ଶୋଭା ଦେଖୁଥାନ୍ତି ଅଗ୍ନିମିତ୍ର। ତେଣେ ଦୂରରେ ଆସୁଛନ୍ତି ଧାରଣୀ। ଏତିକିବେଳେ ବିଦୂଷକ ରାଜାଙ୍କୁ

ସାବଧାନ କରାଇଲା । ସେହି ସମୟରେ ଅଗ୍ନିମିତ୍ର କ'ଣ କହିଲେ ଜାଣୁ—?

ବିପିନ୍ ଇଷତ୍ ଅସହିଷ୍ଣୁ ତା ମଧ୍ୟରେ ଏହି ସାହିତ୍ୟିକ ପରାଜୟକୁ ଆଚ୍ଛାଦନ କରି କହିଲା—

ମୋର ମନେ ପଡ଼ୁନି ।

ମହେଶ ହସି ହସି କହିଲା—ଅଗ୍ନିମିତ୍ର କହିଲେ, ହେ ସଖା, ହେ ବୟସ୍ୟ, ବାରଣ ଯେତେବେଳେ ପାଣି ଉପରେ ବିକଶିତ ପଦ୍ମବନ ଦେଖି ଧାଏଁ, ସେ ଜଳର କୁମ୍ଭୀରକୁ ସେଠି ଖାତର୍ କରେନା ।

ଏହି କାବ୍ୟିକ କଥାକୁ ମହେଶ ମଧ୍ୟ କହିଲା ନାଟକୀୟ ଭଙ୍ଗିରେ । ବିପିନ୍ ଟିକେ ଅନାସ୍ଥା ଭାବ ଆଣି କହିଲା—

ତା'ହେଲେ ତୁ ଏସବୁ ପଢ଼ିକରି ଗୋଟା ଅଭିନୟ କରିବାକୁ ଯାଉଛୁ ।

ମହେଶ ଖୁବ୍ ଜୋରରେ ହସିଉଠି କହିଲା —ବନ୍ଧୁ, ତୁ ବି ଯଦି ଏମିତି ପଢ଼ି ଶିଖି ଅଭିନୟ କରନ୍ତୁ, ମୁଁ ଖୁବ୍ ଖୁସି ହୁଅନ୍ତି ।

ତା' ପରେ ସେମାନଙ୍କଠାରୁ ଏ ବିଷୟରେ କୌଣସି କଥା ବାହାରିଲା ନାହିଁ । ସମୟ ଅନେକ ହୋଇଯାଇଥିବାରୁ ଉଭୟେ ଖାଇବାକୁ ଗଲେ । ଖାଇସାରି ମହେଶ ଆସି ତା ରୁମ୍‌ରେ ପହଞ୍ଚି ଶୋଇବାକୁ ଯାଉଁ ଯାଉଁ ତାର ମନେ ପଡ଼ିଲା ସେହି ଅସମାପ୍ତ ଜୀବନ କାହାଣୀ । ତାର ମନ କାହାଣୀଠାରୁ ଆଉରି ଦୂରକୁ, ସିପ୍ରା ପାଖକୁ ମଧ୍ୟ ଗତିକଲା । ସେ ଭାବିଲା, ଆଜିକାର ଏହି ସନ୍ଧ୍ୟା ଛଡ଼ା ସେ ଏହା ପୂର୍ବରୁ, ସିପ୍ରା ପାଖରୁ ଫେରିଆସିବା ଏହି ତାର ପ୍ରଥମ । ସମସ୍ତ

ଭାବନାର ଉତ୍ସିଶପି, ସେ ଧରିଲା ସିପ୍ରାର ଲେଖା । ତାର ଜୀବନୀକୁ ସ୍ପର୍ଶ କରିବା ମଧ୍ୟରେ ସେ ଯେପରି ସିପ୍ରାର ଜୀବନକୁ ସ୍ପର୍ଶ କରିପାରୁଛି, ଏହା ତା'ର ହେଲା ବିଶ୍ୱାସ ।

ଶୋଇ ଶୋଇ ସେ ପଢ଼ିବାକୁ ଲାଗିଲା, ସିପ୍ରା କିପରି ସେହି ମର୍କତ ନାମକ ଯୁବକର ପ୍ରେମରେ ପଡ଼ିଲା । ସେ ତାର ବାପା ସାଙ୍ଗରେ ବନ୍ୟା ପ୍ରତିବିଧାନ ସଭାକୁ ଯାଇଁ ମର୍କତ ସାଙ୍ଗରେ ହେଲା ପରିଚିତ । ମହେଶ ପଢ଼ିଲା, "......ସେଥର ପଦ୍ମାରେ ଭୟଙ୍କର ବନ୍ୟା ହୋଇ ଖୁବ୍ କ୍ଷତି କରିଥାଏ । ଖବର କାଗଜରେ ନାନା-ପ୍ରକାର ଭାବରେ ବନ୍ୟାର ଦୁର୍ଗତିସୂଚକ ଫଟୋ ଓ ଲେଖା ପ୍ରକାଶ ପାଉଥାଏ । ଗଳି ଗଳି, ରାସ୍ତା ରାସ୍ତାରେ ନାନା ସଂଘ, ନାନା ଆଶ୍ରମ ପକ୍ଷରୁ ସ୍ୱେଚ୍ଛାସେବକମାନେ ବୁଲି ଚାନ୍ଦା ସଂଗ୍ରହ କରିବାରେ ଲାଗିଥାନ୍ତି । ଦିନେ ବାପାଙ୍କ ପାଖରେ କଲିକତାର ମେୟର୍ ଆସି ପହଞ୍ଚିଲେ, ଆଉ ବାପାଙ୍କୁ ଅନୁରୋଧ କଲେ ବନ୍ୟାପାଇଁ ହେଉଥିବା ସଭାରେ ସଭାପତିତ୍ୱ କରିବା ପାଇଁ । ତାହାପରେ ମେୟର ଚାନ୍ଦାଦାତା-ମାନଙ୍କର ଲିଷ୍ଟ୍ ଥୋଇଦେଲେ । ବାପା ଲେଖିଦେଲେ କୋଡ଼ିଏ ହଜାର ।

ଆଲବର୍ଟ୍ ହଲ୍‌କୁ ବାପାଙ୍କ ସାଙ୍ଗରେ ମୁଁ ମଧ୍ୟ ସଭାରେ ଯୋଗ ଦେବାପାଇଁ ଯାଇଥାଏ । ସଭାରେ ଅନେକ ଲୋକ ଅନେକ ବକ୍ତୃତା କଲେ । ବାପାଙ୍କର ସ୍ତୁତି, ପ୍ରଶଂସା ମଧ୍ୟ ବହୁତ କଲେ । ଶେଷରେ ନୃତ୍ୟ ପ୍ରଦର୍ଶନର ବନ୍ଦୋବସ୍ତ ଅନୁଯାୟୀ ନୃତ୍ୟ ମଧ୍ୟ ହେଲା । ନୃତ୍ୟକାରୀଙ୍କୁ ଦେଖି ମୁଁ ଚହିଁଲି ଏ ଜଣେ କଲେଜ୍ ଷ୍ଟୁଡେଣ୍ଟ ।

ଡାୟୋସେଶନ୍ କଲେଜରେ ପଢୁଥିଲାବେଳେ ଜେଭିଅର୍ସର ପିଲାମାନଙ୍କ ସାଙ୍ଗରେ ଆମେ ଗୋଟା ପରଫର୍ମାନ୍ସ ଦେଇଥିଲୁ । ଆମେ ଦେଇଥିଲୁ ଡମ୍ବ୍ ଶୋ । ସେମାନେ ତାହାପରେ ଥିଏଟର କରିଥିଲେ । ଏହି କଲେଜ ପିଲା ଅଭିନୟ କରିଥିଲେ ସିରାଜଉଦ୍ଦୌଲା ପାର୍ଟ । ସେ ଯେ ଏତେ ସୁନ୍ଦର ନାଚିପାରନ୍ତି ମୁଁ କେବେ କଳ୍ପନା କରି ନ ଥିଲି । ବାପା, ମେୟର ଓ ମୁଁ ପ୍ଲାଟ୍‌ଫର୍ମ ଉପରେ ତଳୋଟି ଚେୟାର୍‌ରେ ବସିଥାଉଁ । ମୁଁ ତାଙ୍କର ନୃତ୍ୟରେ ଏତେ ଖୁସିହେଲି ଯେ ହଠାତ୍ ଅନ୍ୟମନସ୍କଭାବରେ ହାତତାଳି ଦେଇଦେଲି । ମୁଁ ଦେଖିଲି ମର୍କତ ମୋତେ ଅନେଇଛନ୍ତି ।

ସଭା ଶେଷ ହୋଇଗଲାଣି, ସମସ୍ତେ ଚାଲିଗଲେଣି ପ୍ରାୟ । ବାପା ମେୟରଙ୍କୁ କହିଲେ, "ମୁଁ ସେହି ନୃତ୍ୟକାରୀ ଯୁବକଙ୍କୁ ଦେଖିବାକୁ ଚାହେଁ ।" ମୁଁ ଏହାର କାରଣ କିଛି ବୁଝିପାରିଲି ନାହିଁ । ମର୍କତ ଆସିଲାରୁ ବାପା ତାହାକୁ ମୋତେ ଚିହ୍ନାଇ ଦେଇ କହିଲେ "ଏ ମୋର ଝିଅ, ନାଁ ସିପ୍ରା; ତମେ ଏହାକୁ ନୃତ୍ୟ ଶିଖାଇଦେଇ ପାରିବ ?"

ମର୍କତ ହସି ହସି କହିଲା, "ଖୁବ୍ ପାରିବି, ଅନ୍ତତଃ ଯେତିକି ମୁଁ ଜାଣେ ।"

କୌଣସି କାରଣ ନ ଥାଇ ମଧ୍ୟ, ମୁଁ ଅତି ଚପଳତାର ସହିତ କହି ପକାଇଲି, "ତମେ ଖୁବ୍ ଜାଣ ।"

ମୋ ପାଟିରୁ 'ତମେ' ବାହାରି ପଡ଼ିବାରୁ ମୁଁ ମଧ୍ୟ ଲଜ୍ଜିତ ହେଲି ଭୟଙ୍କରଭାବରେ, ମୁହିଁ ଠେକି ମର୍କତକୁ ଅନେଇ ପାରିଲି

ନାହିଁ । ବାପା ମେୟରଙ୍କ ସାଙ୍ଗରେ ଗୃଳ୍‌ପିବାର ଉଦ୍ୟମ କରି ମୁହଁ ଲୁଲାଇ ସାରିଲେଣି, ଏତିକିବେଳେ ମର୍କତ ମୋର ହାତ ଧରି ପକେଇ କହିଲା, "ନମସ୍କାର—ମୁଁ ଆସୁଛି—।"

ମହେଶ ଟିକେ ଦମ୍ ନେଲା ଏହିଠାରେ । ତା ପରେ ପୁଣି ପଢ଼ିବାରେ ମନୋନିବେଶ କଲା, ମହେଶ ପଢ଼ିଲା ସିପ୍ରା କପରି ମର୍କତଠାରୁ ନୃତ୍ୟଶିକ୍ଷା କଲା, କେମିତି ସୁବିଧା ପାଇଲା ଅବାଧରେ ମିଶିବାପାଇଁ । ଆଜି ପଢ଼ିଲା, ନୃତ୍ୟର ଶିକ୍ଷକ ପାଖରେ ଜଣେ ଛାତ୍ରୀକୁ କେତେ ଘନିଷ୍ଠଭାବରେ ମିଶିବାକୁ ହୁଏ । ତାର ଉପମାଟିକୁ ବି ସେ ପଢ଼ିଲା ବିଶେଷ ମନଦେଇ । ସିପ୍ରା ଲେଖିଛି ତାର ନିଜର ଅଭିଜ୍ଞତା ଦେଇ—"ଖଣ୍ଡେ କଞ୍ଚା ସରୁ ବାଉଁଶକୁ କୌଣସି ରୂପଦେଇ ବଙ୍କାଇବାକୁ ହେଲେ ତା ଦେହରେ ଯେତିକି ସ୍ପର୍ଶ ଦେବା ଅବଶ୍ୟକ ହୁଏ, ଜଣେ ନୃତ୍ୟର ଛାତ୍ରୀ ପ୍ରତି ତାହାର ଅଙ୍ଗେ ଅଙ୍ଗେ ନୃତ୍ୟର ଲୀଳା ସୃଷ୍ଟି କରିବା ପାଇଁ ବୋଧହୁଏ ଶିକ୍ଷକର ଶତ ସହସ୍ର ସ୍ପର୍ଶର ହୁଏ ଆବଶ୍ୟକ ।" ଆଜି ଏହିପରି ଘଟନା ପରମ୍ପରାରେ ପଢ଼ି ଜଣେ କିଶୋରୀର ମନୋଭାବ କଣ ହୁଏ ଏବଂ କପରି ତା ଭିତରେ ଅନ୍ତରର ପ୍ରଣୟ ଆତ୍ମପ୍ରକାଶ କରେ ସେ ସମସ୍ତ ଲେଖିଛି ସିପ୍ରା ଅତି ନିର୍ଭୀକଭାବରେ । ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚକ୍ଷୁକୁ ନିଦ୍ରାକୁ ବହିଷ୍କୃତ କରି ମହେଶ ପଢ଼ିଲା ସେହି କଥାର କାବ୍ୟ ଅଥଚ ସତ୍ୟର ସାରସଂଗ୍ରହ ।

ବର୍ତ୍ତମାନ ମହେଶ ଆସି ପହଞ୍ଚିଲା ଗୋଟିଏ ଛକରେ—ଯେଉଁ ଛକ ଉପରେ ଛିଡ଼ା ହୋଇଛି ସିପ୍ରା, କୋଳରେ ତାର ନବଜାତ

## ଶତାବ୍ଦୀର ସ୍ୱପ୍ନଭଙ୍ଗ

'ଶିଶୁ । ଶିଶୁ କଣ୍ଠରେ ଚିତ୍କାର, ସିପ୍ରାର ଅନ୍ତରରେ ଅସ୍ଥିରତା, ଆଖିରେ ଅଶ୍ରୁ । ଏହା ପୂର୍ବରୁ ମହେଶ ପଢ଼ିସାରିଛି ସେ କ୍ୱପର ମର୍କତ ସଙ୍ଗରେ କଲିକତା ଛାଡ଼ି ବେନାରସ ଚାଲିଆସିଲା, ଆଉ ସେଠାରେ ନିଜକୁ ଗୋପନ କରି ପାରିଲେ ନାହିଁ ବୋଲି ଶେଷକୁ ସେମାନେ କ୍ୱପର ଚାଲିଆସିଲେ ଦିଲ୍ଲୀ ।

ମହେଶ ବୋଧହୁଏ କୌଣସି ଗୋଳମାଳରେ ପଡ଼ିଲା । ଏହି ଭଳି ଏ ଚୌମୁହାଁଣୀ ଛକରେ ପହଞ୍ଚି ଆଗର ବାଟ ଠିକ୍ କରିବାପାଇଁ ପୁଣି ଚାହିଁଲା ପଛକୁ, କେଉଁ ବାଟେ ସେ ଏହି ଛକ ଉପରକୁ ଆସିଲା । ପୃଷ୍ଠାଏ ଦୁଇ ପୃଷ୍ଠା ପଛକୁ ଖେଳାଇ ସେ ଆରମ୍ଭ କଲା ରଭାଇକ୍ "ଯେଉଁଦିନ ଗୋଟିଏ ଖବରକାଗଜ ଆଣି ମର୍କତ କହିଲା ବାପା ବ୍ଲଡ୍ ପ୍ରେସର୍‌ରେ ମରିଯାଇଛନ୍ତି, ମୁଁ ଜାଣିଲି ସାରାଜୀବନ ଲାଗି ମୁଁ ମୋର ସମସ୍ତ ଆଶ୍ରୟ ହରାଇଲି । ବେନାରସରେ ପହଞ୍ଚି ମୁଁ ବାପାଙ୍କୁ ସବୁ କଥା ନ ଜଣାଇ ରହି ପାରିଲି ନାହିଁ । ଆଉ ମଧ୍ୟ ଆଶା କରିଥିଲି ଯେ ସେ ମୋ ପାଇଁ କୌଣସି ଆର୍ଥିକ ସୁବିଧା କରିଦେବେ; ମାତ୍ର ଏଇଠା ଭାବିବା ମୋ ପକ୍ଷରେ ନିହାତି ଅନୁଚିତ ହୋଇଥିଲା । ମୁଁ ଯାହାଙ୍କୁ ନିର୍ମମ ଆଘାତ କରି ତାହାଙ୍କର ସୀମାତୀତ ଦୁଃଖର କାରଣ ହୋଇଛି, ସେ ଯେ ମୋ ପ୍ରତି ଏପରି କ୍ଷମାଶୀଳ ହେବେ ଏହା ଏକ ବିଡ଼ମ୍ବନା । ମାତ୍ର ମୁଁ ଯେ ବାପାଙ୍କର ମୃତ୍ୟୁର କାରଣ ଏହା ଆଉ ମୋର ଭାବିବାକୁ ବାକି ରହିଲା ନାହିଁ । ......

... ବେନାରସ ଆସିବାର ବହୁପୂର୍ବରୁ ମୁଁ ଯେ ଅନ୍ତଃସତ୍ତ୍ୱା ହୋଇଥିଲି ଏ କଥା ମୁଁ ଆସି ଜାଣିଲି ବେନାରସରେ । ଦେହର ଚିକିତ୍ସା ପାଇଁ

ଜଣେ ସ୍ଥାନୀୟ ଡାକ୍ତରଙ୍କଠାରେ ପରୀକ୍ଷିତ ହେଉଁ ହେଉଁ ସେ ମୋର ଜନନୀତ୍ୱ ଅବିଷ୍କାର କଲେ । ତାହାପରଠାରୁ ମର୍କତର ବ୍ୟବହାର ମୋତେ ଆଉ ଆନନ୍ଦ ଦେଲା ନାହିଁ । ସେ ଯେପରି ମୋତେ ଏକ ଗଳଗ୍ରହପରି ମନେକଲା । କଲିକତାରୁ ଆସିଲାବେଳେ ସାଙ୍ଗରେ ମାତ୍ର ଦୁ' ହଜାର ଟଙ୍କା ଆଣିଥିଲି । ମର୍କତର ହାତରେ ପଡ଼ି ତାହା ଧନକୁ ଧନ କଳ୍ପନାତୀତ ଭାବରେ ସଙ୍କୁଚିତ ହେବାକୁ ଲାଗୁଥାଏ । ......

ମୁଁ ଯେତେବେଳେ ଜନନୀ ରୂପରେ ଦେଖାଦେଲି ଏହି ବସୁନ୍ଧରା ଉପରେ, ସେତେବେଳେ ମୋ ପାଖରେ ସେ ଅପାର୍ଥିବ ଶିଶୁଟି ଛଡ଼ା ଆଉ କେହି ନ ଥାନ୍ତି । କ୍ରମାଗତ ତିନି ଦିନ ଅପେକ୍ଷା କରି ରହିଥିଲି ମର୍କତ ଲାଗି । ଶେଷରେ ମର୍କତ ଆଉ ଆସିଲା ନାହିଁ । ସେ ବୋଧହୁଏ ମୋର ସେହି ଧନକୁ ନିଶ୍ଚିତ ସଞ୍ଚୟ କରି ରଖୁଥିଲା । ବର୍ତ୍ତମାନ ସେ ମୋର ଧନକୁ ସମ୍ବଳ କରି ମୋତେ ଭସାଇଦେଲା ଅଗାଧ ସାଗରରେ । .........ବର୍ତ୍ତମାନ ମୋର ମନେ ହେବାକୁ ଲାଗିଲା, ମୋରହିଁ ସାବଧାନ ହେବା ଉଚିତ ଥିଲା ବୋଧହୁଏ ।... ......ଅକସ୍ମାତ୍ ଜଣେ ବେକରେ ମୋର ହାତ ବାଜିଗଲା, ଦେଖିଲି ଗୋଟିଏ ମୋତିର ହାର ଏପର୍ଯ୍ୟନ୍ତ ମୋର ବେକରେ ଅଛି । ମର୍କତର ହାତରେ ଆଉସବୁ ଅଳଙ୍କାର ଆଗରୁ ଅର୍ପଣ କରି ସାରିଥିଲି ।..... ମୁଁ ହଠାତ୍ ଦିଲ୍ଲୀର ଗୋଟିଏ ଚାନ୍ଦନୀ ଉପରେ ଛିଡ଼ାହୋଇ ପଡ଼ିଲି । ଦେଖିଲି ଆଗରେ ଟାକ୍ସିରେ ବସି ଚାଲିଗଲେ ମର୍କତ । କୋଳର ଶିଶୁ ବୋଧହୁଏ କ୍ଷୁଧାରେ କାନ୍ଦିଉଠିଲା, ମୋର ଅନ୍ତର ଆର୍ତ୍ତନାଦ କଲା ତା'ରି ସେ ଚିତ୍କାରରେ । ହାତରେ ଧରିଥିବା ମୋତି ହାରଟି ତା'

ପାଟିରେ ଚଟେଇବାକୁ ଲାଗିଲି । ମନେକଲି, ଏତେ ଦାମ୍ ଯେଉଁ ହାରର ସେ କ'ଣ କିଛି ମୋର ସନ୍ତାନର କ୍ଷୁଧା ଦୂର କରିପାରିବ ନାହିଁ ! ଜନନୀ ସ୍ୱର୍ଗାଦପି ଗରୀୟସୀ ବୋଲି ଯେଉଁ ଦେଶର ମୋଟୋ, ମୁଁ ସେହି ଦେଶର ଧୂଳିରେ ଚାଲୁଥାଏ । ମୁଁ ସେହି ଦେଶର, ମର୍କଟ ଯେଉଁ ଦାଗକୁ ଝାକ୍‌ପିରେ ଛୁଟି ଚାଲିଗଲା, ସେହିଆଡ଼େ ଅନାଇଥାଏ । ମୁଁ ବରାବର ସ୍ମରଣ କରୁଥାଏ, ମୁଁ ସେହି ଦେଶରେ ଚାଲୁଛି, ଯେଉଁ ଦେଶରେ ସୀତାଙ୍କୁ ଜାଳି ଦିଆହୋଇଛି, ଋଷି ଶୂଦ୍ରକଙ୍କୁ ହତ୍ୟା କରାହୋଇଛି, ଆଜି ମୁଁ ସେହି ଦେଶର ପୁରୁଷର ହାତରେ ମୋର ଜୀବନ ଅର୍ପଣ କରିଦେଇଥିଲି ।............ମୁଁ ଗୋଟିଏ ଜହ୍ନରି ଦୋକାନ ଉଦ୍ଦେଶ୍ୟରେ ଚାଲୁଥାଏ । ଏଥିପୂର୍ବରୁ ମୁଁ କେବେହେଲେ ଏପରିଭାବରେ ପଦାରେ ଚାଲି ନ ଥିଲି । ଶୀତଦିନ, ଶୀତରେ ମୋ ଅପେକ୍ଷା ଶିଶୁଟି ବେଶି ଥରୁଥାଏ । ପକ୍ଷୀ ତାହାର ଶାବକକୁ ପକ୍ଷ ଭିତରେ ପୂରାଇ ଉଷୁମ ଦେଲାଭଳି, ମୁଁ ଯଥାସମ୍ଭବ ବକ୍ଷରେ ଚାପିଧରି ରଖିଥାଏ ଶିଶୁଟିକୁ । କିନ୍ତୁ ତଥାପି ଶୀତରେ ଅଥୟ ହୋଇ ପଡ଼ୁଥାଏ ଶିଶୁ । ଏତେ ଦୁଃଖରେ ମଧ୍ୟ, ଏପରି ଶିଶୁକୁ କୋଳରେ ଧରି ଗୌରବ ନାହିଁ, ତାହା ଜାଣି ମଧ୍ୟ ସେହି ଶିଶୁଟି ପାଇଁ ମୁଁ ଯେପରି ସମସ୍ତ କଷ୍ଟ ସହ୍ୟ କରିପାରୁଥାଏ । ଗୋଟିଏ ଉଜ୍ଜ୍ୱଳ ତାରକା ଭଳି ତା'ର ସେହି ମୁଖକୁ ମୁଁ ଏ ଜୀବନରେ କଦାପି ପାସୋରି ପାରିବି ନାହିଁ ।"

ମହେଶ ଯେପରି ବର୍ତ୍ତମାନ ଗୋଟିଏ ଛାତ୍ର, ଆଜି କାଲି ତା'ର ଯେପରି ପରୀକ୍ଷା, ଏହିପରି ସେ ପଢ଼ିବାରେ ମନୋନିବେଶ କରିଥାଏ ।

# ଶତାବ୍ଦୀର ସ୍ୱପ୍ନଭଙ୍ଗ

ଇତିହାସ ପଢ଼ିବାବେଳେ କିଏ କ'ଣ ଭୁଲ୍ କଲା କି ମନ୍ଦ କଲା, ଠିକ୍ କଲା କି ଭଲ କଲା—ଏ ବିଷୟରେ କିଛି ନ ଭାବି ଇତିହାସଟାହିଁ ଯେପରି କେବଳ ମନେରଖିବାକୁ ହୁଏ, ସେ ସେହିପରି କୌଣସି ଭାବନା ବା ସମାଲୋଚନା ମନରେ ନ ପୂରାଇ ଲେଖାଟାକୁ ପଢ଼ି ଚାଲିଥାଏ । ସେ ତାହାପରେ ପଢ଼ିଲା, କିପରି ଶେଷକୁ ସିପ୍ରା କାହୁସି ଦୋକାନରେ ପହଞ୍ଚିଲା ଆଉ ମାତ୍ର ଶହେଟା ଟଙ୍କାରେ ସେ ମୋତି ହାରଟା କିପରି ସେ କାହୁସି ତାହାଠାରୁ ନେଇଗଲା । ତାହାପରେ ତାହାର କେତେକ ଦୈନନ୍ଦିନ ଘଟଣା ପରେ ସେ ପଢ଼ିଲା, କିପରି ଘଟଣାକ୍ରମେ ମିଃ କଶ୍ୟପ ବୋଲି ଜଣେ ଭଦ୍ରଲୋକଙ୍କ ସାଙ୍ଗରେ ସିପ୍ରାର ହେଲା ପରିଚୟ । ଆଉ ତାଙ୍କ ମାର୍ଫତ୍‌ରେ ଏବଂ ସହୃଦତାରେ ସେ କିପରି ତାର ସନ୍ତାନକୁ କଲା ବିକ୍ରୟ । ସେ ଖୁବ୍ ଅଭିନିବିଷ୍ଟ ହୋଇ ପଢ଼ିଲା ଏହି କେତେକ ପଂକ୍ତିକୁ ।

"ଯେଉଁ ଦେଶରେ ଅସଂଖ୍ୟ ଅବୈଧ ସନ୍ତାନ ପୃଥିବୀର ସୂର୍ଯ୍ୟାଲୋକ ନ ଦେଖିବା ପୂର୍ବରୁ ମଧ୍ୟ ପୃଥିବୀରୁ ଘେନନ୍ତି ବିଦାୟ ସେହି ଦେଶର ଜଣେ ସାମାନ୍ୟ ନାରୀ ତା'ର ସନ୍ତାନକୁ ବିକ୍ରୟ କରିଦେବାରେ ବରଞ୍ଚ ଅଶ୍ୱାସନାର କାରଣ ରହିଛି । ମୋର ସନ୍ତାନକୁ କିଣିଲେ ଜଣେ ମାରୱାଡ଼ି ଶେଠ୍ । ସେ ଥିଲେ ଅପୁତ୍ରିକ । ଉପହାର ବ୍ୟତୀତ ସେ ପାଞ୍ଚ ହଜାର ଟଙ୍କା ମୋ ପାଖକୁ ପଠାଇଲେ ପୁତ୍ରର ମୂଲ୍ୟ ସ୍ୱରୂପ । କିନ୍ତୁ ତାଙ୍କର ପ୍ରାୟ ପଚିଶ ହଜାର ଟଙ୍କା ଏହି ଉପଲକ୍ଷରେ ଖର୍ଚ୍ଚ ହୋଇଛି । ମୁଁ ସେହି ଟଙ୍କାକୁ ଗ୍ରହଣ କରିବି କି ନାହିଁ ଏହା ହୋଇଉଠିଲା ମୋର ବଡ଼ ଚିନ୍ତାର ବିଷୟ; ମାତ୍ର ମୁଁ ଯେ ନିରାଶ୍ରିତା ।

ଏହି ବିଶାଳ ଦେଶର ଅସଂଖ୍ୟ ବାହୁଗ୍ରସ୍ତା ବିନା ଆଜି ଯେ ଜଣେ ଅବଳାକୁ ମାତ୍ର କାଗଜ କେତେଖଣ୍ଡ ରକ୍ଷା କରିବ ! ମୁଁ ରକ୍ଷା କରିଥିଲି ମୋର ସନ୍ତାନକୁ, ଆଜି ମୋର ସନ୍ତାନ ରକ୍ଷା କରିବ ତା'ର ମାକୁ । ଏଥିରେ ହୁଏତ ଗର୍ବିତ ହେବା ଉଚିତ । ଏହା ଭାବି ମୁଁ ଗ୍ରହଣ କଲି ସେହି ଟଙ୍କା । କିନ୍ତୁ ଏହା ସବୁଠାରୁ ଆଶ୍ଚର୍ଯ୍ୟ ଲାଗିଲା ମୋତେ ଯେ, ଯେଉଁଠାରେ ମୋର ସନ୍ତାନକୁ ଘେନି ଆନନ୍ଦୋତ୍ସବ ସେଠି ମୋର ସ୍ଥାନ ନାହିଁ, ହୁଏତ ସେଠି କେହି ମୋତେ ଚିହ୍ନେନା । ମାତ୍ର ଏହା ଭାବି ମୁଁ ଆଶ୍ୱସ୍ତ ହେବାକୁ ଲାଗିଲି— ସେମାନେ ତ ଏହି ପଙ୍କର ପଦ୍ମକୁ ଆଦର କରୁଛନ୍ତି !

ଏହା ପରେ ମୋର ଦୁର୍ଦ୍ଦିନର ହେଲା ଶେଷ । ଅସ୍ତାକାଶର ମେଘଖଣ୍ଡ ଭଳି ମୁଁ ମୋର ରଙ୍ଗ ବଦଳାଇବାକୁ ଚେଷ୍ଟା କଲି ଏଣିକି । ଏ ଦିଗରେ ମୋର ସଂସ୍କୃତି ଓ ଶିକ୍ଷା ହିଁ ବହୁଭାବରେ ସାହାଯ୍ୟ କଲା । ମୋ ଆଗରେ ଦୁଇଟି ମାର୍ଗ ବର୍ତ୍ତମାନ ଦେଖାଦେଲା । ପ୍ରଥମଟି ସିନେମାର ପଥ, ଦ୍ୱିତୀୟଟି ବିଖ୍ୟାତ ଗାୟିକା କେଶରବାଈଙ୍କର ଆଦର୍ଶ । କିନ୍ତୁ ସିନେମାକୁ ଯାଇ ଦେଖିଲି ତାହା ଏକ ରଣକ୍ଷେତ୍ର । ମୋ ପକ୍ଷରେ ଆଦୌ ତାହା ସୁବିଧାଜନକ ନୁହେଁ । ଜୀବନରେ ଆଉ ଅଭିନୟ କରିବାକୁ ଇଚ୍ଛା ମୋର ନ ଥାଏ । ଅବଶେଷରେ ଦ୍ୱିତୀୟଟିକୁ ଆଶ୍ରୟ କଲି ।

ମହେଶ ପଢ଼ିବାରେ ଲାଗିଲା, ସିପ୍ରା କ୍ୱାପର ଆସି ଏହି ବିରାଟ ସହରରେ ତା'ର ଶ୍ୱେତ ଗୋଡ଼ ଯୋଡ଼ିକ ଧୀରେ ରଖିଲା । କ୍ୱାପର

ସେ ସମ୍ବାଦପତ୍ରରେ ବିଜ୍ଞାପନ କଲା ନିଜର ଯୋଗ୍ୟତାର । କ୍ରମଶ ସେ ବଡ଼ ବଡ଼ ଜାଗାରୁ ଆହ୍ୱାନ ପାଇଲା ନୃତ୍ୟପାଇଁ । କ୍ରମଶ ସେ ପରେ ହୋଇ ଉଠିଲା ଜଣେ ପ୍ରସିଦ୍ଧା ନଟୀ । ଏହି ସମୟରେ ଜଡ଼ିତ କଣ୍ଠରେ କହି ଉଠିଲା ମହେଶ "ତୁ ଜାଣିଚୁ ବିପିନ୍, ସିପ୍ରା କେତେ ଦୁଃଖ ପାଇଚି ତା ଜୀବନରେ ?" ହଠାତ୍ ସେ ଅନେଇଲା ବାହାରକୁ ମଧ୍ୟ, ବିପିନ୍ ସେଠି କାହିଁ ? ସେ ନିଜର ଭୁଲ୍ ବୁଝିପାରି ପୁଣି ପଢ଼ାରେ ମନୋନିବେଶ କଲା । ଏହି ନଟୀଜୀବନର କେତେକ ଘଟନା ପଢ଼ିବାକୁ ତାକୁ ଆହୁରି ଦଶ ବାର ପୃଷ୍ଠା ଲେଉଟାଇବାକୁ ପଡ଼ିଲା । ଶେଷରେ ସେ ଶେଷ ଅଧ୍ୟାୟରେ ପହଞ୍ଚିଲା, ତାହାର ଗୋଟିଏ ପାରାଗ୍ରାଫ୍ ସେ ଭଲକରି ବର୍ତ୍ତମାନ ପଢ଼ୁଛି— ବୋଧହୁଏ ଏହିଟାହିଁ ଶେଷ ପାରାଗ୍ରାଫ୍ ।

"ଖୁବ୍ ଭୁଲ୍ କଲ ତମେ ମହେଶବାବୁ ଏହି ବେଶ୍ୟାଟାକୁ ଭଲପାଇ । ହୁଏତ ତମେ ଅବିବାହିତ । ତମର ଚେହରୁ ତ ସେୟା ଲକ୍ଷିତ ହୁଏ । ହୁଏତ ତମେ ଖୁବ୍ ଧନୀ ଆଉ ମାନୀ ମଧ୍ୟ । ତମର କୌଣସି ଉଚ୍ଚତର ପାତ୍ରୀର ସନ୍ଧାନ ନେବା ଉଚିତ ଥିଲା । ବିଷ ଖାଇ ସମସ୍ତେ ହଜମ କରିପାରନ୍ତିନି ମହେଶବାବୁ ! ଆଉ ସେ ପ୍ରୟାସ ମଧ୍ୟ ତମର କରିବା ଉଚିତ ନୁହେଁ । ମୁଁ ମଧ୍ୟ ସେ ପ୍ରୟାସ କରି ଯଥେଷ୍ଟ ବେଦନା ଅନୁଭବ କରୁଛି । ଅବଶ୍ୟ ମୁଁ ବିଷ ଖାଇନି; ଖାଇଛି ଅମୃତ । କିନ୍ତୁ ମଣିଷ ପେଟରେ ଅମୃତ ବୋଧହୁଏ ହଜମ ହୁଏନା; ମାତ୍ର ତାର ସ୍ୱାଦ ମଣିଷକୁ ଆକୃଷ୍ଟ କରି ବିପଦରେ ପକାଏ । ତମେ ମୋଠାରୁ ଦୂରରେ ରହିବାକୁ ଅନେକ ଚେଷ୍ଟା କରିଛ । ମୁଁ କି

ତମର ସର୍ବନାଶ କରିଛୁ । ସେଥିପାଇଁ ମୁଁ ମୋର ଜୀବନର କୁତ୍ସିତମୟ ପାଖଟି ତମ ଆଗରେ ଥୋଇଦେଲି । ମୋର ଆଶା, ମୋର ରୂପ ସାଙ୍ଗରେ ଏହି କାଳିମା ଯୋଗ କରିଦେଲେ ମୋର ପ୍ରକୃତ ଚେହେରା ପ୍ରକାଶ ପାଇବ । ଆଜି ତାହା ତମକୁ ଉଚିତ ମାର୍ଗରେ ନେବ । କିନ୍ତୁ ମନେ ଏଇ କଥାଟା ବାଧିବ ଯେ, ତମେ ଯଦି ମୋତେ ବେଶ୍ୟା ବୋଲି ଭାବ । ମୁଁ ଦେହର ପୂଜାରୁ ଅନେକଦିନୁ ଦୂରେଇ ଯାଇଛି । ଯେଉଁ ରୂପକୁ ଦେଖି ମଧ୍ୟ ଅନ୍ୟମାନେ ଟଙ୍କା ପକାଇ ଦେଇଯାନ୍ତି, ସେଠି ମାଂସର ଆବଶ୍ୟକତା ହୁଏନା । ମୋର ସ୍ୱର, ମୋର ରୂପ ଏବଂ ମୋର ନୃତ୍ୟହିଁ ମୋତେ ଅର୍ଥ ଦେଇଯାଏ । ତମକୁ ଠକିବାର ହୋଇଥିଲେ ମୁଁ ମୋର ଜନନୀତ୍ୱର ଇତିହାସ କହିବାକୁ ଯାଇ ନ ଥାନ୍ତି । ମୁଁ ଜୀବନରେ ପ୍ରେମରେ ପଡ଼ିଥିଲି, ଯେପରି ମୋ ପରି ଅନେକ ଯୁବକ ଯୁବତୀ ପ୍ରେମରେ ପଡ଼ନ୍ତି । ଅନେକ ଯୁବତୀ ହୁଏତ ସେମାନଙ୍କୁ ପିଚ୍ଛିଳପଥରୁ ବଞ୍ଚାଇପାରିଥାନ୍ତି । ମାତ୍ର ଯେଉଁମାନଙ୍କର ଗୋଡ଼ ଖସିଯାଏ ସେମାନଙ୍କର ସଂଖ୍ୟା ନଗଣ୍ୟ ନୁହେଁ । ଆଜି ପୁରୁଷ, ଅଥବା—ଯୁବକ, ସେମାନଙ୍କର ବୋଧହୁଏ ପ୍ରାକୃତିକ ସୁବିଧା ହେତୁ ସେମାନେ ପ୍ରେମର କୌଣସି ଲାଞ୍ଛନ ବହନ କରି-ପାରନ୍ତି ନାହିଁ; ମାତ୍ର ନାରୀ ପକ୍ଷରେ ଏହା ଗୋଟିଏ ପ୍ରଧାନ ଅନ୍ତରାୟ । ସମ୍ଭବତଃ ସେଥିପାଇଁ ନାରୀର ଦାୟିତ୍ୱ ବେଶି ହେବା ଉଚିତ ଏ ଦିଗରେ । କିନ୍ତୁ ମୋ ମତରେ ଏହା ଗୋଟା ଆକ୍ସିଡେଣ୍ଟ, ହୁଏତ ସମସ୍ତେ ଏପରି ଅବସ୍ଥାକୁ ଆସି ନ ପାରନ୍ତି । ଜନନୀତ୍ୱ ବହନ କରିବା ଏହି ପ୍ରମାଣ କରେ ନା ଯେ, ସେ ଯୁବତୀ ଅନ୍ୟମାନଙ୍କଠାରୁ

ଅଧିକ ପ୍ରେମପ୍ରବଣତା ଲାଭ କରିଥିଲା । କିନ୍ତୁ ଏହାର ମୂଳ କଥା ଆଲୋଚନା କଲେ ଆମେ ବୋଧହୁଏ ଅଧିକ ସମୀଚୀନ କାର୍ଯ୍ୟ କରିବା । ଯାହା ଅବଶ୍ୟମ୍ଭାବୀ ତାହାପାଇଁ କଣ କୌଣସି ପ୍ରତିକାର ରହିବା ଉଚିତ ନୁହେଁ, ଉଦାରଭାବରେ ? ତମକୁ ପ୍ରେମ କରିବା ଦ୍ୱାରା ମୋର ମସୀମୟ ଜୀବନ ଉପରେ ଆହୁରି ମସୀ ଚଢ଼ାଇ ଦେଇଛି ବୋଲି ଯଦି ଧରି ନିଆଯାଏ, ମୁଁ ଏହା ଆନନ୍ଦରେ ସହ୍ୟ କରିବାକୁ ପ୍ରସ୍ତୁତ । ......ମୁଁ ଜଣେ ଶିକ୍ଷିତା ନାରୀ । ବୋଧହୁଏ ତମେ ମୋ ଠାରୁ ବହୁଗୁଣରେ ଶିକ୍ଷିତ ଏବଂ ଜ୍ଞାନୀ । ଏହା କହିବାର ଉଦ୍ଦେଶ୍ୟ ଯେ, ସାଧାରଣ ନାରୀ ଏହି ଦଗରେ ପଡ଼ିଲେ ଯେତିକି ପଥ ହରାଇବେ, ଅନ୍ତତଃ ମୁଁ ସେତିକି ହରାଇବି ନାହିଁ । ଆଜି ତମେ ବୋଧହୁଏ ଜଣେ ଶିକ୍ଷିତା ଅଥଚ ଚରିତ୍ରହୀନାର ହୃଦୟକୁ କୌଣସି ମୂଲ୍ୟ ଦେଇପାରିବ । କିନ୍ତୁ ଚରିତ୍ର ଶବ୍ଦର ଅର୍ଥ ମୋ ପାଖରେ ଟିକିଏ ସ୍ପଷ୍ଟ ନୁହେଁ । ସାଧୁତା, ବିନୟ, ଭଦ୍ରତା ଯଦି ଚରିତ୍ର ଭିତରେ ଗଣ୍ୟ ହୁଏ, ମୋ ବିଶ୍ୱାସରେ ମୁଁ ନିଶ୍ଚୟ ପାଶ୍‌ମାର୍କରୁ ଅଧିକ ମାର୍କ ପାଇବି । ଆଜି ଯଦି ଏହି ଦୈହିକ କ୍ରିୟା ଉପରେ ଧରାଯାଏ ତ ମୁଁ ମଧ୍ୟ ନିଶ୍ଚୟ ପାଶ୍ କରିବି । କିନ୍ତୁ ମୁଁ ସେହିମାନଙ୍କ ସାଙ୍ଗରୁ ଜଣେ ହେବାକୁ ଚାହେଁ, ଯେଉଁମାନେ ଜମା ପାଶ୍‌ମାର୍କ ପାଇ ପାରିବେ ନାହିଁ ।"

ନିମ୍ନୋକ୍ତ କବିତାଟି ପଢ଼ି ଶେଷ କଲା ମହେଶ । ତାର ଅନ୍ତରରୁ ଏ କବିତା ଯେପରି ଝଙ୍କୃତ ହୋଇ ଉଠୁଥାଏ ।

ମୁହିଁ ଭେଟିଲି ଏକଦା ଅପ୍‌ସରୀ
ମୁହିଁ ହୋଇଲି ତାହାର ଅତିଥି
ତାର ପଦ-ରେଣୁ-ମଖା-ପୁରୀରେ
ମୁହିଁ ରଚିଲି ପ୍ରେମର ବସତି ।

ତାର କୁସୁମ ଚଟୁଳ ଅଧରୁ
ମୁହିଁ ଶୁଣିଲି ନୂତନ କବିତା,
ତାର ବଚନ ସରସ ମଧୁର
ମନେ ଜାଳିଲା ସୁଖର ସବିତା ।

ମୋର ତମିର ଲିଭିଲା ସକଳ
ଅତି ସଫଳ ଲାଗିଲା ଜନମ,
ତାରେ ଡାକିଲି ମୁଁ ଅତି ପାଖରେ
କହ କଥା ବାରେ ମୋର ଶୁଣ ମ !

ତାରେ ନ କହୁଁ ମୋହର କାହାଣୀ
ଯାହା ଇତିହାସ ଥିଲା ତାହାର,
ମୋତେ ସେ କହିଲା ବସି କେବଳ
ଢାଳି ହୃଦୟେ ପ୍ରଣୟ-ନିହାର ।

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ତାର ଇତିହାସ ନୁହେଁ ଅଳପ
କେତେ କଳପ କଟିବ ଭାବି ତା,
ଅତି କରୁଣ ରୁଚିର, ସଜଳ
ହେଲେ କାଟିଦିଏ କୋଟି କବିତା ।

ସେ ଯେ ଆସିଲା ମୋ ଅତି ନିକଟେ
ଅତି ଛନଛନେ ମୋତେ ଚୁହିଁଲା,
ତାରେ ବସିବାକୁ ପାଖେ କହିଲି
ସେ ଯେ ହସି ଖାଲି ଗୀତ ଗାଇଲା ।

ତାରେ ପ୍ରବୋଧି କହିଲି ବାଳିକା,
ମତେ ଭାବ ନାହିଁ ଆନ ସମାନ,
ସ୍ଥିର ତନୁ ତରପଣେ ଜୀବନେ
ମୁହିଁ ଦେଇନାହିଁ ବଡ଼ ଧିଆନ ।

ମୁହିଁ ନିଜକୁ ଭାବୁଚି ଆନ ଗୋ
ଭାବେ ମୁହିଁ ନାରୀ, ଅତ୍ୟାଗୁରୀତା,
କେହୁ ମୋହର ସମାନ ପୁରୁଷ
ସିନା କରନ୍ତୁ ଭ୍ରମରେ ହୁରତା ।

ମୁହିଁ ମାଗୁଅଛୁ ମାଫି ତାହାର
ତମେ ବାରେ କହ ହସି କେବଳ,
ସେହୁ ଅଧମ ଭାଇରେ କ୍ଷମିଚ
ଆଉ କରନାହିଁ ଆଖି ସଜଳ ।

# ଶତାବ୍ଦୀର ସ୍ୱପ୍ନଭଙ୍ଗ

ମୋର ଜୀବନର ଥିଲା ସପନ
ମୁହିଁ ଆଣିବି ଏସନ ନାୟିକା,
ଯାର ଥିବ ଇତିହାସ-କାହାଣୀ,
ଯେହୁ ହୋଇବ କାରୁଣୀ ଗାୟିକା ।

ତାର ବ୍ୟଥାରେ ଗାଇବି କବିତା
ତାର ଲୋତକେ ମିଶାଇ ଲୋତକ,
ମୋର ଭାଷାରେ ଫୁଟିବ ତା ଭାଷା
ମୁହିଁ ହୋଇବି ତା ଦୁଖନାଶକ ।

ତାର ହସରେ ହୋଇବ ଉଜଳ
ଝିଲ ଅନ୍ତର ବାହାର ମୋହର,
ଦୁହେଁ ଚାଲିଯିବୁ ହସି ହସିକା
କରି ପଥ ଘାଟ ମଧୁ ମୁଖର ।

କହି ଚାହିଁଲି ତାହାର ମୁଖରେ
ତାର ମୁଖଟି ଗୁଞ୍ଜି ମୋ ଛାତିରେ,
ଘନେ ବୋଳି ଭୁଜେ ମୋତେ ଭିଡ଼ିଲା
ଯେହ୍ନେ ମିଶିଯିବ ସେ ମୋ ସାଥିରେ ।

ଶେଷେ ଦୁହିଁଙ୍କର କଥା ସରିଲା
ଦୁହେଁ ଦୁହିଁଙ୍କୁ ଅନାଇ ରହିଲୁ,
ଦୂରେ ସରଗରେ ଜହ୍ନ ଉଠୁଥା
ତାର କୋଳେ ମଥା ଦେଇ ପହିଲୁ ।

## ଶତାବ୍ଦୀର ସ୍ୱରଭଙ୍ଗ

ତାର ପରଶେ ପରଶେ ମୋହର
ଦେହ ଶିହରି ଶିହରି ଉଠିଲା,
ଧୀରେ ନିଶି ଶେଷ ହୋଇ ଆସିଲା
ମୃଦୁ ଶୀତଳ-ପବନ ବହିଲା ।

ଏବେ କାକ ଡାକ ଦେଲେ ମଥାନେ
ଉଠ, ଉଠ ଆଉ ରାତି ନାଇଁଟି,
ମୁଇଁ ସଧୀରେ ଗୁହିଁଲି କୋଳରେ
ମୋର ପ୍ରବାଳ ଲତିକା ଶୋଇଛି ।

ମୋର ମୁରଲୀ ଧଇଲା ଶବଦ,
ମୋର ନୟନୁ ଲିଭିଲା ସପନ,
ମୋର କୋଳର ବାଳିକା ଅଧରେ
ମୁଇଁ ଦେଖିଲି ଜଇଁଛି ତପନ ।

ଏ କଣ ବନ୍ଦୀର ପ୍ରଭାତୀ ?

ହଁ, ଏ ରାଜକୁମାରୀର ସ୍ୱପ୍ନଭଙ୍ଗ ପାଇଁ ବନ୍ଦୀ ରାଜପୁତ୍ରର ଗୁଞ୍ଜନ ।—କହି ଦୁହେଁ ହସି ଉଠିଲେ—ସିପ୍ରା ଓ ମହେଶ ।

କିନ୍ତୁ ତମେ ଏ ଚମତ୍କାର କବିତା କେଉଁଠୁ ପାଇଲ ମହେଶ ବାବୁ ?

ପାଇଲି ଗୋଟାଏ ଜାଗାରୁ—ସିପ୍ରା ନାମ୍ନୀ ବାଳିକାର ବାଇଓଗ୍ରାଫି ଭିତରୁ ।

କିନ୍ତୁ ମୁଁ ଯେ ବାଳିକା ନୁହେଁ ମହେଶ ବାବୁ !

ଓଃ, ତମେ ଯେ ଜନନୀ ! ତା' ହେଲେ ସିପ୍ରା ନାମ୍ନୀ ଜନନୀ ହେଉ ।

ସିପ୍ରାର ମୁହଁ ଟିକିଏ ନିଷ୍ପ୍ରଭ ଦେଖାଗଲା । ମହେଶ ତାହା ପ୍ରତି ନଜର ନ ଦେଇ କହିଲା—

ତମେ ଜାଣନା ସିପ୍ରା, ତମର ଅନନ୍ତଯୌବନା ଉର୍ବଶୀ ମଧ୍ୟ ଜଣେ ଜନନୀ— ! କିନ୍ତୁ ସ୍ୱର୍ଗରେ ତାଙ୍କର ସେ ରେକର୍ଡ଼୍ ନାହିଁ । ମର୍ତ୍ତ୍ୟର ସନ୍ତାନ ମର୍ତ୍ତ୍ୟରେ ରହିଲା—ସ୍ୱର୍ଗର ଦେବୀ ଉଡ଼ିଗଲେ ସ୍ୱର୍ଗକୁ । ନିରାଲମ୍ବ ଯୁବତୀ ବେଶରେ ହେଲେ ଠିଆ ସୁଧର୍ମା ସଭାରେ ।

ତମେ ବ୍ରଡ଼୍‌କାଷ୍ଟ କରିଦିଅନା; ଉର୍ବଶୀ ବୁଢ଼ୀ, ସେ ଜନନୀ । —କହି ସିପ୍ରା ହସି ଉଠିଲା ।

କିନ୍ତୁ ମର୍ତ୍ତ୍ୟର ଏହି ମହେଶ ପରି ମହେନ୍ଦ୍ରର ତ ପୁଣି ଅଭାବ ଅଛି । ତମର ଜୀବନୀ ଭଳି ମୋର ବ୍ରଡ଼୍‌କାଷ୍ଟ ନିରର୍ଥକ ହୋଇରହିବ ।

ମୋର ଜୀବନୀ ପ୍ରତି ତମର ଶ୍ରଦ୍ଧା ନାହିଁ ତା'ହେଲେ ?

ତମର ଜୀବନୀ ଅପେକ୍ଷା ତମର ଜୀବନ ପ୍ରତି ଶ୍ରଦ୍ଧା ରହିଲେ ବୋଧହୁଏ ଅଧିକ ଭଲ ହେବ ସିପ୍ରା ? ଆଉ ତାହାର କାରଣ କଣ ଜାଣ ସିପ୍ରା, ତମର ଜୀବନୀ ପ୍ରତି କେହି ଶ୍ରଦ୍ଧା ଦେଖାଇ ନାହାନ୍ତି, ତେଣୁ ମୋର ନ ଦେଖାଇବା ମଧ୍ୟ ଅସ୍ୱାଭାବିକ ନୁହେଁ; ମାତ୍ର ତମର ଜୀବନ ପ୍ରତି ଶ୍ରଦ୍ଧା ଦେଖାଇଛନ୍ତି ଅନେକ, ମୋର ମଧ୍ୟ ତାହା ହେବା ସ୍ୱାଭାବିକ, ଆଉ ମୁଁ ଏହାଦ୍ୱାରା କିଛି ବଡ଼ କଥା କରୁନାହିଁ ମଧ୍ୟ ।

ତମେ କଣ କିଛି ବଡ଼ କଥା କରିବାକୁ ବମ୍ବେ ଆସିଥିଲ ମହେଶବାବୁ ? ପ୍ରଶ୍ନ କଲା ସିପ୍ରା ।

ନିଶ୍ଚୟ, ଅନ୍ତତଃ ଆମ ଓଡ଼ିଆଙ୍କ ପକ୍ଷରେ ବଡ଼ କଥା କହୁଛି । ଯେତେବେଳେ ଲୋକେ ପୃଥିବୀ ବୁଲିସାରି ଗ୍ରହ ବୁଲିବାକୁ ବାହାରିଛନ୍ତି, ମୁଁ ସେତେବେଳେ ଗଣେଶଙ୍କ ପରି ମହାଦେବଙ୍କ ଗୃହପାଖ ଘୂରି ଆସିବାକୁ ବାହାରିପଡ଼ିଲି ।

ମହେଶର କଥା ଶୁଣି ସିପ୍ରା ହସି ହସି କହିଲା—କିନ୍ତୁ ଏଠା ସାର୍ବଜନୀନ ସତ୍ୟ ତ ?

ଯେଉଁଠାରେ ପୃଥିବୀର ଶ୍ରେଷ୍ଠ ଅଭିଜାତ ବହୁ ବିବାହିତା ନାରୀକୁ ନିଜର ଗୃହଲକ୍ଷ୍ମୀ କରିବାକୁ ସମସ୍ତ ସମ୍ଭ୍ରମ ତ୍ୟାଗ କରିଦେଇ ପାରୁଛି, ସେଠି ବି ଏପରି ଦେଶ ଅଛି ଯେଉଁଠି ସେ କଥା ଉଠାଇବା ମଧ୍ୟ ପାପ, ଆଉ ଉପେକ୍ଷିତା ଉର୍ବଶୀ ଯେଉଁଠି ଚିରଦିନ ଦୁଆର ମୁହଁରେ ଠିଆ ହୋଇ ରହିଥାଏ ସେଠି ସାର୍ବଜନୀନ ସତ୍ୟର ଆବଶ୍ୟକତା କାହିଁ ସିପ୍ରା ?

ସିପ୍ରା କହିଲା ମହେଶର କଥାକୁ ଲକ୍ଷ୍ୟ କରି—ତା' ହେଲେ ତମେ କିନ୍ତୁ ବଡ଼ କାମ କରି ପାରିବ ନାହିଁ ଦେଖୁଛି ?

ମୁଁ ତ ସେଇଆ ଭାବେ । ମୁଁ ଭାବିଥିଲି, ଯେଉଁ ବାଟମଙ୍ଗଳାଙ୍କୁ ଲୋକେ ଗଛମୂଳରେ ରଜି ମୁଣ୍ଡିଆ ମାରୁଛନ୍ତି, ମୁଁ ତାଙ୍କୁ ମୋର ଅନ୍ଦରମହଲକୁ ନେଇଯାଇ ପୂଜା କରି ବଡ଼ କାମଟାଏ କରିବି । କିନ୍ତୁ ଦେଖିଲି, ସେଠା ଜମା ବଡ଼ କାମ ନୁହେଁ । ଯେମିତି ଚାଲିବାକୁ ଆମକୁ ଗୋଡ଼ ଦିଆହୋଇଛି, ସେମିତି ଜୀବନକୁ ବିକାଶ କରିବା ପାଇଁ ଦୟା, କ୍ଷମା, ପ୍ରେମ ଦିଆହୋଇଛି—ଏହାକୁ ପ୍ରକାଶ କରି ଗର୍ବ

ଅନୁଭବ କରିବା ଗୋଟା ହାସ୍ୟାସ୍ପଦ କଥା ନୁହେଁ ସିପ୍ରା ! ବଡ଼ କାମ ଆଜି ଅସିଲା କେଉଁଠୁ ?

ମାତ୍ର ଏସବୁ ଯେଉଁଠି ଅଭାବ—ଆକ୍ଷେପରେ ପଚାରିଲା ପୁଣି ସିପ୍ରା ।

ସେଇଟା ପୂରଣ କରିଦିଆଯାଇ ପାରେ । ତା’ ବୋଲି ତାହା ତ ଆଜି ବ୍ୟକ୍ତି ଛଡ଼ା ସମଷ୍ଟିର ସତ୍ୟ ବୋଲି ଗଣ୍ୟ ହୋଇ ପାରିବନି !—ମହେଶ ଉତ୍ତର କଲା ।

କିନ୍ତୁ ବ୍ୟକ୍ତିର ଯେଉଁ ଅଭାବ, ତାହା କଣ ସମଷ୍ଟିର ଅଭାବର ଏକ ଅଂଶ ନୁହେଁ, ମହେଶବାବୁ ?

ନିଶ୍ଚୟ ! ମୁଁ ତାହା ସ୍ୱୀକାର କରୁଛି ସିପ୍ରା; ମାତ୍ର ଏହା ସମଷ୍ଟି ସ୍ୱୀକାର କରିବା ଉଚିତ ।

ତମେ ତା’ହେଲେ, କହିବାକୁ ଯାଅ, ଭାରତର ସ୍ୱାଧୀନତା ଦାବୀକୁ ଆମେରିକା, ରୁଷ୍, ଚୀନ୍ ସ୍ୱୀକାର କରନ୍ତୁ ।

ଏହା କ’ଣ ଖରାପ କଥା ?

ଖରାପ ନୁହେ ଯେ, ଏଭଳି ଆକାଂକ୍ଷା ରଖି କାମ କରିବା ଭୀଷଣ ଅପୌରୁଷିକ ।

କାମ ତ କିଛି ବନ୍ଦ ନାହିଁ, ସିପ୍ରା । ମୋ କବିତାରୁ ତମେ କଣ ସେପରି କିଛି ଆଭାସ ପାଇଲ ?

କବିତା, ଓ ! ବାସ୍ତବିକ ମହେଶବାବୁ, ଏଭଳି ଏକ କବିତା ଲେଖିଥିବା ହେତୁ ତମକୁ ମୁଁ କଂଗ୍ରାଚୁଲେସନ୍ ଜଣେଇ ପାରିନି, କ୍ଷମା କରିବ ମତେ ।

ଏହା କହି ହସି ହସି ସିପ୍ରା ମହେଶର ହାଣ୍ଡ୍ସେକ୍ କଲା । ପରେ ପରେ ପୁଣି କହିଲା—

ତମେ କବିତା ଲେଖ ବୋଲି ମୁଁ ତ ଜାଣି ନ ଥିଲି, ମହେଶବାବୁ !

ଗୀତାର ଶ୍ରୀକୃଷ୍ଣଙ୍କୁ ତମେ ଚିହ୍ନି ପାରିବ ନାହିଁ—ସିପ୍ରା, ସେ ଯେ ସୂର୍ଯ୍ୟଙ୍କୁ ବି ଯୋଗ ଶିକ୍ଷା ଦେଇଥିଲେ ।

ସିପ୍ରା ହସିଲା ମହେଶର ଏ କଥା ଶୁଣି ଏବଂ କହିଲା—ଏହା କଣ ସାର୍ବଜନୀନ ସତ୍ୟ ?

ବ୍ୟାସ ଯେ ସର୍ବଜନଙ୍କ ଉପରେ ସିପ୍ରା ।

ତମେ ଯେମିତି ତମର ନିଜର ଗାଁରେ ଜମିଦାର କମ୍ପା ଅଛ କହୁଛି, ବମ୍ବେରେ ଟ୍ରାଭେଲର୍, ଆଉ ଏଠି, ଅର୍ଥାତ୍ ମୋ ପାଖରେ ନୂତନ ଆବିଷ୍କୃତ କବି ।

ଟିକିଏ ପରିହାସ ମିଶାଇ ଏହା କହିଲା ସିପ୍ରା ।

କିନ୍ତୁ ମୁଁ ଯଦି ବ୍ୟାସଙ୍କ ଭଳି ଜ୍ଞାନୀ ହୋଇଥାନ୍ତି ସିପ୍ରା, ମୁଁ ହୁଏତ ସବୁଠି ଏକ ଅଖଣ୍ଡ ବିଶେଷଣର ଭାଗୀ ହୋଇଥାନ୍ତି ।

ପଏଣ୍ଟ୍ ହୁଡ଼ିଗଲା ଯେ ମହେଶବାବୁ ।

ସିପ୍ରାର ଏ କଥା ନ ସରୁଣୁ ମହେଶ କ୍ଷିପ୍ରହୋଇ କହି ଉଠିଲା, ପଏଣ୍ଟ୍ ନୁହେଁ, ଭାଷା ଭୁଲ୍ ହେଲା ସିପ୍ରା, 'ବିଶେଷଣ' ଜାଗାରେ ହେବ 'ସମ୍ମାନ' ।

କଥା କାଟି କହିଲା ସିପ୍ରା—ମାନେ ଏହି ଭାଷାର ଭୁଲ୍ଟା ଯେ ଅନ୍ୟ ପାଖରେ ଦିଗ୍‌ଭ୍ରମ ବୋଲି ବିବେଚିତ ନ ହେବ ଏହାର କିଛି କାରଣ ଅଛି କି ମହେଶବାବୁ ?

ତମେ ଭାରି ଗୁଲ୍‌ଖୋର୍ ସିପ୍ରା । ତୃପ୍ତିର ହସ ହସି କହିଲା ମହେଶ ।

ନଖ ସଫା ଶେଷ କରି, ବ୍ରସ୍‌ଟା ଟେବୁଲ୍ ଉପରେ ରଖି କହିଲା ସିପ୍ରା—କିନ୍ତୁ ମୁଁ ଯେ ଆଜି ବୋକା ବନିଯାଇଛି ତମ ପାଖରେ ମହେଶବାବୁ—ସକାଳୁ ଉଠି ଏ ପର୍ଯ୍ୟନ୍ତ ମୁହଁ ବି ଧୋଇନି ।

ମହେଶ ଉତ୍ତେଜନାର ହସ ହସି କହିଲା—ତା' ହେଲେ ମୋ ଉଦ୍ଦେଶ୍ୟ ତ ଠିକ୍ ହୋଇଛି । ଜାଣିଲ ସିପ୍ରା, ଆମ ଓଡ଼ିଶାର ବଡ଼ କବି ରାଧାନାଥ, ଥରେ ପଣ୍ଡିତ ମୃତ୍ୟୁଞ୍ଜୟ ନାମକ ଗ୍ରନ୍ଥଙ୍କର ଗୋଟିଏ ଲେଖା ପଢ଼ି ଏତେ ଖୁସି ହୋଇପଡ଼ିଲେ ଯେ, ସେ ପ୍ରତିଜ୍ଞା କରି ଶୋଇଲେ, କାଲି ସକାଳୁ ଉଠି ମୃତ୍ୟୁଞ୍ଜୟର ମୁହଁ ଚାହିଁବି ଆଗେ । ଆଜି କାଲି ଜଣେ ଭ୍ରମଣକାରୀ ଜଣେ ସ୍ୱର୍ଗାଦପି ଗରୀୟସୀ ନାରୀଙ୍କର ରଚିତ ଉପନ୍ୟାସ ପଢ଼ି ପ୍ରୀତହୋଇ ମନସ୍ଥ କଲା, କେବଳ ସେ ରାଧାନାଥଙ୍କ ପରି ମୁହଁ ଚାହିଁବନି ତାଙ୍କର, ତାଙ୍କୁ ଜାଗ୍ରତ କରାଇବ ତାର ଅନ୍ତରର ସଙ୍ଗୀତ ଗାଇ ।

ତା' ହେଲେ ସେ ନାରୀ ଚୈତନ୍ୟହୀନା ମହେଶବାବୁ ? ହସି ହସି କହିଲା ସିପ୍ରା ।

ନା କଦାପି ନୁହେଁ । ସେ ନାରୀ ଯୁବତୀ ଠାରୁ ମଧ୍ୟ ଯୁବତୀ । ତାହାଙ୍କର ଆଖିରେ ଭାଷା, ଶିରରେ ଗ୍ରନ୍ଥି, କଣ୍ଠରେ ବନ୍ଦନା, ତଥାପି ମଧ୍ୟ ସେ ଶୋଇ ପାରନ୍ତି ନାହିଁ । ଓଠର ଅରୁଣତା ତାଙ୍କୁ ସବୁବେଳେ ଜାଗ୍ରତ କରି ରଖେ—ସେ ଚିର ଜାଗ୍ରତ । ସୁତରାଂ ।—ଖୁବ୍ ନାଟକୀୟ ଭଙ୍ଗିରେ କହିଲା ମହେଶ ।

ବଡ଼ ଦୁଷ୍ଟ !—କହି ସିପ୍ରା ଉଠିଗଲା ସେଠାରୁ ।

ଅରେ, ଖାଲି ଉଠିଗଲେ ତ ହେବ ନାହିଁ । ଦ'ଘର କୁଣିଆ ଓପାସ ରହିବ ନା କଣ ! ମୁଁ ଯେ ଷପିନ୍ ବସାରୁ ଚାଲିଆସିଛି ଏକଦମ୍ । ତା' ପରେ ପୁଣି ରାତିଯାକ ଶୋଇନ ତମ ଲଭେଲ୍ ପଢ଼ି, ମୋର କବାଟା ଲେଙ୍ଗି ମୁଁ । ଯେ ଫାଷ୍ଟ ବସ୍‌ରେ ଆସିଛି ଏଠିକି ।

ଦ୍ୱାରରେ ଦଣ୍ଡାୟମାନ ଥାଇଁ ମହେଶର ଏ ପ୍ରଗଲ୍‌ଭତା ପରେ ସଂକ୍ଷେପରେ କହିଲା ସିପ୍ରା—

ଶୁଭିଯ୍ୱା !

ଭାରି ନିଦ ଲାଗୁଛି, ମୁଁ ଯେ ଶୋଇବି ଏଇକ୍ଷଣି ସିପ୍ରା, ତଥୁ ମୋର ବେଡିଂ ମଗାଇବାକୁ ହବ ।—ପିଲାଳିଆ ଭାବରେ କହିଲା ମହେଶ ।

ହଁ, ଏ ବିଛଣାରେ ଭାରି ଛାରପୋକ ମହେଶବାବୁ—ଏହା କହି ସିପ୍ରା ହସି ହସି ଆହୁରି ଦୂରକୁ ଚାଲିଗଲେ ।

ତମର ବେଡଓ ଉଇଥ୍‌ଠା ଭଲ ଲାଗେ ବୋଲି ସିନା ।—କହି ମହେଶ ଅନେଇଲା ସିପ୍ରାର ବିଛଣାକୁ ।

ଗାଧୋଇ ଆସି ସିପ୍ରା ଦେଖିଲା ମହେଶ ଶୋଇଛନ୍ତି ଗାଢ଼ ନିଦରେ । ସେ ଯାଇଁ ବସିଲା ତାର ଡ୍ରେସିଂ ଟେବୁଲ୍ ଆଗରେ । ଦର୍ପଣରେ ଭଲ ଭଳି କରି ନିଜର ଚେହେରାକୁ ଅନେଇଲା । ଆଜି କୌଣସି ପ୍ରସାଧନ ନ କରି କେବଳ ଝୁମୁକା ଦିଟା କାନରେ ଲଗାଇଲା । ତାର ହୃଦୟଟି ଯେପରି ଅନନୁଭୂତ ଆନନ୍ଦରେ ମଗ୍ନ । ଗୋଡ଼ ଯେମିତି ତାର ତଳେ ଲାଗିବାକୁ ଚାହେ ନା । ତଥାପି ସେ ତାର ଗୋଡ଼କୁ କାମରେ ଲଗାଇ ଯାଇଁ ପହଞ୍ଚିଲା ମହେଶର ଖଟ ପାଖରେ । ଧୀରେ ଗୋଟିଏ ଚୌକି ଟାଣି ବସିଲା । ଚାହିଁଲା ମହେଶର ସାରାଦେହକୁ । ଖଣ୍ଡେ ପାଇଜାମା ଓ ଖଣ୍ଡେ ଚେଞ୍ଜି ପିନ୍ଧି ଶୋଇଛନ୍ତି ମହେଶ । ଶରୀରର ଗଠନ ବିଶେଷତଃ ଉପର ଅଂଶ ଭଲଭାବରେ ବାରିହୋଇ ପଡ଼ୁଛି । ବାହୁ ଦୁଇଟି ଆବରଣମୁକ୍ତ । ସିପ୍ରା ଅନେଇଲା ସେହି ବାହୁ ଦୁଇଟିକୁ । ମନେ କରୁଥାଏ, ଯେପରି ହାତ ମାରି ଦେଖନ୍ତା ସେ ବାହୁକୁ । ମହେଶ ଗୋଟିଏ କଡ଼କୁ ପାଖେଇ ହୋଇ ଦୁଇ ଗୋଡ଼କୁ ହାଲ୍କାଭାବରେ ପକେଇ ଦେଇ ଶୋଇଥାଏ । ପିଠି ଓ କଟୀର ଗଠନ ମଧ୍ୟ ସ୍ପଷ୍ଟ ଭାବରେ ଆତ୍ମପ୍ରକାଶ କରେ । ସିପ୍ରା ଭାବିଲା, ସୁନ୍ଦର ଦେହ ଯା'ର, ତାର ଆବରଣ ଘେନିବା ଗୋଟା ଅସଭ୍ୟତା । ତା' ପରେ ସେ ଦୃଷ୍ଟି ପକାଇଲା ମହେଶର ମୁହଁ ଉପରେ । ସେ ମୁହଁଟିକୁ ଯେପରି କେବଳ ଆପଣାର କରିବାର କଥା, କେବଳ କୋଳରେ ରଖି ବସିବାର କଥା । ଏହା ଭାବି ତାର ସେ ଭାଲ୍‌ଭେଟ୍‌ର ଲାଲ୍‌ଓଠ ଉପରେ ହେଲା ହିଂସା । ସେ କଣ ଭାବିଲା କେଜାଣି ନିଜର ଅଙ୍ଗୁଠିରେ ଲାଲ୍‌ଆଇ

କୋମଳତା ପରୀକ୍ଷା କରିବାକୁ ଚେଷ୍ଟା କଲା । ହାତ ମାରିଲା ନିଜର ଅଙ୍ଗରେ ମଧ୍ୟ । କେଉଁଟା ଭଲ ସେ ଯେପରି ଠିକ୍ କରିପାରିଲା ନାହିଁ । ପୁଣି ଚାହିଁଲା ସେ ମୁହଁକୁ । ସେ ଏତେବେଳକେ ଦେଖିଲା ସେହି ସୁନ୍ଦର ମୁହଁରେ ଗ୍ରୀଷ୍ମର ଥର ନିହାରିକାପରି ବିନ୍ଦୁ ବିନ୍ଦୁ ସ୍ୱେଦ । ସ୍ୱିଚ୍ ଟିପି ପଙ୍ଖାଟା ଚଳେଇ ଦେଲା ସ୍ପିଡ୍‌ଦେଇ । ତା' ପରେ ସେ ଅନ୍ୟ ଘରୁ ଖଣ୍ଡେ ବହି ହାତରେ ଧରି ଆସି ବସିଲା ସେହି ଚୌକିରେ । ବହିଟି ଖୋଲି ପଢ଼ିବାରେ ମନ ଦେଲା । ଅଳ୍ପସମୟ ପଢ଼ିବା ପରେ ସେ ନିଜର ଅଜ୍ଞାତସାରରେ ଖିଲ୍ ଖିଲ୍ ହୋଇ ହସି ଉଠିଲା । ମହେଶର ନିଦ ବୋଧହୁଏ କ୍ଷୀଣ ହୋଇ ଆସିଥିଲା । ସେ ଯେପରି ଚମକି ଉଠିଲା ସେହି ହସରେ । ତାର ଆଖି ଆଗରେ ସେ ଦେଖିଲା ବସିଛି ସିପ୍ରା । ନିଜର ପରିଧେୟ କିଛି ଅସମ୍ବୃତ ହୋଇଛି ମନେକରି ସେ ଉଠିବସିଲା । ଚାହିଁଲା ମଧ୍ୟ ନିଜର ଅଙ୍ଗପ୍ରତ୍ୟଙ୍ଗକୁ । ସିପ୍ରାର ଆଖି ସେତେବେଳକୁ ଆଉ ବହିରେ ନାହିଁ । ସେ ଦେଖୁଥିଲା ମହେଶର ଏହି ହାବଭାବ । ପୁଣି ଟିକେ ହସି ଉଠିଲା । ମହେଶ ଆଖି ମଳି ମଳି ପଚାରିଲା, ଆଗରେ ତା' ହେଲେ ତମେ ହସିଥିଲ ?

ମୁଁ, କିଏ କହୁଚି ? ଛଳ ଅସ୍ପଷ୍ଟତାର ସହିତ କହିଲା ସିପ୍ରା ।

ବର୍ତ୍ତମାନ ଯେ ତମେ ହସିଲ—ମହେଶ ଅନୁସନ୍ଧିତ୍ସୁ ଭାବରେ ପଚାରିଲା ।

ଓଃ ତା' ହେଲେ ତମେ କେଉଁଠି ବାହାରିପଡ଼ି ଥିଲ ବୋଧହୁଏ । ଲୋକଗୁଡ଼ା ତ ବଡ଼ ହଇରାଣ ହେଉଥିବେ ଏକା ।—ସିପ୍ରା ସ୍ମିତ-ହାସ୍ୟରେ କହିଲା ।

କାହିଁକି ହସିଲ ସିପ୍ରା ?

ଅରେ, ହାକିମ ସବୁ ଏମିତି ବିଚାର କରନ୍ତି ନା, ଦୋଷ କରିଛୁ କି ନା ସାବ୍ୟସ୍ତ ହୋଇନା, କାହିଁକି ଦୋଷ କଲ । ବଡ଼ ମୋଟା ଦରମା ପାଉଥିବ ଏକା ସରକାରରୁ ।

ଆଖିରେ ହସ ପ୍ରକାଶ କରି କହିଲା ସିପ୍ରା । ମହେଶ ପୁଣି ବିଛଣାରେ ଚଳପଡ଼ି କହିଲା—

ନ କୁହ, ମୁଁ ଶୋଇଲି ଯେ, ମୋର ଦାନ୍ତଘଷା ବି ଅଳ୍ପ ହୋଇନି ଜାଣିଥା ! ମୁଁ ଆଜି ନ ଉଠେ !

ମହେଶର ଏ କଥାକୁ ସିପ୍ରା ତାର ଅନ୍ତର ଭିତରକୁ ଆମନ୍ତ୍ରଣ କରିନେଲା । କେଡ଼େ ସୁନ୍ଦର ଏ କଥା; 'ସିଏ ଦାନ୍ତଘଷିବେ ନାହିଁ, ଅଥଚ ମୋର ସେଥିରେ ହେବ କ୍ଷତି ।'…ସିପ୍ରା ହସି ହସି କହିଲା ।

କହୁଚି, କହୁଚି ଆଜି ଶୁଅନା କିନ୍ତୁ । ମୁଁ ଗାଧୋଇ କରି ବସିଚି ପା' ତମଲାଗି, ଉଠିଲେ ଏକାଠି ଖାଇବା ।

ମହେଶ ମନେ ମନେ କହିଲା, ମୁଁ ଶୋଇବି । ମୁଁ ଏଇପରି ଶୋଇଲେ ମୋର ଅତୁଟ ନିକଟକୁ ସିପ୍ରା ଚାଲିଆସିବ । କିନ୍ତୁ ବାସ୍ତବରେ ମହେଶ ଶୋଇପାରିଲା ନାହିଁ । ସିପ୍ରା ଯେ କହୁଚି ସେ ଖାଇନି ତା ଲାଗି !

ମହେଶ ଝଟ୍ ଉଠିବସି ତକିଆତଳୁ ସିଗାରେଟ୍ କେଶ୍‌ଟା ବାହାର କରି ଦିଆସିଲି ମାରି ଗୋଟା ସିଗାରେଟ୍ ଧରିଲା ମୁହଁରେ । ଆଜି ତାର ଧୂଆଁ ଖୁବ୍ ଜୋରରେ ଛାଡ଼ି କହିଲା—

ଏଇଟା ମୋର ସଂକ୍ଷିପ୍ତ ପ୍ରତିବାଦ ।……ପଙ୍କ ତ ତମେ ଜମା କରଚ, ଆଜ ସେ ପଙ୍କରେ ତମେ ପଡ଼ିବ ନାହିଁ ତ କିଏ ପଡ଼ିବ ! …ଘଣ୍ଟା କି ଦୁଘଣ୍ଟା ହେଇନି, ଯା ଭିତରେ ତମେ ସାବିତ୍ରୀର ବେଶ ପିନ୍ଧି ସାରିଲଣି !

ଭାରି ଦୁଷ୍ଟ ତମେ । କଣ କଥା କହୁଚ ଜମା ଭାବିପାରୁ ନା । ଚାଲିଲ, ଉଠ, ଉଠ, ଦାନ୍ତ ଘଷିବ ଆଗେ ଚାଲ ।

କହି କହି ସିପ୍ରା ମହେଶର ହାତ ଧରି ତାକୁ ଠିଆ କରାଇଲା । ଉଠୁ ଉଠୁ ମହେଶ କହିଲା—

ଏ ଅଲୁଳାୟିତ କେଶ, ଶୁଭ୍ର ବେଶ କାହିଁକି କହିଲ ଆଜି ! ତମର ଧାରଣା ଭୁଲ୍ ସିପ୍ରା—ଏ ସାଦା ମନର କାନ୍‌ଭାସ୍‌ଟା କେତେ ରଙ୍ଗ ଦରକାର କରୁଚି ଜାଣ !

ମହେଶର କଥାରେ କର୍ଣ୍ଣପାତ ନ କରି ସିପ୍ରା ତାକୁ ନେଇଗଲା ବାଥ୍‌ରୁମ୍‌କୁ ।—ଘଷ, ଏଠି କଲିନ୍‌ସ୍, ଏଠି ବ୍ରସ୍, ଶୀଘ୍ର ଘଷିପକା, କହି ସିପ୍ରା ତାକୁ ସେଠାରେ ଛାଡ଼ିଆସିବାକୁ ବସିଲା ।

ମହେଶ ଚିତ୍କାର କରିଉଠିଲା—

ଜମା ଶୀଘ୍ର ସାରିବନି ତମେ ଚାଲିଗଲେ । କଲିନ୍‌ସଟାଯାକ ସବୁ ପଛେ ଏଠି ବସି ଘଷିବି…

ସିପ୍ରା ହସିବା ବିନା ନିଜକୁ ସମ୍ଭାଳି ପାରିଲା ନାହିଁ । ସେ ସେଇପରି ହସି ହସି କହିଲା—

ମା' ତ ନ ଥିଲେ, ଏତେ ଉଚ୍ଚଟ କୋଉଠି କରୁଥିଲ ମହେଶ ବାବୁ ?

ମହେଶ ବଡ଼ ଗମ୍ଭୀର "ହୋଇପଡ଼ିଲା" ହଠାତ୍ । ତାର ହାତ ଚଳାଇବା ମଧ୍ୟ ବନ୍ଦ ହୋଇଗଲା । ସେ ଗୁମ୍ ମାରିଗଲା କିଛି ସମୟ ।

ସିପ୍ରାର ଯେପରି ସାହା ହଜିଗଲା । ସେ ମହେଶର ପିଠିପାଖରେ ବସିପଡ଼ି ପଚାରିଲା, ମୋ କଥା ଖୁବ୍ ଖରାପ ଲାଗିଲା ବୋଧହୁଏ !

ମହେଶ ତଥାପି ନୀରବ । ସିପ୍ରା ଆଶଙ୍କା କରି ମହେଶର ମୁହଁ-ପାଖକୁ ମୁହଁ ନେଇ ଦେଖିଲା ମହେଶର ଆଖି ସଜଳ । ସିପ୍ରା ଅଧୀର ହୋଇ କହି ଉଠିଲା—

ମହେଶବାବୁ, ତମେ କାନ୍ଦୁଛ, ମହେଶ ବାବୁ !

ସିପ୍ରାର ସ୍ୱରରେ ଯେପରି ଅଶ୍ରୁ । ମହେଶର ହୋସ୍ ପଶିଲା । ତାର କାନରେ ପୁଣି ଯେପରି ଶୁଣାଗଲା ସିପ୍ରାର ଗଦ୍‌ଗଦ୍ ସ୍ୱର । ମହେଶର ସ୍ୱର ମଧ୍ୟ ଆର୍ଦ୍ର । ସେ ଜଡ଼ିତସ୍ୱରରେ କହିଲା—

ତମେ ମା'ଙ୍କ ନା' କାହିଁକି ଉଠାଇଲ ସିପ୍ରା । ମା ମଲାଦିନୁ ମୁଁ ଆଉ ସେ ଘରକୁ ଯାଏନା ସିପ୍ରା—ସାରା କୋଠାଟା ମତେ ବଡ଼ ଭୟଙ୍କର ଜଣାହୁଏ । ମୁଁ ଏହି ବାହାରେ ବାହାରେ ବୁଲୁଥାଏ । ମୁଁ ଯେ କେବେ ଫେରିବି ଭାବିପାରେନା ।

ଗୋଟାଏ ସପ୍ତସ୍ୱରା ଭିତରେ ଯେପରି ମେଞ୍ଚାଏ ବାଲି ପଶି-ଯାଇଛି, ବଜାଇଲେ ଭଲ ଶବ୍ଦ ସେଥିରୁ ବାହାରୁନି, ଏହିପରି ଜଣାଗଲା ମହେଶର ଶେଷ କଥାଗୁଡ଼ିକ । ଏହା କହି ସେ ଯେପରି ଅନ୍ତୁରି ବିକ୍ଷିପ୍ତିକା ଆହରଣ କଲା ନିଜ ଭିତରେ ।

ସିପ୍ରା ଅତି ବିମୂଢ଼ ହୋଇ ଅନାଇଥାଏ । ସେ ଉପାୟାନ୍ତର ନ ଦେଖି ମହେଶକୁ ନିଜ କୋଳରେ ଯାକିଧରି କହିଲା—ମତେ କ୍ଷମା କର ମହେଶବାବୁ, ମୁଁ ଯେ କିଛି ଜାଣି ନ ଥିଲି ଏ କଥା !

ମହେଶର ଭାବାନ୍ତର ହେଲା ବୋଧହୁଏ । ସିପ୍ରାର କୋଳରୁ ମୁଣ୍ଡ ଉଠାଇ ତା'ହାର ହାତ ଧରିପକାଇ କହିଲା—

କ୍ଷମାର କଥା ଏଥିରେ କାହିଁ, ସିପ୍ରା । ହୁଏତ ମୋର ଦୁର୍ବଳତା ଲାଗି ତମେ ମତେ କ୍ଷମା ଦେବାର କଥା ।

ଏହାପରେ ଗୋଟିଏ ସୁବୋଧ ବାଳକ ପରି ମହେଶ ବସି ଦାନ୍ତ ଘଷିଲା । ସିପ୍ରା ଖାଲି ଚାହିଁ ରହିଲା ମହେଶର ଦେହକୁ । ତାର ମୁଣ୍ଡର କେତୋଏ ବାଳ ଝୁଲିକରି ହାଲୁଛ—ଘଷିବାର ତାଳରେ ସାମ୍ୟ ରକ୍ଷି ।

ଯା, ମୁଣ୍ଡ କୁଣ୍ଡେଇ ଆସ ଏଥର ।

ଦାନ୍ତ ଘଷି ସାରିଲା ପରେ କହିଲା ସିପ୍ରା, ତାର ଭାଷାରେ ଯେପରି ଅଭିକଳନ୍ ଚଳା ହୋଇଛ । ତାହା ଅଙ୍କୁର ଅଘ୍ରାଣ କରିବା ଆଶାରେ ମହେଶ ନ ଉଠି ଟିକେ ଡେରିକଲା ।

ଅଉ କଣ, ଗାଧେଇବ !—ପୁଣି କହିଲା ସିପ୍ରା ।

ମହେଶ କିଛି ନ କହି ନୀରବରେ ଉଠି ଚାଲିଗଲା ସିଧା ସିଧା ସିପ୍ରାର ଡ୍ରେସିଂ ଟେବୁଲ୍ ପାଖକୁ । ଆର୍ସିରେ ନିଜକୁ ଦେଖିଲା । ମାତ୍ର ଦେହରେ କୌଣସି ହସ୍ତକ୍ଷେପ କଲା ନାହିଁ । ସିପ୍ରା କୌଣସି ଆଶଙ୍କା ଘେନି ଅନେଇ ରହିଥାଏ, ଆଉ ଭାବୁଥାଏ, ଏଥିରେ ବି ଆନନ୍ଦ ଅଛି । ମହେଶ ଶୀଘ୍ର ସେଠାରେ ଆସି ପହଞ୍ଚି କହିଲା—

ମୁଁ କିମିତ ଦିଶୁଛି କହିଲ ସିପ୍ରା ?

କୌଣସି ଖାଲି, ଟିପରେ କଥା ତାର ପଡ଼ିଯାଇପାରେ ଭାବି ସିପ୍ରା କିଛି କହିଲା ନାହିଁ । କେବଳ ଆନନ୍ଦୋତ୍ଫୁଲ୍ଲ ଆଖିରେ ଅନେଇ-

ରହିଲା ମହେଶକୁ । ମହେଶ କୌଣସି ଉତ୍ତର ନ ପାଇବାରୁ ତାର ସ୍ଥାନ ସେ ନିଜେ ପୂରଣ କଲା । କହିଲା—

ତମେ ଦିଶୁଚ, ଯେମିତି ସାଗର ମନ୍ଥନରୁ ଲକ୍ଷ୍ମୀ ବାହାରିଚନ୍ତି । ପାଣିରୁ ଉଠି କେଶପାସ ସବୁ ଅବିନ୍ୟସ୍ତ ହୋଇ ଲମ୍ବିଯାଇଚି ଚରଣଯାଏ । ଆଜି ମୁଁ ଦିଶୁଚି ଠୋଠା ଭଗାବଣ୍ଡ ହିରୋ । କୌଣସି ଫିଲ୍ମରେ ଏ ହେହେର ମିଳେ ଯିମିତି । ଏ ହେହେରାଟାକୁ ଘଷା କରିବାକୁ ମନହେଲା, ମୁଁ ସେଥିଲାଗି ପାନିଆ ଧରିଲି ନାହିଁ । ବୋଧହୁଏ ତମେ ସେହିପରି କିଛି ପାଇଥିଲ, ନୁହେଁ !

କିଛି ନ କହିଲେ ବୋଧହୁଏ ଅଡୁଆ ହେବ ଭାବି ସିପ୍ରା ହସି ହସି କହିଲା—

ଏତେ ଉପମା ଉପମେୟର ଆବଶ୍ୟକତା କଣ ଏହି ବଞ୍ଚିବା ପାଇଁ । ତେବେ ସମୁଦ୍ର ମନ୍ଥନରୁ ମହାଦେବ ବିଷପାନ କରି ବିଷକଣ୍ଠ ହୋଇ ଭୀଷଣରୂପ ଧରିଥିଲେ । କିନ୍ତୁ କୈଳାଶକୁ ଫେରିବାବେଳେ ଗଙ୍ଗାଝରଣାରେ ଗାଧୋଇ ଯେତେବେଳେ ପାର୍ବତୀଙ୍କ ପାଖରେ ପହଞ୍ଚିଲେ, ପାର୍ବତୀ ଦେଖିଲେ ସେ ତାଙ୍କର ଶିବ । ମୁଁ ତେଣୁ ପ୍ରାର୍ଥନା କରେ, ରୁଦ୍ର ବର୍ତ୍ତମାନ ଶିବରେ ପରିଣତ ହୁଅନ୍ତୁ ।

ମହେଶ ଖୁବ୍ ମୁଗ୍ଧ ହୋଇପଡ଼ିଲା । ସେ ଉଲ୍ଲସିତ ହୋଇ କହିବାକୁ ଲାଗିଲା—ସିପ୍ରା, ତମର ଓଠରୁ ଝରୁଥିବା ଏହି ସୁନ୍ଦର କଥାରେ ମୋର ଅନ୍ତର ଓଦା ହୋଇସାରିଛି । ଏ ବାହାରଟାକୁ ଧୋଇବାକୁ ହେବ କେବଳ । ତମର କଥାରେ କେତେକ ଉତ୍ତର ଦେବାକୁ ମୁଁ ବାଧ ହୋଇପଡୁଛି । ସେଥିଲାଗି ଯାହା ବିଳମ୍ବ ହେବ

ତମେ କ୍ଷମାଦେବ ବୋଲି ମୁଁ ଆଶା କରିପାରେ । କାରଣ, ଏଇଟା ମୋର ଶିକ୍ଷାର ଦୋଷ, ଯାହାକୁ ମୁଁ ଆଜି ତ୍ୟାଗ କରି ପାରିବିନି । ପ୍ରଥମ କଥା, ତମେ କହିଲ ଏଇ ବଞ୍ଚିବା ଲାଗି ଉପମା ଉପମେୟର ଅବଶ୍ୟକତା ନାହିଁ । ମୁଁ ଏଇଟି ଓଫର୍ କରେ ତମ ସାଙ୍ଗରେ । ଆର୍ଟ୍‌କୁ ମୁଁ ଜୀବନରେ ଖୁବ୍ ବଡ଼ ସ୍ଥାନ ଦିଏ, ଆଉ ତାର ପୋଷକତା ସ୍ୱରୂପ ମୁଁ ରପାର 'ମଟୋ'ଟା ଉଲ୍ଲେଖ କରିବାକୁ ଚାହେଁ—ଟୁ ଓ୍ୟାର୍କ୍ ଉଇଦାଉଟ୍ ଆର୍ଟ୍ ଇଜ୍ ବାରବରିଜମ୍ । ଆଉ ମୋର ଦ୍ୱିତୀୟ କଥା, ମୁଁ ତମକୁ କଲି ଲକ୍ଷ୍ମୀଙ୍କ ସଙ୍ଗରେ ତୁଳନା, ଆଉ ତମ କଥାରେ ତମେ ହେଲ ପାର୍ବତୀ, କିନ୍ତୁ ମୁଁ ଶିବ ହୋଇ ପାରିବିନି ଜାଣିଥା ଏକା ।

ବାସ୍ତୁ ହେଲେ ଯେ ତମକୁ ଅଡୁଆରେ ପଡ଼ିବାକୁ ହେବ ମହେଶବାବୁ । ଗୋଟିଏ ସରସ୍ୱତୀ ସଂଗ୍ରହ କରିବାକୁ ପଡ଼ିବ । ହସି ହସି କହି ଉଠିଲା ସିପ୍ରା ।

କିନ୍ତୁ ପାର୍ବତୀଙ୍କର ଶିବ ଯେ ପୁଣି ଗଙ୍ଗାଧର । ମହେଶ ଫଟ୍ କହି ପକାଇଲା ଏତକ, ଆଉ ହସିଲା ବି ଜୋରରେ ।

ନା ମହେଶବାବୁ ମୋର ଜିତ୍ । ଶିବ ଗଙ୍ଗାଧର ନୁହନ୍ତି ଗଙ୍ଗାଗିରି, କୋଳଟା ଯେ ଖାସ ପାର୍ବତୀଙ୍କର ।

ମହେଶ ଭାବାକ୍ରାନ୍ତଭାବରେ କହି ଉଠିଲା—ନା ସିପ୍ରା, ମୁଁ ଶିବ ହେଇ ପାରିବିନି । ମୁଁ ଏବେ ପାଉଁଶ ବୋଳି ହେଇ ପାରିବିନି ନିତି । ତା'ହେଲେ ତମକୁ ଛାଡ଼ି ବାଥ୍‌ରୁମ୍‌ରେ ମତେ ଦିନଯାକ ବସି ରହିବାକୁ ପଡ଼ିବ ।

ସିପ୍ରା କହିଲା—ହଉ, ହଉ, ହେ ବନ୍ଧୁ, ଶୀଘ୍ର ଚାଲନ୍ତୁ; ଗଜ ଓଡଣେ ଅଭିନବ କରୁଛୁ ବାଥ୍‌ରୁମ୍‌ର ଗଭୀର ଜଳରେ ।

ସିପ୍ରା !

ଯେପରି କାହାର ଡାକ ଶୁଣି ମହେଶ କାନ ଡେରିଲା ।

ମୃଗୁଣୀଟା ଯେ ଜଙ୍ଗଲରେ ଜଳିଯିବାକୁ ବସିଛି—

ସିପ୍ରା ଏ କଥା ହୃଦୟଙ୍ଗମ କଲା ପୂର୍ବରୁ ସେ ଅନୁଭବ କଲା; ତାହାର କାନ ମୂଳରେ ମୃଗୁଣୀ ରକ୍ଷା କରୁଚି ମହେଶ ।

ଖାନ୍‌ସାମା ଏହି ସମୟରେ 'ବ୍ରେକ୍‌ଫାଷ୍ଟ୍' ଟେବୁଲରେ ଖାନା ସଜାଇବାକୁ ଆସି ପହଞ୍ଚିଲା । ମହେଶ ଗୁଣୁ ଗୁଣୁ ହୋଇ ବାଥ୍‌ରୁମ୍‌କୁ ଚାହିଁଲା, ପଛରୁ ଡାକିଲା ସିପ୍ରା—

ମୁଁ ନ ବସିଲେ ଗାଧୁଆ ପୁଣି ହବ ତ—?

ଦେଖାଯାଉ—

କହି ବାଥ୍‌ରୁମ୍‌ର ସ୍କ୍ରୀନ୍ ଟାଣିଦେଲା ମହେଶ ।

ଗାଧୋଇସାରି ଗୋଟିଏ ନୂଆ ରଙ୍ଗକରା ମୂର୍ତ୍ତିଟି ଭଳି ଆସି ଟେବୁଲ୍ ପାଖରେ ବସିଲା ମହେଶ । ପ୍ଲେଟ୍‌ରେ ମଖନ ଲଗାଉ ଲଗାଉ ସିପ୍ରା ଚାହିଁ ରହିଲା ମହେଶକୁ । ମହେଶ ସେତେବେଳେ କଣ ଭାବି ଭାବି ଗୋଟା ଲେଖା ଅପ୍ରିକଟ୍ ପାଟିରେ ପକାଉଚି । ତାର ଦୃଷ୍ଟି ପରିବର୍ତ୍ତିତ ହେଲା—ସେ ଅନେଇଲା ସିପ୍ରାକୁ । ସିପ୍ରା ତାର ଏହି ଲୋଲୁପତା ଲୁଚାଇବା ଲାଗି ମହେଶକୁ ଉଦ୍ଦେଶ୍ୟ କରି କହିଲା—

ତମେ ସକାଳେ କଣ ଖାଅ ମହେଶବାବୁ ?

ମହେଶ ଉତ୍ତର କଲା—ଆଗେ ଖାଉଥିଲି ସରବତ୍, ଏବେ ଅମୃତ ।

—କିନ୍ତୁ—

ସିପ୍ରାର କଥା ଉପରେ ବାଧାଦେଇ ମହେଶ କହିଲା, ଠିକେ ଅଭିଭାବକତ୍ୱର ଭାଷାରେ—

କିନ୍ତୁ, ମାନ୍, ନଚେତ୍ ଗ୍ଲଡ଼ ସିପ୍ରା । ସକାଳୁ ଗାଧୋଇଚ, ବୋଧହୁଏ ଟୀ' କପେ ବି ପିଇନା । ଆଉ ବର୍ତ୍ତିମାନ ଗପରେ ସମୟ ନଷ୍ଟକର, ମତେ ଠକାଦେଇ ଚାଲିଯିବ ।···ଅମୃତ ତ ମୋର ବେଶ୍ ହଜମ୍ ହଉଚ, ତମର କଣ ଏଗୁଡ଼ା ଇଣ୍ଡିଜେସନ୍ କରବ ବୋଲି ଭାବୁଛ ।···ସେ କଥା ଦେଖାଯିବ, ବମ୍ବେ ସହରରୁ ତ ଡାକ୍ତର ଲୋପ ପାଇନାହାନ୍ତି !

ସିପ୍ରାକୁ ଏହି ଶାସନ ଭଲ ଲାଗିଲା । ସେ ଦଗ୍ଧୁରଖଣ୍ଡେ କଟା ଲେପ୍ ଖାଇବାରେ ମନ ଦେଲା । ମହେଶ କେବଳ ଫ୍ରୁଟ୍ସ୍ ଖାଇବାରେ ଲାଗିଥାଏ । ସିପ୍ରା ଏହି ସମୟରେ କହିଲା—

ସନ୍ତ୍ରଗୁଡ଼ା ବେଶି ଖାଅନା, ସର୍ଦ୍ଦି ହବ !

ମହେଶ ହସ ଚାପି କହି ବସିଲା, ସିପ୍ରା, ଆଗେ୍ ଠିକ୍ ହଉ କିଏ କାହାକୁ ଶାସନ କରିବ ।

ମୁଁ ତମକୁ, ଆଉ ତମେ ମତେ ।···ବୋଧହୁଏ ଭୁଲିଗଲ କଥାର ମହେଶବାବୁ ।

ସିପ୍ରାର ଜାଷ୍ଟଜ୍ଞ ଓ ଏ ଶେଷର କଥା ଶୁଣି ମହେଶର ମନେ ପଡ଼ିଲା ତା' କଥା । ସେ ଦେଖିଲା ତାର ପ୍ରଶ୍ନ ବାସ୍ତବିକ ଭୁଲ୍ ହୋଇଛି । ସେ ଉତ୍ତର କଲା—

ଏ ଅମୃତ ଗୁଡ଼ା ଖାଉନ ନା ସିପ୍ରା, ମନଟା ଉଡ଼ୁଉଡ଼ୁ ହଉଚ, କଥା ବି ସେମିତ ହଉଚ ଧଗ ।

କ୍ଷତି କଣ ଅଛି ସେଥିରେ, ଅଦଗଟା ତ ପୁଣି ଗୋଟା ସୀମା । ତମର ପ୍ରଶ୍ନ ଯେ ବୁଦ୍ଧିମାନ ଗୋଟା ସୀମା ତଆରି କରିପାରିଚ ।— କହିଲା ହସି ହସି ସିପ୍ରା ।

ମୋର କଥା କାଲୁ ମୋର କ୍ଷତ କରିଛି ସିପ୍ରା । ମୁଁ ଯେ ଆଶା କରିଥିଲି ଶାସନର ଦଣ୍ଡ ବୋଧହୁଏ ମୋ ହାତରେ ବହିବ ।— କହି ମହେଶ ହସିଲା ।

କାଲନେମୀ ଚକ ଯେ ଘୁରୁଛି ମହେଶବାବୁ, ତାକୁ ଥ' କରି ପାରିଲେ ସିନା ।—ସିପ୍ରା ଉତ୍ତର କଲା ।

ମତେ ଗ୍ଟ କପେ ଦଅ ସିପ୍ରା ? କହୁ କହୁ ମହେଶ ସେଠୁ ଗ୍ଲଲିଗଲା ଖଟ ପାଖକୁ । ଖଟରେ କରମାଡ଼ି ହେଇ ଗଡ଼ିପଡ଼ି ହସି ହସି ପାଟି କରି ଉଠିଲା ।

ମନେ ପଡ଼ିଲା ସିପ୍ରା, ତମେ ମତେ ଠକିଚ ସକାଳେ । ମୁଁ ଯେତେବେଳେ ଶୋଇଥିଲି—ତମେ ହସିଥିଲ, ତାର କାରଣଟା କହିବାକୁ କହି ଏକଦମ୍ ମାରିଛ ଫାଙ୍କି ।

ମହେଶର ଡଙ୍ଗ ଅଉ କଥା ଶୁଣି ସିପ୍ରା ହସରେ ଭାଙ୍ଗି ପଡ଼ିବାକୁ ଲାଗିଲା । ସେ ସେହିପରି ହସି ହସି କହିଲା—

ତମେ ପୁଣି ହେବ ଶାସକ ନା ମହେଶବାବୁ ! ମିଶଲ ଉପରୁ ଉଠିଯାଇ ଶୋଇପଡ଼ିବ ଖାସ୍ କାମରାରେ, ତା ପରେ ପୁଣି ଆସି ପଚାରିବ ପ୍ରଶ୍ନ !

କାହିଁକି ତମେ ହିଷ୍ଟ୍ରି ଉତ୍ତର ଲେଖିଲାବେଳେ କଣ ଏହା କରୁ ନ ଥିଲ ? ଯେଉଁଠି ମନେ ନ ପଡ଼ିବ, ବହିର ସେହି ପୃଷ୍ଠାକୁ ଆଖି ଆଗକୁ ନେଇଆସି ସେହି ପାରାଗ୍ରାଫ୍‌ର ଆରେଂଜ୍‌ମେଣ୍ଟ୍‌କୁ ସ୍ମୃତିରେ ଅନାଉ ନ ଥିଲ ?

ମହେଶ ଏଗୁଡ଼ିକ କହିଲା ଯେପରି ଏକ ନିଃଶ୍ୱାସରେ ଆଉ ଦମ୍ଭ କରି ମଧ୍ୟ । ସିପ୍ରା ହସି ହସି କହିଲା—

ବାଃ, ଚମତ୍କାର କଥା ଏକଦମ୍ । ଏଗୁଡ଼ାକ ଡାଏରୀରେ ଲେଖିବ ନା ମହେଶବାବୁ ! ଭାରି କାମ ଦେବ ପିଲାମାନଙ୍କ ପାଇଁ । ଇତିହାସରେ ଆଉ ଫେଲ୍ ହେବାର ବାଟ ରହିବ ନାହିଁ ସେମାନଙ୍କ ପକ୍ଷରେ ।

ମହେଶ ଅପ୍ରତିଭ ହୋଇ ପଚାରିଲା ସିପ୍ରାକୁ—

ଏଟା କଣ ଖରାପ ଉପାୟ ସିପ୍ରା ? ଆଉ ଏହା ସତ୍ୟ ନୁହେଁ ?

ଏକଦମ୍ ସାର୍ବଜନୀନ ସତ୍ୟ ।

ନାଃ, ମୁଁ ବାସ୍ତବିକ ଅନ୍‌ଫିଟ୍ । ତମେହିଁ କର ଶାସନ । ତମେହିଁ କୁହ କଥା । ଆଉ ମୁଁ ଏକ ଅଥର୍ବ ଶ୍ରୋତା ରୂପରେ ଚାହିଁ-ରହେ ତମ ଆଖିକୁ ।

କ୍ଷୁବ୍ଧ ହୋଇ କହିଲା ମହେଶ । ସିପ୍ରା ପଚାରିଲା ଭାଷାରେ ଦରଦ ଦେଇ ।

କବିତା ଲେଖିବା ଛାଡ଼ିଦବ ପରା ?······ଏପରି ମୂକ ହୋଇ ଶ୍ରୋତା ହେବା ଅପେକ୍ଷା ତମେ ଲେଖ କବିତା—ଆଉ ମୁଁ ମୋର ଶାସନଦଣ୍ଡ ବୀଣା ଖଣ୍ଡିକ ଧରି ଗାଏ ସଙ୍ଗୀତ ।

ଆଉ ନୃତ୍ୟ ?—

ବଜେଟ୍ ବକ୍ତୃତାର ଆମେଣ୍ଡ୍‌ମେଣ୍ଟ୍ ପରି କହିଲା ମହେଶ, ଏଇ ଦୋ'ଟି ପଦ ।

ଯେତେବେଳେ କବିତା ସରିବ କଲମରୁ, ଗୀତ ସରିବ ମୋର ବୀଣାରୁ, ସେତେବେଳେ ମଂଜୀରକୁ ଟିକେ ଅନୁରୋଧ କରିବା ! —ସ୍ମିତହାସ୍ୟ ସହ କହିଲା ସିପ୍ରା ।

ମହେଶ ତରବର ହୋଇ କହିଲା—

ସିପ୍ରା, ଦିନେ ବିପିନକୁ ଡାକିବା କି ନାଚ ଦେଖିବାକୁ ?

ସିପ୍ରା ଖୁବ୍ ଦୃଢ଼ ଓ ଗମ୍ଭୀରକଣ୍ଠରେ କହିଲା—ସେ କେତେ ଟଙ୍କା ଦେବେ ମହେଶବାବୁ ?

ଚମକି ପଡ଼ିଲା ମହେଶ ସିପ୍ରାର ଏ କଥାରେ । ସେ ଅନେଇଲା ସିପ୍ରାର ମୁହଁକୁ । ଦେଖିଲା, ଅରୁଣୋଦୟ ହୋଇଛି ଯେପରି ସିପ୍ରାର ମୁହଁରେ । ସେଇ ଅରୁଣିମାର ତରୁଣାଲୋକରେ ସେ ଦେଖିପାରିଲା ଗୋଟିଏ ଲୋଷ୍ଟ୍ର, ଯାହାକୁ ସେ ଅଜ୍ଞାତସାରରେ ଫିଙ୍ଗି ଦେଇଥିଲା ସିପ୍ରା ଉପରକୁ, ଆଉ ତାହା ସିପ୍ରାକୁ ଆଘାତ ଦେଇ ଛିଟିକିଆସି ଆଘାତ କରିଛି ନିଜକୁ ।

ପରିସ୍ଥିତିକୁ ଲଘୁ କରିବାକୁ ସିପ୍ରା ହିଁ ଚେଷ୍ଟା କଲା । ସିପ୍ରା ସ୍ୱର ବଦଳେଇ କହିଲା—

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ବୋଧହୁଏ ଏହା କଲେ ବେଶି ଖୁସି ହେବ ତମେ ମହେଶବାବୁ !

ମହେଶ ଦେଖିଲା, ସିପ୍ରା ଯୀଶୁଖ୍ରୀଷ୍ଟଙ୍କର ଦୀକ୍ଷା ଧରି ନିଜର ଆଘାତ ଭୁଲିଯାଇ ଆଘାତକାରୀର ବ୍ୟଥା ନାଶ କରିବାକୁ ପ୍ରୟାସ କରୁଛି । ଏହା ଉଦାରତା ପାଖରେ, ସ୍ରୋତ ମୁଖରେ ଛୋଟ ଉପଲ-ଖଣ୍ଡ ପରି ଚଣ୍ଡ ତାର ଦାମ୍ଭିକତା ଚୂର୍ଣ୍ଣ ହେବାକୁ ଲାଗିଲା । ସେ ନିସ୍ପନ୍ଦ ହୋଇ କେବଳ ବସି ରହିଲା ମାତ୍ର ।

ସିପ୍ରା ବସିଥିଲା ମହେଶର ଠିକ୍ ସାମନା ଚୌକିରେ । କ୍ରନ୍ଦନୋଦ୍ୟତ ଶିଶୁକୁ ଜନନୀ ଭୁଲାଇବା ପାଇଁ କୋଳ କରି ନେଲା ପରି, ସିପ୍ରା କାଳ ବିଳମ୍ବ ନ କରି ଆସି ନିଜର କୋଳରେ ମହେଶକୁ ସେଠୁ ଘେନି ଯାଉଁ ଯାଉଁ କହିଲା, ଗୀତ ଶୁଣିବ ଆସ ।

ଅର୍ଗାନ୍ ଆଗରେ ବସି, ମହେଶକୁ ନିଜ ପାଖରେ ଗୋଟିଏ ଚେୟାର୍‌ରେ ବସାଇ ଦେଇ ସିପ୍ରା ଗାଇଲା ରୈଦାସଙ୍କର ଗୋଟିଏ ଗାନ—

ପ୍ରଭୁଜୀ, ତୁମ୍ ଚନ୍ଦନ୍ ହମ୍ ପାନି,
ଜାକୀ ଅଙ୍ଗ୍-ଅଙ୍ଗ୍ ବାସ ସମାନି । —

ମହେଶର ଚିନ୍ତା ଦୂର ହୋଇ ନ ଥାଏ । ସେ ଭାବୁଥାଏ, ଦୁଃଖର ଅଶ୍ରୁରେ ଭଗବାନଙ୍କର ଆସନ ପ୍ରସ୍ତୁତ ହେଲାପରି ଏହି ବ୍ୟଥାର ଅଙ୍ଗନରେ ଲୋଟିପଡ଼ୁଛି ପ୍ରଣୟୀମିଥୁନର ଅନ୍ତରର

ଅନାବିଳ ସ୍ୱର୍ଗ; ମାତ୍ର ଏହି ବ୍ୟଥା ଯେ ଅତ୍ୟନ୍ତ ଅସ୍ପୃହଣୀୟ, ଏହା ମହେଶ ମଧ୍ୟ କଦାପି ଭୁଲି ପାରୁ ନ ଥାଏ ।

ଦ'ପହରେ ଖାଇସାରି ମହେଶ ଶୋଇପଡ଼ିଛି । ବୋଧହୁଏ ତାର ଅନିଦ୍ରାର ମଜୁରି ଭାଙ୍ଗି ନାହିଁ । କିନ୍ତୁ ସିପ୍ରାର ଆଖିରେ ଜାଗରଣ । ସେ ଦିନସାରି ଅନେକ ଭାବିଛି, ସେଇହିଁ ଆଜି ମହେଶକୁ ଦୁଃଖ ଦେଇଛି । ଯେ ତା ପାଇଁ ସର୍ବସ୍ୱ ତ୍ୟାଗ କରି, ତାର ସଞ୍ଚିତ ସମସ୍ତ ସମ୍ପଦକୁ ତାର ପଦରେ ଆଣି ଅର୍ଘ୍ୟ ଦେଇଛି, ତା ପ୍ରତି ସେ କଥାରେ କଥାରେ କି ଭୁଲ୍ ନ କରି ବସିଲା ! ଯେଉଁ ମହେଶ କହିଲେ ସେ ନିଆଁରେ ମଧ୍ୟ ନାଚି ପାରିବ, ଅଥଚ ସେହି ମହେଶର ଅନୁରୋଧରେ ସେ ତା'ର ଅନ୍ତରଙ୍ଗ ବନ୍ଧୁ ବିପିନ୍ ଆଗରେ ନାଚି ପାରିବାରେ ସମ୍ଭ୍ରମହାନିର କାରଣ ଦେଖିଲା କାହିଁକି ? ଆଜି ମଧ୍ୟ ସେହି ମୂଳ କଥା, ସେ ଗୋଟା ସାମାନ୍ୟ କାରଣରୁ ହସିଥିଲା; ମାତ୍ର ସେହି କ୍ଷୁଦ୍ର ବୀଜରୁ ଯେ ମହୀରୁହର ଜନ୍ମ ହେବ, ଏହା କିଏ ଭାବିଥିଲା—ଆଜି ସେ ବା ଏହାକୁ ଶୀଘ୍ର ନ କହିଦେଲା କାହିଁକି ? ବୋଧହୁଏ ମହେଶ ତାକୁ ଆଜି ଏହି ହସର କାରଣ ପଚାରିବ ନାହିଁ, ବୋଧହୁଏ ସେ ଆଜି ତାକୁ ବିପିନ୍ ପାଇଁ ନାଚିବାକୁ ଅନୁରୋଧ କରିବ ନାହିଁ ! ଏହି କଥା ଭାବି ସିପ୍ରା ପ୍ରାଣେ ପ୍ରାଣେ ବିଦଗ୍ଧ ହୋଇଯିବାକୁ ଲାଗିଲା । ଆଜି ସେ ଯେପରି ମନସ୍ଥ କଲା, ଜମା ମହେଶର ଅବାଧ୍ୟତା ଆଚରଣ କରିବ

ନାହିଁ । ସେ ମହେଶର ମନରେ କୌଣସି ଦୁଃଖର ବୀଜ ବୁଣିବ ନାହିଁ ଯେପରି । ଏହିପରି କେତେ ଭାବି ଭାବି ସେ ଘରସାରା ବୁଲୁଥାଏ । ମହେଶର ନିଦ୍ରାବଶ ଶରୀରକୁ ଖୁବ୍ ଦରଦ ଦେଇ ଅନାଉ-ଥାଏ । ଅବଶେଷରେ ସେ ଯାଇ ବସିଲା—ମହେଶର ଖଟ ପାଖରେ, ସକାଳ ପରି । ପଙ୍ଖାର ଘୂର୍ଣ୍ଣାୟମାନ ପବନ-ଚକ୍ର ତାର ମୁକ୍ତ କେଶରାଶିକୁ ଧରି କ୍ରୀଡ଼ା କରିବାରେ ଲାଗିଲା । ସେ ବସି ବସି ମହେଶକୁ ନିର୍ନିମେଷ ନୟନରେ ଅନାଇବାରେ ଆନନ୍ଦ ଅନୁଭବ କଲା । ତାର ମନ ହେଉଥାଏ, ସେ ଯେପରି ମହେଶର ଦେହରେ ଦେହ ଲଗେଇ ସେଠି ଶୋଇପଡ଼ନ୍ତା । ମାତ୍ର ମହେଶର ଜାଗ୍ରତାବସ୍ଥାରେ ତାର ଯେତେ ସାହସ ଆସେ ଏ ଦିଗରେ, ତାର ନିଦ୍ରାବସ୍ଥାରେ ସେ ପାଲଟିଯାଏ ଅତି ଭୀରୁ । ସେ ମନେ କରୁଥାଏ, ମହେଶର ଦୃଷ୍ଟି-ରଶ୍ମି ତା ଦେହରେ ପଡ଼ିଲେ ତାର ଚିତ୍ତ ଶତଦଳ ପରି ବିକଶି ଉଠେ । ମହେଶର ମୁଦ୍ରିତ ଆଖି ଯେ ତା ପକ୍ଷରେ ଅସହ୍ୟ—ଚତୁର୍ମାସ୍ୟା ରାତ୍ରି । ମହେଶର ନିଦ୍ରାଭଙ୍ଗ ଭୟରେ, ଶତ ଇଚ୍ଛାସତ୍ତ୍ୱେ ସେ ତାକୁ ସ୍ପର୍ଶ ମଧ୍ୟ କରି ପାରିଲା ନାହିଁ । ଏହିପରି କେତେ ସମୟ ଚିନ୍ତା ଓ ଭାବନା ପରେ ସେ ମନେକଲା, ବୋଧହୁଏ ମହେଶର ନିଦ ଭାଙ୍ଗିବାକୁ ଆଉ ବେଶି ଡେରି ନାହିଁ । ସେ ଧୀରେ ସେଠାରୁ ଉଠି-ଆସିଲା । ନିଜ କୋଠରୀରୁ ସକାଳର ସେହି ବହିଖଣ୍ଡିକ ଧରି ପୁଣି ଯାଇ ସେହି ଚୌକୀରେ ପୂର୍ବପରି ବସିଲା । ବହିର ପୃଷ୍ଠା ଖେଲାଇ-ବାରେ ଲାଗିଥାଏ । କିନ୍ତୁ ଜଣେ ଯେ ବହି ପଢ଼ୁଛି, ଏହା ତାର ସେ ଚଟେବିଧି ଦେଖି କେହି କେବେହେଲେ ମନେ କରିପାରିବ ନାହିଁ ।

ସେ ବୋଧହୁଏ ପ୍ରତି ମୁହୂର୍ତ୍ତରେ ମହେଶର ଜାଗରଣ ହେଲା ବୋଲି ଆଶା କିମ୍ବା କାମନା କରୁଥାଏ । ଆଜି ଏହି ଆଶାରେଖା ତାହାର ଦେହରେ ସ୍ପର୍ଶ କରିବାକ୍ଷଣି ସେ ଯେପରି ଖୁବ୍ ସଜାଗ ହୋଇ ଉଠେ । କ'ଣ ପଢ଼ିଉଠି ଯେପରି କ'ଣ ଅଭିନୟ କରିବାକୁ ଚେଷ୍ଟା କରେ । ମାତ୍ର ତାର କାମନାକୁ ବିନାଶ କରି ମହେଶ ତାର ନିଦ୍ରାର କୋଳକୁ ଏକମାତ୍ର ସୁଖକର ବୋଲି ନିର୍ଭର କରି ରହିଥାଏ ଯେପରି । ଅସନ୍ତୁ-ପୂର୍ଣ୍ଣ ଭଙ୍ଗୀରେ ସେ ଶୋଇପଡ଼ିଛି ବିଛଣାରେ । ହାତ ଦୁଇଟି ବାଉଁଡ଼ି ହୋଇ ପଡ଼ିଛି ତକିଆରେ । ଅଧେ ମୁହଁ ମାଡ଼ି ହୋଇ ରହିଛି ମଧ୍ୟ ସେହି ତକିଆ ଦେହରେ । ଗୋଡ଼ ଦୁଇଟି ପୃଥକ୍ ଭାବରେ ବିନ୍ୟସ୍ତ ହୋଇଛି ମସୃଣ ଗଦି ଉପରେ । ଏହିପରି ଏକ ଅବସ୍ଥାରେ ବସି ବସି ସିପ୍ରାର ଆଖିରେ ମଧ୍ୟ ତନ୍ଦ୍ରାର ଆଗମ ହେଲା । ବାତାୟନରେ ଆରବ-ସାଗରର ବାୟୁ । ମୁଣ୍ଡ ଉପରେ ବିଜୁଳି ପଙ୍ଖାର ପବନ ଘୂର୍ଣ୍ଣି । ଏସବୁ ତାର ତନ୍ଦ୍ରାକୁ ଦୀର୍ଘଜୀବନ ଦେବାରେ ଯେପରି ସାହାଯ୍ୟ କରୁଥାନ୍ତି । କିଛିକ୍ଷଣ ପରେ ତନ୍ଦ୍ରା ନିଦ୍ରାରେ ପରିଣତ ହେଲା । ସେ ସେହିଠାରେ ମହେଶର ଜାଗରଣ କାମନା କରି ନିଜର ନିଦ୍ରାର ଆୟୋଜନ କଲା ।

କ'ଣ ଗୋଟିଏ ଶବ୍ଦରେ କିଛି ସମୟ ପରେ ମହେଶର ନିଦ-ଭାଙ୍ଗିଯିବାରୁ ସେ ଦେଖିଲା ତାର ପ୍ରବାଳଲତା ତା ପାଖରେ ଗୋଟିଏ ଚୌକିରେ ଲଟେଇ ରହିଛି । ଶବ୍ଦର ହେତୁ ଅନୁସନ୍ଧାନ କରି ସେ ଦେଖିଲା, ସେହି ରୂପ-ଲତାର କରସ୍ଖଳିତ ବହି ଖଣ୍ଡିକ ତଳେ କାର୍ପେଟ୍ ଉପରେ ନିଜର ଶଯ୍ୟା ରଚନା କରିଛି । ମହେଶ ବିମୁଗ୍ଧ ନୟନରେ ଚାହିଁଲା ସିପ୍ରାକୁ । ମୁଣ୍ଡର ବାଳ ତାର ପବନରେ

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ଇତଃସ୍ତତଃ ହେଉଛି । ତାର ହୃଦୟ ଭୂମି ଉପରେ ଏହି ରୂପ-ଲତାରେ ଅସଂଖ୍ୟ ଗୌଣ ଭେଦ ଯେପରି ଆତ୍ମପ୍ରକାଶ କରୁଛି ଏହି କେଶରେ । ମହେଶ ବିସ୍ଫାରିତ ଚକ୍ଷୁରେ ଗୁହାଁଲ ସିପ୍ରାର ସମସ୍ତ ଅବୟବକୁ । ତା ନିଜର ଚର୍ମର ତଳେ ତଳେ ଯେଉଁ ସିପ୍ରା ଲୀଳାୟିତ ଭଙ୍ଗିରେ ଶୋଇ ରହିଛି ତା ସହିତ ସେ ଏହି ଆଲୋକ ପବନରେ ଲଳିତା ସିପ୍ରାକୁ ମିଳାଇଲା । ସେ ଦେଖିଲା, ପାର୍ଥକ୍ୟ ଢେର । ସେଠି ଶୋଇଛି ସିପ୍ରା ତାର ପାଟଳ ରଙ୍ଗଶାଢ଼ୀ ପିନ୍ଧି, ଅଧରରେ ଖେଳାଇ ଅପୂର୍ବ ହସ । ଆଉ ଏଠି, ଏ ଯେପରି ଗୋଟିଏ ବିଦ୍ୟୁଲ୍ଲତା, ଦେହରେ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ଜଡ଼ାଇ, ଅଧର ପୃଷ୍ଠରେ ଶାନ୍ତିର ବାଣୀ ଫୁଟାଇ ହୃଦୟକୁ ଶାନ୍ତ ଶୀତଳ କରଦେଉଛି । ସେ ଧୀରେ ଉଠି ସିପ୍ରାର ଅଙ୍ଗ ସ୍ପର୍ଶ କଲା । ସେ ମନେକଲା, ଲାଜକୁଳୀ ବୋଧହୁଏ ଅଳ୍ପ ସମୟ ହେଲା ଝାଉଁଳିଛି । ତାର ଚୈତନ୍ୟ ଫେରି ଆସି ଦଳଗୁଡ଼ିକ ଫିଟିବାକୁ ଯେପରି ଅଳ୍ପ ସମୟ ଲାଗିବ । ସେ ତାହାର ସୁମସୃଣ ନିଦ୍ରା-ଜଡ଼ ହାତକୁ ନିଜର ହାତରେ ଧରି ଭାବିଲା, ମୁଁ ଆଜି ଏହି କୋମଳ ଅଙ୍ଗରେ, ଆଉ ଏହି କୋମଳ ଅଙ୍ଗର ସୁକୋମଳ ପ୍ରାଣ-ପାତ୍ର ଉପରେ ନିଷ୍ଠୁରଭାବରେ କରୁଛି ଆଘାତ । ଏହି ପେଲବ ଗଣ୍ଡର ଆରକ୍ତ ସୁଷମା ଉପରେ ମୁଁ ଅଙ୍କା ଉଇଁବାକୁ ଦେଉଛି କ୍ରୋଧ-ସୂର୍ଯ୍ୟର ବହ୍ନିରେଖା । ତାର ସେହି ବ୍ୟଥାମୟ ପାଣ୍ଡୁରିମା ମଧ୍ୟ ଅତି ଉପଭୋଗ୍ୟ ହୋଇପଡ଼ିଥିଲା । ସମ୍ଭ୍ରମହୀନ କୌଣସି ସୌନ୍ଦର୍ଯ୍ୟଲିପ୍ସୁ ଶିଳ୍ପୀ ଯଦି ସେତେବେଳେ ଦେଖିଥାନ୍ତା ଏହି ରାଗ-ରଞ୍ଜିତା ଲତାକୁ ସେ ବୋଧହୁଏ ଠିକ୍ ଆଙ୍କି ପାରିଥାନ୍ତା ଭମିମା ନାୟିକାର ଛବି । କିନ୍ତୁ କୌଣସି ସମ୍ବନ୍ଧ ସଂଯୁକ୍ତ

ମୋପରି ହୃଦୟ ଯେଉଁ ଅଛିଲେ ସେ କେବଳ ଦେଖିଥାନ୍ତା ବ୍ୟଥା— ଯାହାକୁ କି କେହି କେବେ ରୂପ ଦେଇ ପାରିବ ନାହିଁ। ସେତିକି ଜୋର୍‌ରେ ଆଘାତ ପାଇଲେ ହୁଏତ କେହି ତାହା ହୃଦୟଙ୍ଗମ କରିପାରେ। ମାତ୍ର ପାତ୍ର ଭେଦରେ ପୁଣି ଅନୁଭୂତିର ତ ଭେଦ ଅଛି! ......ମତେ ପାଇଁ ଜଣେ ଅନ୍ୟ ସ୍ତ୍ରୀ ଆଗରେ ତାଣ୍ଡବ ନୃତ୍ୟ କରିବାକୁ କଣ ଖୁବ୍ ବାଧିବ ନାହିଁ; ଯଦିଓ ବହୁଥର ଥିଏଟର୍‌ରେ ନାଚେ! ଆଜି ସିପ୍ରାକୁ, ଜଣେ ଶିକ୍ଷିତା, ଆତ୍ମସମ୍ଭ୍ରମସମ୍ପନ୍ନା ଅଭିଜାତ ତରୁଣୀକୁ ମୁଁ କହିଲି ମୋର ବନ୍ଧୁ ଆଗରେ ନାଚିବାକୁ। ମୋର ସ୍ତ୍ରୀ ନାଚ ଜାଣିଥିଲେ ମୁଁ କଣ ତାକୁ ନେଇ ମୋର ବନ୍ଧୁ ଆଗରେ ନଚାଇଥାନ୍ତି? ମୁଁ କବିତା ଲେଖୁଛି ବୋଲି କ'ଣ କାହାର ସ୍ତୁତି ଲେଖୁଛି ବସି?......ଏହିସବୁ ଏକାଦିକ୍ରମେ ଭାବି ମହେଶ ନିଜର ଶାନ୍ତିକୁ ସମ୍ପୂର୍ଣ୍ଣରୂପେ ବିନଷ୍ଟ କରିଦେଲା। ସେ ବର୍ତ୍ତମାନ ସେହି ବିଧ୍ୱସ୍ତ ଶାନ୍ତିକୁ ପୁନଃପ୍ରତିଷ୍ଠା କରିବା ପାଇଁ ସ୍ପର୍ଶ କଲା, ସେହି ଶାନ୍ତିରୂପିଣୀ ନିଦ୍ରାବିଭୋର ସିପ୍ରାକୁ। ସେ ତଳେ ଛିଡ଼ା-ହୋଇ ନିଜର ଦୁଇ ବାହୁରେ ସମ୍ପୂର୍ଣ୍ଣରୂପେ ତୋଳି ଧରିଲା ସିପ୍ରାକୁ। ତାର ଇଚ୍ଛା ହେଲା, ଏମିତି ତୋଳିଧରି ସେ ଏହି ପବନରେ ଉଡ଼ିଯାନ୍ତା ସବୁ ଲୋକଙ୍କ ଆଗରେ। ସେ ସମସ୍ତଙ୍କୁ ଦେଖାଇ ଦିଅନ୍ତା, ସେ ଯାହା ପାଇଛି ତାହା ସୁନ୍ଦର, ସେ ଯାହା ଧରିଛି ତାହା ସୁରଭି, ସେ ଯାହା ସ୍ପର୍ଶ କରୁଛି ତାହା ପବିତ୍ର ଓ କୋମଳ।

ଏହା ପରେ ସେ ଶୁଇଁଲା ସିପ୍ରାକୁ। ଯୁବକର ରକ୍ତରେ ଅଷ୍ଟୋତ୍ତରର ବୀଜ ବୁଣିଦିଏ ଯୁବତୀର ଯେଉଁ ଗନ୍ଧ, ପୁଷ୍ପାଦପି ଲୋଭନୀୟ

ସିପ୍ରାର ସେହି ଗଣ୍ଡକୁ ସେ ଗୁହିଁ ରହିଲା ବିମୁଗ୍ଧ ହୋଇ । ତାର ମନେ ହେଲା, ଏହାକୁ କୌଣସି ବ୍ୟବହାରରେ ଲଗାଇ ଏହାର ଅମର୍ଯ୍ୟାଦା କରାହୁଏ ନାହିଁ । ଆଜି ମଧ୍ୟ ସେ ମନେ କଲା, ଏହି ମୁଖ-ପୁଷ୍ପର ଗଣ୍ଡଦଳକୁ ଛୁଇଁବାକୁ ସେ ନିଜକୁ ଅଯୋଗ୍ୟ କରିଦେଇଛି । ତାର ମନର ଅପବିତ୍ରତା ତା'ର ଶରୀରରେ ବିଚ୍ଛୁରିତ ହୋଇଥିବାର ଯେପରି ସେ ଅନୁଭବ କଲା । ତାର ମନରେ ଇତରତାର ଭୀରୁତା ପ୍ରକାଶ ପାଇଲା । ସେ ଧୀରେ ଆଣି ସିପ୍ରାକୁ ଶୁଆଇଦେଲା ପଲଙ୍କର ଶଯ୍ୟା ଉପରେ ।

ସିପ୍ରା ଅନେକ ଆଗରୁ ଜାଗ୍ରତ ହୋଇ ସାରିଥିଲା । ସେ ମନେ ମନେ ମୀମାଂସା କରିନେଇଥିଲା, ଜାଗରଣର ଉନ୍ମେଷ ମଧ୍ୟରେ ଆନନ୍ଦର ଯେଉଁ ଅନୁଭୂତି ତାହାହିଁ ଶ୍ରେଷ୍ଠ । ମୋର ଚକ୍ଷୁ ଦୁଇଟିକୁ ଖୋଲି ଦେଲେ ଏହି ଶ୍ରେୟକୁ ମୁଁ ହରାଇ ବସିବି । ଏହି ସତ୍ୟର ଛଳନା ମଧ୍ୟରେ ମୁଁ ଯେଉଁ ଆନନ୍ଦକୁ ସ୍ପର୍ଶ କରିପାରୁଛି, ଜାଗରଣର ବାସ୍ତବତାର ରୂଢ଼ ଆଘାତରେ ତାହା ଏହି ବାୟୁ-ମଣ୍ଡଳରେହିଁ କେବଳ ଲୀନ ହୋଇଯିବ । ଏହାହିଁ ମୋର ସ୍ୱର୍ଗ । ଏହି ମିଥ୍ୟା ଯଦି ମୋତେ ସ୍ୱର୍ଗ ଆଣିଦିଏ, ମୁଁ ସତ୍ୟର ଦ୍ୱାରସ୍ଥ ହେବି କାହିଁକି ? ଏହି କୌତୁକରେ ମୁଁ ଯଦି ଫୁଲ ତୋଳିପାରେ, ସାଧନାର ଭିକ୍ଷାଞ୍ଜଳି ଧରିବି କାହିଁକି ?

ସିପ୍ରାକୁ ଶୁଆଇଦେଇ ମହେଶ ଯାଇ ସିପ୍ରାର ଆସନରେ ବସିଲା । ତାହା ପରେ ତଳୁ ବହିଖଣ୍ଡିକ ଗୋଟେଇ ଆଣି ଭାବିଲା, ଏହି ବହିକୁ ବୋଧହୁଏ ସକାଳେ ସିପ୍ରା ପଢୁଥିଲା, ଆଜି ସେ ତାର

ହସର ସାମଗ୍ରୀ ଆହରଣ କରଥିଲ ବୋଧହୁଏ ଏଇଥିରୁ । ଏହା ଭାବ ସେ ଦେଖିଲ, ବହିଖଣ୍ଡିକ ହାମ୍‌ସନ୍‌ଙ୍କର 'ଦ ଗ୍ରୋଥ୍ ଅଫ୍ ଦ ସଏଲ୍' । ଏଥିରେ ଆଉ ହସିବାର କଥା କ'ଣ ଥିବ ! କିନ୍ତୁ ସନ୍ଦେହର ଅନୁସନ୍ଧିତ୍ସୁ ହୋଇ ସେ ମୂଳରୁ ଅର୍ଥାତ୍ ଲେଖକଙ୍କର ଲାଇଫ୍ ସ୍କେଚ୍ ଠାରୁ ପଢ଼ିବାକୁ ଆରମ୍ଭ କଲା । କିଛି ସମୟ ପଢ଼ିଲା ପରେ ସେ ପାଟିକର କହି ଉଠିଲା—ଦ ଭାଗାବଣ୍ଡ୍, ଟ୍ରାଭଲର୍ ଟୁ କ୍ୟାରେସ୍ ଦ ଡେମ୍‌ସଲ୍' ।

ନା ତ, ଯୁଁ ତ ଲେଖା ହୋଇନି ଜମା—କହି ସିପ୍ରା ବିଛଣାରୁ ଉଠିବସିଲା ।

ମହେଶ ହସି ହସି ପାଟି କରିଉଠିଲା—ଆରେ ଚୋର ଧରା ପଡ଼ିଲା ରେ, ଧରା ପଡ଼ିଲା । ...ଏଯୁଁାକୁ ପଢ଼ି ସକାଳେ ହସୁଥିଲ ନା ? ......ଆଉ କଣ ଲେଖା ହେଇଛି ?

ସିପ୍ରା ଖୁବ୍ ଦୁଷ୍ଟାମିଭାବରେ କହିଲା—ତମ ହାତରେ ବହି, ତମେ କହିବ ନା—ମୁଁ !

ମୁଁ ଯାହା କହିଲି ସେଇଆ ଲେଖା ହେଇଛି—ଛଟେଇ ହେଇ କହିଲା ମହେଶ ।

ନା, ସେଥିରେ ଲେଖା ହେଇଚି—'ଦ ହର୍ସ୍ କାର୍ କଣ୍ଡକ୍ଟର୍ ହୁ ଉଇନ୍‌ସ୍ ଦ ନୋବେଲ୍ ପ୍ରାଇଜ୍' ।

ସିପ୍ରାର ଏ କଥା ପରେ ପରେ ଏକ ହସର ଜୁଆର ଖେଳିଗଲା ।

ମହେଶ କହି ବସିଲା—ଆଚ୍ଛା ସିପ୍ରା, ହାମ୍‌ସନ୍ ତ ନୋବେଲ୍ ପ୍ରାଇଜ୍ ପାଇଲେ, ତଥାପି ତାଙ୍କ ଉପରେ ଏହି ଷ୍ଟାମ୍ପ୍‌ଟା ବସିଲା

କାହିଁକି ? ହୁଏତ କେଉଁ ଦୁର୍ବିପାକରେ ପଡ଼ି ଜୀବନରେ କେବେ ସେ ଘୋଡ଼ାଗାଡ଼ି ଚଳଉଥିଲେ, କିନ୍ତୁ ତାଙ୍କର ଏ ପରିଚୟ ଦେଇ ନ ଥିଲେ କ'ଣ ହୋଇ ନ ଥାନ୍ତା ?

ସିପ୍ରା କହିଲା, ମୁଁ କିଛି କହିବିନି, ମହେଶବାବୁ । ମୋର ଏଇଟା ପ୍ରମିସ୍ ବୋଲି ଜାଣିବ ।

ସିପ୍ରା ଏକଥା କହିଲା ସିନା, କିନ୍ତୁ ତାର ଜିଭ ବଡ଼ ଖାଲିଖାଲି ହେଉଥାଏ ମହେଶର ଏ ଟିପ୍ପଣୀ ଉପରେ କିଛି କହିବାକୁ । ସେ ମନେ ମନେ ଭାବୁଥାଏ, ଶାଶ୍ୱତୀ କିମ୍ବା ବିଶ୍ୱବାରା ବ୍ୟତୀତ ବେଦହିଁ କେବଳ ପୁରୁଷ ଲେଖୁ । ସେ କେବଳ ନାରୀଭାବରେ ତାହା ଶ୍ରବଣ କରୁ । ଉପନିଷଦ୍‌ର ବାଣୀ ତାର ଚିନ୍ତାରେ ଯେପରି ପ୍ରକାଶ ପାଇଲା "କର୍ଣ୍ଣାଭ୍ୟାଂ ଭୂରି ବିଶ୍ରୁବମ୍ ।" ତାର ଚିନ୍ତା ଅଧିକ ଦୂରକୁ ଅଗ୍ରସର ହେଲା ଯେପରି । ସେ ଭାବିଲା ମୁଁ ଅମୃତରେ ଆଧାର ହୁଏ—ଅମୃତସ୍ୟ ଦେବ ଧାରଣୋ ଭୂୟାସମ୍ ।

ମହେଶ ହସି ହସି କହିଲା—ତମେ କିନ୍ତୁ ବଡ଼ ଭୁଲ୍ କରିବ ସିପ୍ରା, ଯେଉଁ ଆନନ୍ଦ ମତେ ଦେବାକୁ ତମେ ଏହି ନିଷ୍କ୍ରିୟତା ଆଚରଣ କରିବ, ତାହା କିନ୍ତୁ ହେବ ତା'ର ବିପରୀତ । ମତେ କେବଳ ବସି ଏଠି ଏହି ପଙ୍ଖାର ଘୂର୍ଣ୍ଣିପ୍ତ ଓ ବାୟୁତରଙ୍ଗର ରୂପ ଠିକ୍ କରିବାକୁ ପଡ଼ିବ ତା'ହେଲେ ।

ସିପ୍ରା ହଠାତ୍ ଭାବ ପରିବର୍ତ୍ତନ କରି କହିଲା—

କାହିଁକି ଏଇଟା ତ ରୁଲ୍‌ଲେସ୍ ନୁହେଁ । କାଢ଼ି ବାରଗା ବି ଗଣିପାରିବ ।

ବାଃ, ପଙ୍ଖାଟା ଘୁରିବାରୁ ସିନା ଆମେ ଏହି ପବନର ରୂପ ଅନୁଭବ କରିପାରୁଛେ ।

ମହେଶର ଏ କଥା ଶୁଣି ସିପ୍ରା ହସି ହସି କହିଲା—ପବନର ରୂପ ଠିକ୍ କରିବ, ଆଉ ପବନର ରୂପ ଅନୁଭବ କରିବ, ପବନର ରୂପ ଆଘ୍ରାଣ କରିବ, ଆଉ ପବନର ରୂପ ଭକ୍ଷଣ ବି କରିବ ?

ସାବାସ୍, ଏଇଆକୁ କହନ୍ତି ଯେ ସହଧର୍ମିଣୀ । ବୁଦ୍ଧି ହୁସିଆର ସିପ୍ରା, ଜୀବନରେ ଥରେ ହେଲେ ଲୁଣ, ତେଲ କଥା ନ ଉଠେ ଯେପରି । —ମହେଶ ହସି ହସି ଆବ୍‌ଦାର୍‌ର ସୁରରେ ଏହା କହିଲା ।

ସାଇକେଲ୍ ପାଇଁ କେହି କେବେ ପେଟ୍ରୋଲ୍ ଖରିଦ କରେ ମହେଶବାବୁ ?

ସିପ୍ରାର ଏ କଥା ଶୁଣି ମହେଶ ଖୁବ୍ ଖୁସି ହେଲା,—ସେ ଉତ୍ସାହିତ ହୋଇ କହିଲା—

କିନ୍ତୁ ସିପ୍ରା, ମଟର୍‌କାର୍‌କୁ ହାଓ୍ୱାଗାଡ଼ି କହି ଅନେକେ ଭାରି ଭୁଲ୍ କରିବସନ୍ତି ।

ସିପ୍ରା ଟିକେ ପ୍ରବୀଣତାର ଢଙ୍ଗ ଫୁଟାଇ କହିଲା—ସେଠା ଅଜଗରକୁ ପବନଭୋଜୀ କହିଲାପରି । କିନ୍ତୁ ଆପଣଙ୍କର ସେହି ଅନେକଙ୍କ ଭିତରେ ମୋ ନାଁ ନ ଲେଖନ୍ତି ଯେପରି । ତାଲିକାକୁ ମୁଁ ତରିଦେବି ତା'ହେଲେ ।

ମହେଶ ହସି ହସି କହିଲା—ମତେ କ'ଣ ପାଗଳ ଭାବିଚ ସିପ୍ରା, ତମକୁ ଦେଖିବା ପାଇଁ ମୁଁ ଚଷମା କିଣିବାକୁ ଯିବି !

ସିପ୍ରା ଏତିକିବେଳେ ରହସ୍ୟ କରି କହି ଉଠିଲା—

କିନ୍ତୁ ଆଜି ଯେ ସବୁ ଫାଙ୍କ୍‌ତାଲରେ ଚାଲିଛି ମହେଶବାବୁ !

ଓ, ତା’ ହେଲେ ଗୋଟା ହତ୍ୟାକାଣ୍ଡ କରିବାକୁ ହେବ ।

ମହେଶ ଏ କଥାକୁ ଟିମେଇ ଟିମେଇ କହିଲା । ସିପ୍ରାର ଏହା ଅନୁସରଣ କରିବାପାଇଁ ସହଜ ହେଲା ନାହିଁ ଯେପରି । ସେ ବିସ୍ମୟ ଫୁଟାଇ କହିଲା ତାର ଭାଷାରେ ।

ଆରେ, ତମକୁ ହତ୍ୟା ମଧ୍ୟ ଆସେ । କଣ ହାତରେ ନା କିଛି ହତିଆର ଅଛି ?

ମହେଶ ଟିକେ ଦମ୍ ନେଇ କହିଲା, ତାର ହତ୍ୟା ହାତରେ ବି ତ ହୁଏ, ହତିଆର ବି ଅଛି ।

ଏହା କହି ତାର ଦୃଷ୍ଟି ବୁଲେଇ ଆଣିଲା ଘରର ଗୁରି ପାଖରେ । ତା ପରେ ଉତ୍ସୁକ ହୋଇ ପଚାରିଲା ସିପ୍ରାକୁ—ମୋର ଲଗେଜ୍ ହେରିକା କୋଉଠି ରହିଲା ସିପ୍ରା ? ରିଭଲ୍‌ଭର୍‌ଟା ଯେ ତା ଭିତରେ ଥିଲା !

—ଏଇଟା ଯେ ଶକୁନ୍ତଳାର ଆଶ୍ରମ ମହେଶବାବୁ, ଏଠି ଦୁଷ୍ମନ୍ତଙ୍କୁ ଧନୁର୍ବାଣ ତ୍ୟାଗ କରିବାକୁ ହେବ ।

ଓଠରେ ହସ, ଆଖିରେ ରହସ୍ୟ ପ୍ରକାଶ ପାଇଲା ସିପ୍ରାର । ଆଉ ମହେଶ ମଧ୍ୟ ତାର ଭଙ୍ଗୀର ନିର୍ବିକାର ଭାବ ଖୋଲେଇ କହିଲା—

ତା ହେଲେ ଦୁଷ୍ମନ୍ତ ଆରାମ କରିବେ ଏଥରକ । ଆଉ ସେହି ଫାଙ୍କ୍‌ତାଲଟା ଶକୁନ୍ତଳାଙ୍କର ପଣତ ପଛରେ ଆତ୍ମଗୋପନ କରୁ ।

ବାବାରେ, ଏତେ ବଡ଼ ବୀର ତମେ ମହେଶବାବୁ, ମାଛି ମାରିବାକୁ ବନ୍ଧୁକ ଖୋଜୁଥିଲ ଏଇଥିଲାଗି ?

ମୁହଁକୁ ନିଜର କୋଳ ଆଡ଼କୁ ବଙ୍କେଇ, ଦୃଷ୍ଟିର ତୀର୍ଯ୍ୟକ ଗତି କରି ସିପ୍ରା ମହେଶଙ୍କୁ ଚୁହିଁ ଚୁହିଁ ଏହା କହିଲା ।

ମହେଶ ଦି ହାତକୁ କାଖତଳେ ଜାକି ଅବଶୋଷ ପ୍ରକାଶ କରି କହିଲା—ହଁ, ଗଲିଭର୍ ପକ୍ଷରେ ଯାହା ମାଛି, ବାମନ ପକ୍ଷରେ ସେଇଟା ତ ପୁଣି ହାତୀ ।

ହେଲା, ହେଲା, ଆଉ ଏତେ ଫାଙ୍କ୍‌ତାଳ କାଟ ନା, କୁହ ସେଇ ପବନର କଥା ।—ଗେଲେଇ ହୋଇ କହିଲା ସିପ୍ରା ।

କିନ୍ତୁ ମୋର ପ୍ରଶ୍ନ ଆଗେ, ସେଇ ହର୍‌ସ୍‌କାର୍ କଣ୍ଟ୍ରାକ୍‌ଟର୍ କଥା ।—କଥା କାଟି କହିଲା ମହେଶ ।

ଆଚ୍ଛା, ତମେ ଆଗ କୁହକି, ମୁଁ କହିବି ତା' ବାଦ । ମୀମାଂସାର ସ୍ୱରରେ ସିପ୍ରା କହିଲା ।

ମହେଶ ସଜାଡ଼ି ହୋଇ ବସି ଖୁବ୍ ହାଲୁକାଭାବରେ କହିଲା, ଏ ତ ଅତି ସହଜ କଥା, ସିପ୍ରାର ସ୍ପର୍ଶରେ ମୁଁ ପାଏ ସିପ୍ରାର ରୂପ, ସିପ୍ରାର କଥାରୁ ମୁଁ ଦେଖିପାରେ ସିପ୍ରାର ଛବି, ସିପ୍ରାର ଶ୍ୱାସରେ ମୁଁ ପାଏ ସିପ୍ରାର ଗନ୍ଧ । ପବନର ରୂପ ବି ସେମିତି । ସକାଳ ପବନ, ସନ୍ଧ୍ୟା ପବନ, ହାତ ପଙ୍ଖା ପବନ, କଳ ପଙ୍ଖା ପବନ—ଏ କଣ ପବନର ରୂପ ବହନ କରେନା ସିପ୍ରା ?

ସିପ୍ରା ଖୁବ୍ ଖୁସିହୋଇ ତାହାକୁ ଅଚ୍ଛାଦନ କଲା—ତାର ଅତୃପ୍ତିପୂର୍ଣ୍ଣ ବାକ୍ୟରେ—

ହଉ, ହଉ, ମୁଁ ମଧ୍ୟ ଏମିତ ଟ୍ରମ୍ପକରେ ଉତ୍ତର ଦେବି ଯେ ।

ମହେଶ ହସି ହସି କହିଲା, ହଁ ମୁଁ ତ ସେୟା ଭାବେ ଯେ, ଆମେ ଭିଟାମିନ୍ ଖାଲି ନ ଖାଇ ଏତେ ସମୟ ନଷ୍ଟ କରୁଚେ କାହିଁକି ।···ତା ହେଲେ ତମର ଉତ୍ତର ?

ଅତି ସଂକ୍ଷିପ୍ତ—ସୁନ୍ଦର ଭବିଷ୍ୟତର ଏକ ଉଜ୍ଜ୍ୱଳ ଦିବସରେ ବସି ମଧ୍ୟ ତମର ବି ମନେ ପଡ଼ିପାରେ—ଅଭିଜାତର ଗୃହଲକ୍ଷ୍ମୀ ମୋର ସିପ୍ରା ଦିନେ ଥିଲା ଜଣେ ବେଶ୍ୟା ।

ସିପ୍ରା କହିଲା ଅଭିନୟର ଭଙ୍ଗୀରେ—ରହସ୍ୟ ମିଶାଇ ।

ବେଶ ତ, ମୁଁ ତ ସେୟା ଚାହେଁ । ମୁଁ ଏ ବିଷୟରେ ଚେତନ ଯେ ମୁଁ ବମ୍ବେ ଜମକୁଲର ପବନରୁ ଗୋଟିଏ ରଙ୍ଗିନ୍ ବେଲୁନ୍ ପାଇଥିଲି, ଯାହାକୁ କି ଆଗରୁ କିଏ ଧରି ଉଡ଼େଇ ଦେଇଥିଲା । ପୁଣି ତମେ ମଧ୍ୟ କନ୍‌ସସ୍ ହେବା ଉଚିତ ଯେ, ଯେଉଁ ଦେଶରେ ତମର ଭାଷା ଅନୁଯାୟୀ ପୁରୁଷମାନେ ସୀତାଙ୍କୁ ନିଆଁରେ ଜୀଅନ୍ତା ପୋଡ଼ି-ଦେଇଥିଲେ, ତମେ ପୁନର୍ବାର ସେହି ଦେଶର ପୁରୁଷ ହାତରେ ତମର ଜୀବନ ଅର୍ପଣ କରିଛ ।

ମହେଶର ଏ କଥା ପରେ ସିପ୍ରା ଅସହିଷ୍ଣୁ ହୋଇ କହି ଉଠିଲା—ଯାଃ, ତମେ ଭାରି ଦୁଷ୍ଟ ମହେଶବାବୁ, **You cannot be a Markat !**

ମହେଶ ଏ କଥାରେ ଚପଳ ଭଳି ହସି ଉଠିଲା । ସେ ହସି ହସି କହିଲା—ଉଚ୍ଚାରଣଟା ଭୁଲ୍ କଲ ସିପ୍ରା ! ଯ୍ୟାମ୍ ନଟ୍ ଗୋଇଙ୍ଗ୍ ଟୁ କ୍ରିଟିସାଇଜ୍ ଦ୍ୟାଟ୍ ଫେଲେ ବଟ୍ ଦ ଲାଙ୍ଗୁଏଜ୍ । ଦେଖ ତ,

ଏହି ଇଂରେଜୀ ଭାଷାକୁ, କେଡ଼େ ସୁନ୍ଦର ଶବ୍ଦ ଅଥଚ ସେଥିରେ ସେ ହେଲା ମର୍କଟ । ଏହି ମର୍କଟ ଶବ୍ଦଟା ଆମ ଓଡ଼ିଶାର ଗୋଟା ବଡ଼ ସମ୍ପଦ ସିପ୍ରା । ଆମ କାଠଯୋଡ଼ୀର ପଥର ବନ୍ଧ ତୋଳାଥିଲେ ମର୍କଟକେଶରୀ । ତମେ ମନେ କର ସିପ୍ରା, ଇଂରେଜୀରେ ଏହା ଲେଖା ହୋଇ ରହିବ, ଆଉ ତାହା ପଡ଼ିବ ପ୍ରେଟ୍‌ର ସଂସ୍କୃତଜ୍ଞ ପଣ୍ଡିତଙ୍କ ହାତରେ ଗବେଷଣା ପାଇଁ । କି ଅର୍ଥ ସେଥିରୁ ବାହାରିବ ! ହୁଏତ ସେମାନେ ପ୍ରମାଣ କରିବେ ମାଙ୍କଡ଼ ଓ ସିଂହ ଆମର ସେହି ବିଖ୍ୟାତ ପଥର ବନ୍ଧକୁ ତିଆରି କରିଛନ୍ତି—ଯେମିତି ସମୁଦ୍ରରେ ବନ୍ଧ ବାନ୍ଧିଥିଲେ ମାଙ୍କଡ଼ମାନେ ରାମାୟଣ ଯୁଗରେ ।

ସିପ୍ରା ମଧ୍ୟ ଉଚ୍ଚହାସ୍ୟ କରି ଉଠିଲା ମହେଶର ଏହି କଥାରେ । ସେ ବିରକ୍ତ ହୋଇ ଯେପରି କହିଲା—

ନା, ଆମେ ଏ ଇଂରାଜୀ ଶବ୍ଦଗୁଡ଼ା ବ୍ୟବହାର କରିବା ନି ! କାହିଁକି, ସଂସ୍କୃତ ବ୍ୟବହାର କଲେ କଥାରେ— !

ସଙ୍ଗେ ସଙ୍ଗେ କହି ଉଠିଲା ମହେଶ—ଆରେ, ଗଡ୍‌ସ୍ ଉଇଥ୍ ଡାର୍ଟିଫେସ୍ ଯେ ପାଖରେ, ସେହି ସୁନ୍ଦର ଭଗବାନଙ୍କୁ ଖୋଜିବାକୁ ସମୟ କାହିଁ ସିପ୍ରା ?

ସିପ୍ରା କ'ଣ ଭାବି ଏତିକିବେଳେ ଆତ୍ମଗ୍ଳାନି ଅନୁଭବ କରି କହିଲା—ଖୁବ୍ ବେଶି ବକିଲଣି ମୁଁ ମହେଶବାବୁ । ମୁଁ ଯାଉଚି ବାକ୍‌ସଂଯମ କରିବି !

ମହେଶ ଅଧୀର ହୋଇ କହିଉଠିଲା—ତମର ସଂସ୍କୃତ ବି ଭୁଲ୍ ହଉଚି ସିପ୍ରା, ବାକ୍‌ସଂଯମ ନୁହେଁ, ବାଚଞ୍ଚ୍ୟମ ହେବ ସଂସ୍କୃତରେ

ହଁ ଏ ତ ଗଳ୍ପ ଭୃପାର, ଭାବର ଭୁଲ୍ ବି ଶୁଣିବ ! ଇଟ୍ ଟିରେସ୍ ଗ୍ୟାରୁଏଲ୍ଟି ଟୁ ଦ ଟେଙ୍ଗ୍, ଧୋ ଇଟ୍ ଇଜ୍ ସଟେନ୍ଲି ନଟ୍ ଦ ଗଡେସ୍ ଅଫ୍ ସ୍ପିର୍ ।

ସିପ୍ରା ହସିଉଠିଲା ମହେଶର ଏ ଅଭିନୟପୂର୍ଣ୍ଣ ଇଂରାଜୀ ଆବୃତ୍ତିରେ, ଆଉ କହିଲା ମଧ୍ୟ—

ହୁ ଇଜ୍ ଦସ୍ ଇଟ୍ ମହେଶବାବୁ ?

ମହେଶ ପୁଣି ଅଭିନୟ କରି କହିବାକୁ ଲାଗିଲା—ଦସ୍ ଇଟ୍ ଇଜ୍ ଏ ହି, ଏଣ୍ଡ୍ ଦେଟ୍ ହି ଇଜ୍ ଏ ବାଇଣ୍ଡ୍ ଫେଲୋ, ଏଣ୍ଡ୍ ଦେଟ୍ ଫେଲୋ ଇଜ୍ ଅତନୁ, ଦ କ୍ୟୁପିଡ୍!

ସିପ୍ରା ସରସ ଅସହିଷ୍ଣୁତାର ସହିତ ସ୍ଫୁର୍ତ୍ତିରେ କହିଲା—ନୋ, ଦେଟ୍ ଇଟ୍ ଇଜ୍ ଗର୍ଲ୍ ଆନ୍ ଇଟ୍, ଏଣ୍ଡ୍ ଦେଟ୍ ଇଟ୍ ଇଜ୍ ଲଭ୍ ।

ମହେଶ ଖୁବ୍ ଚଞ୍ଚଳ ଉଠିପଡ଼ିଲା ଚୌକିରୁ, ତୀବ୍ର ଆନନ୍ଦର ସହ ସିପ୍ରାକୁ କୋଳାଗ୍ରତ କରି କହିଲା—

ତମେ ଠିକ୍ କହିବ ସିପ୍ରା ! ଆଜି ଏ ହଉଚି ତାର ରୂପ ।

ବିପିନ୍ ବାବୁ, ବିପିନ୍ ବାବୁ !

ଅନୁଚ୍ଚସ୍ୱରରେ ସିପ୍ରା ଡାକିଲା ବିପିନ୍‌କୁ । ବିପିନ୍ ଜାଣିପାରିଲା ମହେଶ ଓ ସିପ୍ରା ବେଳାରେ ବୁଲୁଛନ୍ତି । ସେ ଅଦୂରର ଭିଡ଼କୁ ଚାଲିଗଲା—ଯେପରି ଅନ୍ୟାନ୍ୟ ଭ୍ରମଣକାରୀମାନଙ୍କ ମଧ୍ୟରେ ସେ ହଜିଯିବ । ତାକୁ କେହି ଦେଖିପାରିବେ ନାହିଁ କି ସେ କାହାର ଡାକ ଶୁଣିପାରିବ ନାହିଁ; ମାତ୍ର ବିପିନ୍‌ର ଏହି ଅଭିସନ୍ଧି ମହେଶ ଭଲଭାବରେ ଜାଣିପାରିଲା । ସେ ସିପ୍ରାକୁ ଛାଡ଼ି ଦୌଡ଼ି ଦୌଡ଼ି ଯାଇ ବିପିନ୍ ଲୋକାରଣ୍ୟ ଭିତରେ ନିଜକୁ ହଜାଇଦେବା ପୂର୍ବରୁ ତାକୁ ପକଡ଼ି ଆଣିଲା । ବିପିନ୍‌କୁ ସାଙ୍ଗରେ ଧରି ଆସୁ ଆସୁ ମହେଶ ତାକୁ ପଚାରିଲା—ତୁ ବୋଧହୁଏ ଆମକୁ ଅଭଏଡ୍ କରି ଯିବାକୁ ଭାବିଥିଲୁ ବିପିନ୍ ? ଇତେ ସିପ୍ରା ଏତେ ଡାକୁଛି, ଏତେ ଲୋକ ତା ଡାକ ଶୁଣି ଚାହିଁକା ହୋଇ ଅନାଉଛନ୍ତି ଆଉ ତତେ ଜମା ଶୁଭିଲାନି !

ବିପିନ୍ ବଡ଼ ଅପ୍ରସ୍ତୁତ ହୋଇସାରିଥିଲା । ସେ ଭାବୁଥାଏ, ନିଜକୁ ବଞ୍ଚାଇବାକୁ ତ କିଛି କହିବ; ମାତ୍ର କଥାର ଦୋଷ ଯଦି ମହେଶ ଧରିବସେ ତ ବଡ଼ ମୁସ୍କିଲ୍‌ରେ ପୁଣି ପଡ଼ିବାକୁ ହବ । ଯାହାହେଉ—ତାକୁ ତ ପୁଣି କହିବାକୁ ହେବ କିଛି । ସେ ଭାବି ଭାବି କହିଲା—

ତମେ ଏମିତ ଆସି ସମୁଦ୍ରକୂଳରେ ବୁଲୁଥିବ ବୋଲି ମୁଁ ତ ଜାଣିନି, ଭାବିଲି ଆଉ କେଉଁ ବିପିନ୍‌କୁ କିଏ ଡାକୁଛି—

ଭାରି ସରସ୍ ବୁଦ୍ଧିଟା ତୋର ବିପିନ୍ ! ବିପିନ୍‌ର ଜଙ୍ଗଲ୍ ଖାଲି ବମ୍ବେରେ ତିଆରି ହୋଇଚି, ତମ ଅଫିସ୍‌ରେ କେଇଟା ବିପିନ୍ ଅଛନ୍ତି

କହିଲୁ?······ସେହି ପିଲାଦିନର ଟଙ୍ଗରା ତୋର ଆଉ ନ ଗଲା ବିପିନ୍ ! ଏଡ଼େ ଗୌରକାତିଆ, ଚୁମ୍ବଣଇଡାନ୍ତା କାହିଁକି ହେଲୁ ରେ !

ମହେଶର ଉପର୍ଯ୍ୟୁପରି ଏତେ କଥା ଏବଂ ଶେଷକୁ ଭର୍ତ୍ସନା ବିପିନ୍‌କୁ ଖୁବ୍ ଭୀରୁ ତିଆରି କରିଦେଲା । ସେ ସାହସ ବାନ୍ଧି କହିଲା ଆଇଲି ଟି, ଆଉ ଗାଳିଦଉଚୁ କାହିଁକି କହିଲୁ ?

କଣ୍ଠରେ ପରିହାସ ମିଶାଇ କହିଲା—ତୁ ଆଇଚୁ, ଆଜି ମୁଁ ବି ବଡ଼ କୃତାର୍ଥ ହୋଇଚି ବିପିନ୍ । ଅଚ୍ଛା, ତୁ କଣ ଭାବୁ, ତୁ ମତେ ବରାବର ଆଭଏଡ୍ କଲେ ତୁ ଖୁବ୍ ଭଲ କାମ କରୁ ?

ଏମିତିଭାବରେ ଅଭିଯୋଗ ଆଣିଲେ ମୁଁ ନାଚୁର—ମହେଶ ।

ବିପିନ୍ ଅଉ କଣ କହିବାକୁ ଯାଉଥାନ୍ତା, ତାର ଦୃଷ୍ଟି ପଡ଼ିଲା ଆଗରେ ଠିଆ ହୋଇଚି ସିପ୍ରା—ମୁହଁରେ ପ୍ରସନ୍ନତା ଧରି । ସିପ୍ରା ପାଖରେ ପହଞ୍ଚି ମହେଶ କହିଲା—ସିପ୍ରା, ଏଇ ଚୋରକୁ ଧରିଆଣିଚି । ଆମରି ଅହ୍ୱାନକୁ ଚୋରିକରି ନେଇ ସେ ବାଲି ଭିତରେ ଛପିଯିବାକୁ ବସିଥିଲା ମୋ ଆଖିଆଗରେ ।

ସିପ୍ରା ହସି ହସି କହିଲା—ନମସ୍କାର ବିପିନ୍‌ବାବୁ, ଏମିତି ତରତର ହୋଇ ହାଓ୍ୱା ଖାଉଥିଲେ କାହିଁକି ?

ବିପିନ୍ ଦେଖିଲା ସେ ସାପ ମୁହଁରୁ ଆସି ବାଘ ମୁହଁରେ ପଡ଼ିଲା । ରକ୍ଷାର ଉପାୟ ସ୍ୱରୂପ ଯାହା ଗୋଟା ତାର ପାଖକୁ ଆସିଲା ଗୋଟା ନମସ୍କାର ପକାଇ ସେ ତାହା ଝଟ୍ କହିପକାଇଲା ।

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ମୁଁ ଶୁଣିଥିଲି ଯେ ଜାପାନରେ ସମସ୍ତେ ପ୍ରାୟ ଦୌଡ଼ନ୍ତି । ଆମ ଭଳିଆ ମନ୍ଥର ଗତି ସେମାନଙ୍କ ପାଦରେ ଆଦୌ ନାହିଁ । ମୁଁ ଟିକେ ସେଇଠା ଅଭି ଅଭ୍ୟାସ କରିବାକୁ ଇଚ୍ଛା କରିଥିଲି ।

ମହେଶ କହିଲା ପରିହାସ କରି—କିରେ, ତୋର ଏତେ ଚଞ୍ଚଳ ଜାପାନୀ ପାଲଟିବାକୁ ଇଚ୍ଛା ହେଲା କାହିଁକି ? ଟ୍ରେନ୍‌ରେ ଗଲେ ତ ବସିକରି କମ୍ପାନୀରୁ ଟି. ଏ. ଭିଡ଼ିକରି ନେଉଥିବୁ, ଆଉ ସମୁଦ୍ର ବାଲିରେ ଦୌଡ଼ି ମିଛରେ ନିଜର ଭାତ ହଜମ କରୁ କାହିଁକି ?

ଏହି ସମୟରେ ଦୂରରେ 'ହାପି ବସ୍'ର ହକର ଡାକି ଡାକି ଚାଲି ଯାଉଥିଲା । ମହେଶ କହିଲା, ସିପ୍ରା, ତମେ ଏଠି ବାଲିରେ ବସି ଗପ କରୁଥାଅ, ମୁଁ 'ହାପି ବସ୍' ଆଣେ—କହି କହି ସେ ଚାଲିଗଲା ଦୂରକୁ ।

ବିପିନ୍ ବସିପଡ଼ିଲା ବାଲିରେ, ସିପ୍ରା ଠିଆ ହୋଇ ରହିଥାଏ । ସେ ଚାହିଁଥାଏ ମହେଶ କେତେଦୂର ଗଲା । ଏହି ସମୟରେ ବିପିନ୍ ତାର ହାତକୁ ଟାଣିଦେଇ କହିଲା, ବସନ୍ତୁ ସିପ୍ରାଦେବୀ !

ଗୋଧୂଳିର ମ୍ଳାନିମା ମଧ୍ୟରେ ସମୁଦ୍ର ଓ ସ୍ଥଳଭାଗ ଖୁବ୍ ଭଲ ଦିଶୁଥାଏ । ବିପିନ୍ ଦେଖିଲା ସେହି ଶୋଭନତାକୁ ସୁଶୋଭନ କରି ତାର ନିକଟରେ ବସିଲା ସିପ୍ରା । ସିପ୍ରା ଭାବୁଥାଏ ବିପିନ୍‌ର ଧୃଷ୍ଟତା । ହଠାତ୍ ସେ ତାର ହାତ ଧରି ଟାଣିଦେଲା କି ସାହସରେ ! ସିପ୍ରାର ଏହି ଭାବନାକୁ ଆଘାତ କରି ବିପିନ୍ କହିଉଠିଲା—

ଦେଖିଲେ ସିପ୍ରାଦେବୀ, କି ସୁନ୍ଦର ଦିଶୁଛି ଏହି ସମୁଦ୍ର ! ହେଇ ଦୂରରେ ସେଠି ଷ୍ଟିମର ଚାଲିଯାଉଛି—ଜାହାଜ ମଧ୍ୟ ଏହି

ଫେରୁଛ ଏ ପାଖରେ । ହେଇ ହେଇ ଏ ଚଢ଼େଇଙ୍କ ଦେଖିଲେ, ଠିକ୍ ଲହରୀ ଉପରେ ଉପରେ ଯେମିତ ତରଙ୍ଗର ପାଣିରେ ତାର ପକ୍ଷୀ ଓଦାକର ସେ ଉଡ଼ୁଛି । ......ଅଚ୍ଛା ସିପ୍ରାଦେବୀ, ସମୁଦ୍ରର ଏଇ ତରଙ୍ଗକୁ ଦେଖି ମଣିଷ ବୋଧହୁଏ ନାଚିବାକୁ ଚେଷ୍ଟା କରେ ।

ସିପ୍ରା ଏତେକଥା ପରେ ମଧ୍ୟ କିଛି କହୁ ନ ଥାଏ । ସେ କେବଳ ଭାବୁଥାଏ, ବୁଢ଼ିଆଣୀକୁ ଅଟକୁ ବୋଧହୁଏ ଚନ୍ଦ୍ରି ହୋଇ ନଥିଲା ସେ ଊର୍ଣ୍ଣନାଭ ବୋଲି, ସେ ସୂତା ନ କାଟିବା ପର୍ଯ୍ୟନ୍ତ ।

ଏହି ସମୟରେ ବିପିନ୍‌ର ସ୍ୱର ପୁଣି ଶୁଣାଗଲା—

ମୁଁ ନ ଅସିଥିଲେ ଆପଣ ବୋଧହୁଏ ଭାରି ଦୁଃଖିତ ହୋଇ-ଥାନ୍ତେ ।

ସିପ୍ରା ଦେଖିଲା ଏହି ଲୋକକୁ କିଛି କହିବା ଉଚିତ । ସେ କ୍ରମେ କହିବାକୁ ଆରମ୍ଭ କଲା—ବିପିନ୍ ବାବୁ, ମହେଶବାବୁ ଥିଲେ ବୋଧହୁଏ ଆପଣ ଏତେ କଥା କହିବାକୁ ଭଲ ପାଇ ନଥାନ୍ତେ !

ବିପିନ୍ ଟିକେ ଛେପ ଢୋକିନେଲା ଯେପରି । କିଛିକ୍ଷଣ ବାଦ୍ କହିଲା—ଆପଣ ଜାଣି ନାହାନ୍ତି ସିପ୍ରାଦେବୀ, ପୁରୁଷ ପୁରୁଷର ବନ୍ଧୁତା ଅପେକ୍ଷା ନାରୀ ପୁରୁଷର ବନ୍ଧୁତା ଆନନ୍ଦଦାୟକ ହୁଏ ।

ସିପ୍ରା ଏ କଥାରେ ନ ହସି ରହି ପାରିଲା ନାହିଁ । ଗୋଧୂଳିର ଚର୍ଚ୍ଚରେ ତାର ହସକୁ ମିଶେଇଦେଇ ସେ କହିଲା—

ତା'ହେଲେ ମୁଁ ଅଜି ଜଣେ ମୋର ବନ୍ଧୁ ପାଇଛି ବୋଲି ମନେ କରିବାକୁ ହେବ—କିନ୍ତୁ ଜ୍ୟାମିତି ସଜ୍ଞାର ବନ୍ଧୁତା ନା ଏହା ପୂର୍ଣ୍ଣ ସ୍ୱତନ୍ତ୍ର ?

ସ୍ୱତନ୍ତ୍ର ।—ହଠାତ୍ କହିଉଠିଲା ବିପିନ୍ ।

ଅଚ୍ଛା, ବିପିନ୍‌ବାବୁ, ଆପଣ ମତେ ଭଲ ପାଆନ୍ତି ? ପଚାରିଲା ସିପ୍ରା ।

ଏଟା ଯେ ଅତି ସ୍ୱାଭାବିକ କଥା ସିପ୍ରାଦେବୀ । ଆପଣଙ୍କର ସଙ୍ଗୀତ ଯେ ଶୁଣିବ—

ବିପିନ୍‌ର ଏ କଥା ଶୁଣି ସିପ୍ରା ହସି ହସି କହିଲା—ତା' ହେଲେ ଆପଣ ମୋ ଗାନକୁ ଭଲ ପାଆନ୍ତି ?

ନା, ସମୁଦାୟ ଆପଣଙ୍କୁ ମୁଁ ଭଲ ପାଏ ସିପ୍ରାଦେବୀ—ଅତି ବିହ୍ୱଳ ହୋଇ କହିପକାଇଲା ବିପିନ୍ ।

ସ୍ୱରର ପରଦା କମେଇ କହିଲା ସିପ୍ରା—ବଡ଼ ଡେରି କରିଦେଲେ ବିପିନ୍ ବାବୁ ! ଆପଣ ହୁଏତ ଜଣେ ଟ୍ରାଭେଲର୍ ନୁହନ୍ତି, ଏହି ସହରରେ ରହନ୍ତି···

ମୁଁ ଟ୍ରାଭେଲ୍ କରିପାରେ ସିପ୍ରାଦେବୀ । ମୁଁ ପିଲାଦିନେ ଖୁବ୍ ଘୁରିଛି । ବର୍ତ୍ତମାନ ବି ବୁଲିପାରେ···

ବିପିନ୍‌ର ଏ କଥା ଶୁଣି ଯେ କେହି ହସିବ । ସିପ୍ରାପରି ବୁଦ୍ଧିମତୀ ତ ହସିବା ସ୍ୱାଭାବିକ । ସେ ହାସ୍ୟ ସମ୍ବରଣ କରି କହିଲା—ଆଜିର ଆପଣଙ୍କ ଗୁଲିରୁ ସେକଥା ମୁଁ ଅନୁମାନ କରିପାରୁଛି ବିପିନ୍ ବାବୁ । କିନ୍ତୁ ମୁଁ ତ ଆପଣଙ୍କୁ ଟ୍ରାଭେଲ୍ କରିବାକୁ କହୁନି । ମୁଁ କହିବାକୁ ଯାଉଥିଲି ଯେ ଜଣେ ଟ୍ରାଭେଲର୍‌କୁ ଲଭ୍ କରିବା ଅପେକ୍ଷା ଜଣେ ସେଟ୍ଲଡ୍ ଲୋକକୁ ଲଭ୍ କରିବା ବରଞ୍ଚ ଭଲ ।

ବିପିନ୍ ଖୁବ୍ ଜୋରରେ ସମର୍ଥନ କରି କହିଲା—ନିଶ୍ଚୟ, ନିଶ୍ଚୟ, ମୋର ସର୍ଭିସ୍ ପର୍‌ମାନେଣ୍ଟ ଆଉ ମୁଁ କନ୍‌ଫାର୍ମ୍‌ଡ୍ ମଧ୍ୟ ।

ସିପ୍ରା ଏହି ସମୟରେ ଭାବ ପରିବର୍ତ୍ତନ କରି କହିଲା—ବିପିନ୍ ବାବୁ, ଦେଖିଲେ, ଦେଖିଲେ, ସେହି ଷ୍ଟିମର୍‌ଟା ଯେ ଯାଉଥିଲା, କେତେଦୂର ଗଲାଣି ?

ବିପିନ୍ ଠିଆହୋଇ ଦେଖିଲା, ତା ପରେ କହିଲା, କୁଆଡ଼େ ଚାଲିଗଲାଣି ସିପ୍ରାଦେବୀ, ମୋତେ ଆଉ ଦେଖାଯାଉ ନାହିଁ ।

ସିପ୍ରା ହସି ହସି କହିଲା—ମୁଁ ପା' କହୁଚି ଆପଣ ଖୁବ୍ ଡେରି କରିଦେଲେ ବିପିନ୍‌ବାବୁ ।

ଆଁ, କଣ ସେ ଷ୍ଟିମର୍ ସଙ୍ଗରେ କିଛି କାମ ଥିଲା ନା କଣ, ତାକୁ କଣ ଡାକିକରି ଫେରାଇ ହୋଇଥାନ୍ତା ଆପଣ ଭାବୁଛନ୍ତି ?

ବିପିନ୍‌ର ଏ କଥା ଶୁଣି ସିପ୍ରାର ଆହୁରି ଟିକେ ରସିକତା କରିବାକୁ ଇଚ୍ଛା ହେଲା ତା ସାଙ୍ଗରେ । ସେ ପାଟିରେ ଆଙ୍ଗୁଠି କାମୁଡ଼ି ହତାଶଭାବରେ କହିଲା—

କିନ୍ତୁ ମହେଶବାବୁ ଥିଲେ···

ବିପିନ୍ କହିଉଠିଲା ଚଞ୍ଚଳ ହୋଇ—ମହେଶ କଣ ବେଶି ଚାଲି ପାରିଥାନ୍ତା ମୋଠାରୁ ଆପଣ ମନେ କରୁଛନ୍ତି ?

ଏହି ସମୟରେ 'ହାପି ବାସ୍କ' ଧରି ମହେଶ ସେମାନଙ୍କର ପଛରୁ ଡାକିଲା—ସିପ୍ରା, ସେ ଇଡଅଚ୍‌ଟା ଅଛି ନା ? ବିପିନ୍ 'ହାପି ବାସ୍କ' ନେ ।

'ହାପି ବର୍ଥ୍' ମହେଶ ହାତରୁ ନେଇ ଖାଉଁ ଖାଉଁ ସିପ୍ରା କହିଲା, ଭାରି ଅଭଦ୍ର ତମେ ମହେଶବାବୁ, ହଠାତ୍ ଗୋଟା କହିଦେଲ ବିପିନ୍ ବାବୁଙ୍କୁ 'ଇଡିଅଟ୍' । ଗୋଟା 'ଇଡିଅଟ୍' କେବେହେଁ ତମର ସିପ୍ରାକୁ ଗାର୍ଡ କରି ରହିପାରିଥାନ୍ତା ? ଏହି ସନ୍ଧ୍ୟାରେ, ଏହି ସୁନ୍ଦର ବେଳା-ଭୂମିରେ ସେ ନିଶ୍ଚୟ କିଛି ଗୋଟା ରୋମାନ୍ସ କରିବସିଥାନ୍ତା ଆଜି ।

ବିପିନ୍ ମଧ୍ୟ 'ହାପି ବର୍ଥ୍' ଖାଉଥିଲା । ସିପ୍ରାର ଏହି କଥା ଶୁଣି ସେ ଆଶ୍ୱସ୍ତ ହୋଇ କେବଳ ଖାଇବାରେ ମନୋନିବେଶ କଲା । ମଝେ ମଝେ ସେ ମନେ ମନେ ଭାବୁଥାଏ, ମହେଶ ବାସ୍ତବିକ୍ ଅଭଦ୍ର, ପିଲାଦିନର ସାଙ୍ଗ ଆଜି ବଡ଼ଲୋକର ପିଲା ବୋଲି ତାର କଥାକୁ କମା ମୁଁ ଧରେନା । ଗୋଟା ପ୍ରଷ୍ଟିଚ୍ୟୁଟ୍ ଘରେ ଯାଇ ରହୁଛି । ଆଜି ତାର ଫ୍ରେଣ୍ଡ୍‌କୁ କହୁଛି ଇଡ଼ିଅଟ୍ !

ଏହି ସମୟରେ ସିପ୍ରା କହିଲା—ବିପିନ୍‌ବାବୁ, ଉଠନ୍ତୁ ଘରକୁ ଫେରିବା ଏଥର ।

ବିପିନ୍ ଉଠିବା ଉଠିବା ହେଉଚି, ତାର ଉଠିବାରେ ବାଧା-ଦେଇ ପୁଣି କହିଲା ସିପ୍ରା—ନାଇଁ, ନାଇଁ, ବସନ୍ତୁ, ବସନ୍ତୁ, ଆପଣ ମୋତେ ବସାଇ ଦେଇଥିଲେ ନା, ମୁଁ ଆପଣଙ୍କୁ ଉଠେଇଦିଏ ।

କହୁଁ କହୁଁ ସିପ୍ରା ବିପିନ୍‌ର ହାତ ଧରି ତାକୁ ତଳୁ ଉଠାଇବାର ଚେଷ୍ଟା କଲା । ବିପିନ୍ ସେ ସ୍ପର୍ଶରେ ଯେପରି ଆତ୍ମହରା ହୋଇପଡ଼ିଲା ।

ମହେଶ କହିଉଠିଲା—ଆରେ, ବିପିନ୍‌ର ତା' ହେଲେ ଶିଭାଲ୍ରିର ଜ୍ଞାନ ଅଛି । ବିପିନ୍, ସିପ୍ରାର ହାତ କଅଁଳ ନା କର୍କଶ, କହିଲୁ ?

ବିପିନ୍ ବଡ଼ ଲଜ୍ଜିତ ହେଲା ଏ କଥାରେ । ସେ ଉଠି ଛିଡ଼ା ହୋଇ, ପଛପାଖ ଲୁଗାରୁ ବାଲି ଝାଡ଼ୁଥାଏ । ସେ ଭାବିଲା, ମହେଶ ତାକୁ ଏପରି ବାର ବାର ଅପମାନ ଦେଉଛନ୍ତି କାହିଁକି ?

ଏତିକିବେଳେ ସିପ୍ରା ପୁଣି କହିଲା—ତମେ ବିପିନ୍‌ବାବୁଙ୍କୁ ଯେତେ ଅରସିକ ବୋଲି ଭାବ ମହେଶବାବୁ, ସେ ପ୍ରକୃତରେ ତା' ନୁହନ୍ତି । ତମେ ଗଳ୍ପରେ ସେ ଏହି ଦୃଶ୍ୟର ଯେଉଁ ବର୍ଣ୍ଣନା କରୁ-ଥିଲେ ତାହା ବାସ୍ତବିକ୍ କଳାବିତର କଥା କହିବାକୁ ହେବ । ଆଉ ସେ କଣ କହିଲେ ଜାଣି, ସମୁଦ୍ର ତରଙ୍ଗର ନୃତ୍ୟ ଦେଖି ମଣିଷ ନାଚିବାକୁ ଆରମ୍ଭ କରିଛି । ଏହା ଗୋଟା ସୁନ୍ଦର ଭାବ ନୁହେଁ ମହେଶବାବୁ ?

ବାସ୍ତବିକ୍ ବିପିନ୍ ଏ ସବୁ ଭାବିପାରେ ବୋଲି-ତ ମୋର ଜମା ଧାରଣା ନ ଥିଲା । ଆଉ କଣ କହିଲା ସିବୁ ସିପ୍ରା ?

ଅନ୍ଧାରରେ ସେମାନଙ୍କର ଦେହ କ୍ରମେ ମିଶିଯାଉଣ ଯେପରି । କେବଳ ସେହି ଘନୀଭୂତ ଅନ୍ଧକାର ମଧ୍ୟକୁ ନିରୀକ୍ଷଣ କଲେ ମୁହଁ ବା ତା'ର ଅନ୍ୟାନ୍ୟ ଅଙ୍ଗର ଗତି କିଛି ମଧ୍ୟ ଦେଖିହୁଏ । ବିପିନ୍‌ର ହାତ ସେତେବେଳେ ତାର କେଶରାଶି ମଧ୍ୟରେ ନଖଗୁଳନ କରୁଥାଏ ।

ସିପ୍ରା ପୁଣି କହିଲା, ହଁ ସେ ଯେଉଁ ସାଗର ବିହଙ୍ଗର ଉଡ଼ିବାର ବର୍ଣ୍ଣନା କଲେ ତାହା ମଧ୍ୟ ଚମତ୍କାର । ସେ କହିଲେ, ଯେପରି ତରଙ୍ଗର ଉପରେ ଉପରେ ତେଣା ତାର ଲହରି ପାଣିରେ ଓଦା କରି ସେ ଉଡୁଛି ।

ବାଃ ! ଏ ତ ଖାଣ୍ଟି କବିର କଥା ଏକଦମ୍ । ଆଚ୍ଛା ବିପିନ୍, ତୁମେ ସାଙ୍ଗରେ ତ ଏ ଭଳି କଥାଭାଷା ଜମା କହୁନା ?—କହିଲା ମହେଶ ।

ସିପ୍ରା କହିଲା ପୁଣି—ଆଚ୍ଛା ବିପିନ୍ ବାବୁ, ଡେଣାକୁ ଓଦା କରିଦେଲେ କଣ ଉଡ଼ିହୁଏ ?

ବିପିନ୍ ପୁଣି ଏକ ଅଡୁଆରେ ପଡ଼ିଲା । ସେ ଯେ ଏତେବେଳଯାଏ ତାର ପ୍ରଶଂସା ଶୁଣୁଥିଲା, ସେ ଏଥର ଆଶଙ୍କା କଲା ସେ ଏବେ ଫେଲ୍ କରିବ—ଆଉ ତାର କାନ ଖୁବ୍ ଶୀଘ୍ର ଶୁଣିବାକୁ ପାଇବ ତାର ନିନ୍ଦା । ବିପିନ୍ ଆଉ କିଛି କହିପାରିଲା ନାହିଁ । ମୌନ ରହିବାହିଁ ଶ୍ରେୟ ବୋଲି ଏଠି ସେ ମନେକଲା । ଏତିକିବେଳେ ତାର ପିଠି ଥାପଡ଼େଇ ଦେଇ ମହେଶ କହିଲା—କିଛି ଭାବ ନା ବିପିନ୍ । ମୁଁ ଟ୍ରାଭଲ୍ ବନ୍ଦ କରିଦେଇ ତାଙ୍କ ପାଖରେ ବସିଛି ନା, ସେ ସେଥିପାଇଁ ମନେକରୁଛନ୍ତି ଓଦା ପକ୍ଷୀରେ ଆଉ ଉଡ଼ି ହୁଏନା । ଖୁବ୍ ହୁଏ । ବର୍ଷାରେ ପୁଣି ଏରୋପ୍ଲେନ୍ ତ ଉଡ଼େ !

ବିପିନ୍ ନିଜକୁ ଖୁବ୍ ଅପାରଗ ବୋଲି ମନେକଲା । ଏତେ ସହଜ ଉତ୍ତରଟା ସେ ଯା ଭାବିପାରିଲା ନାହିଁ । ତାହା ପରେ ସିପ୍ରା ଆସି ତାର ହାତ ଟାଣିଦେଇ କହିଲା—ଯିବା ଏଥର ବିପିନ୍ ବାବୁ । ଆମେ ଦିହେଁ ଫ୍ରେଣ୍ଡ ହେଇଗଲେ, ମୋ ଉପରେ ରାଗିପାରିବେ ନାହିଁ ଏକା । କିନ୍ତୁ ଏଇ ମୋର ଟପ୍‌ସାପର ଗୋଟା ଟପ୍‌ମା ବ୍ୟବହାର କରନ୍ତୁ ଏଥର—ଷ୍ଟିମରଟା ଆଖି ଆଗରେ ଅଛି, ଆଉ ଆପଣ କହିଲେ

ନା କଣ କୁଆଡ଼େ ଗୁଲ୍‌ଗଲ୍‌ଣି । ଅସଲ୍‌ରୁ, ଷ୍ଟିମରଟା ପର୍ ଆପଣଙ୍କୁ ନେବାକୁ ଗୁହୁଁଛ ଏଥର ।

ଗୁଲ୍ ଗୁଲ୍ ସିପ୍ରା ପଗ୍ଗୁରିଲ୍—ବିପିନ୍‌ବାବୁଙ୍କର ସର୍ଭିସ୍ କଣଟି ଏଠି ?

ମହେଶ ଉତ୍ତର ଦେଲ୍—ଅସିଷ୍ଟାଣ୍ଟ ମେନେଜର । ଆଉ ତାର ଯୋଗ୍ୟତା କଣ ଜାଣିଛ ସିପ୍ରା ?—ଏମ୍. ଏସ୍. ସି. ବି. ଏଲ. ।

ଓ ! ଏଇ 'ସାଏନ୍‌ସ୍' ସାଙ୍ଗରେ 'ଲ' ନେଇ ସେ ବୋଧହୁଏ ବଡ଼ ଅଡ୍ଡୁଆରେ ପଡ଼ିଛନ୍ତି । ଆଉ ମାଷ୍ଟର ହେବାପରେ ପୁଣି ବ୍ୟାଚିଲର୍ ହେଇ ବଡ଼ ଛନ୍ଦପତନ ଘଟେଇଛୁ ।

ମହେଶ କହିଉଠିଲ୍ ଏତକବେଳେ—ହଁ ସେ ଫାଜିଲ୍‌ର ସେଇଥି ହେଇଚ ଯେ, ପକ୍ଷୀର ଡେଣା ଓଦା ହେଲେ ସେ ଉଡ଼ିପାରିବ,— ସାଏନ୍‌ସ୍ ପଢ଼ି କେହି କହିପାରେ ଏପରି ଭୁଲ୍ କଥା, ଅଥଚ କବିର ଦୃଷ୍ଟି । ତେଣେ ବାଦ୍ଧା ହେଇଛୁ, ଆଉ ଏଣେ ବମ୍ବେରେ ବସି ଚିର-କୁମାର ବ୍ରତ ଅବଲମ୍ବନ ।

ସିପ୍ରା ଖୁବ୍ ସତ୍ୱର କହିଉଠିଲ୍—ଆପଣ ବିଭା କରିଛନ୍ତି ବିପିନ୍ ବାବୁ ?

ବିପିନ୍‌ର କୌଣସି ଉତ୍ତର ନ ପାଇ ସିପ୍ରା କହିଲ୍,—ଆପଣ ଜଣେ ଏତେବଡ଼ ଅଫିସର୍, ଅଥଚ ଆମ ପାଖରେ ଦବି ଯାଉଛନ୍ତି ଏପରି । ଅଫିସ୍‌ରେ ଆମେ ପହଞ୍ଚିଲ୍ ହୁଏତ ଆମକୁ ଚେୟାର୍ ଅଫର୍ କରିବାକୁ ସଙ୍ଗତ ମନେ କରିବେ କି ନାହିଁ ସନ୍ଦେହ ।

ଅସମ୍ଭବ କଥା ସିପ୍ରାଦେବୀ, ମୁଁ ରେୟାର୍ ଦେବିନି ଆପଣଙ୍କୁ, ଆପଣ ଗଲେ ! କାଲି ଗଲେ ଆପଣ—ଓ,. କାଲି ତ ରବିବାର, ଆଚ୍ଛା ଦିନେ ଏ କଥା ପରୀକ୍ଷା କରନ୍ତୁ ଯାଇ ।

ସିପ୍ରା ଓ ମହେଶ ଉଚ୍ଛ୍ୱସିତ ଭାବରେ ହସି ଉଠିଲେ ବିପିନ୍‌ର ଏ କଥା ଶୁଣି ।

ଯାହା କହନ୍ତୁ, ବିପିନ୍‌ବାବୁଙ୍କର ଉଚିତ୍ ଗ୍ରେଜୁଏସନ୍ ହୋଇଗଲା ପରେ ଏଥିପାଇଁ ଗୋଟାଏ ସର୍ଭିସ୍ ପାଇ । ସେ ଯେ କେତେବଡ଼ ଟ୍ରାଭଲର୍, କେତେବଡ଼ କଳାବିତ୍ ତାଙ୍କର ଗୋଟା ପବ୍ଲିକ୍ ଫିଲ୍ଡ଼୍‌ରେ କାମ କରିବା ଉଚିତ୍ ଥିଲା—ହସ ଶେଷରେ କହିଲା ସିପ୍ରା ।

ତମେ ଜାଣିନା ସିପ୍ରା, ପିଲାଦିନେ ସେ ଦୌଡ଼ରେ ସମସ୍ତଙ୍କୁ ହରେଇ ଦେଉଥିଲା । ଯେତେ ଦୌଡ଼ି ଦୌଡ଼ି ଆମେ ଖରାବେଳେ ଗୁଡ଼ି ଉଡ଼ାଉଁ ! ଗୋଟା ଗୋଟା ବୁଲି କେତେ ଜାମୁକୋଳି ଖାଉଁ, କେତେ ପାଣିରେ ବୁଡ଼ୁଁ । କିନ୍ତୁ ସବୁଥିରେ ବିପିନ୍ ପହିଲା ନମ୍ବର । ବିପିନ୍, ସେଇ କନକ କଥା ମନେ ଅଛି ନା ? ଦୁହେଁଯାକ ତାକୁ ବାହା ହବୁ ବୋଲି ପିଲାଦିନେ କଳି କରୁଥିଲୁ । ଆଜି ତୁ ବି ପାଞ୍ଚଟା ତାକୁ ବାହା ହେଲୁ ଯେ ଭୋଗ କରି ପାରିଲୁନି ।

ମହେଶର କଥା ନ ସରୁଣୁ ମଝିରେ ବ୍ୟାଘାତ ଦେଇ ପଚାରିଲା ସିପ୍ରା—ବିପିନ୍ ବାବୁ କଣ ବିପତ୍ନୀକ ?

ଏ ପ୍ରଶ୍ନ ଶୁଣି ମହେଶ ହସିଉଠି କହିଲା, ପୁଣି ପରା ବାହା ହେଇଗଲା । ସେ ଯେ ଜନକ ବର୍ତ୍ତମାନ ।

ଏଥିମଧ୍ୟରେ ମେନ୍‌ରୋଡ଼୍‌ରେ ପହଞ୍ଚି ସାରିଥିଲେ ସେମାନେ । ଟିକିଏ ପରେ ହଠାତ୍ ବିପିନ୍ କହି ଉଠିଲା—ମୁଁ ଯାଏ ମହେଶ, ହେଇ ଆମ ଆଡ଼ର ଟ୍ରାମ୍ ଆସୁଛି ।

ମହେଶ ମଧ୍ୟ ଦେଖିଲା, ବିପିନ୍‌କୁ ବର୍ତ୍ତମାନ ସ୍ୱାଧୀନତା ଦେବା ଉଚିତ । ମହେଶ ହସି ହସି କହିଲା ଦିଜ୍ ଆର୍ ଅଲ୍ ଫ୍ରେଣ୍ଡ୍‌ଲି ବିପିନ୍ ଡୋଣ୍ଟ୍ ଥିଙ୍କ୍ ଅଦର୍‌ୱାଇସ୍ । ଆଚ୍ଛା, କାଲି ରବିବାର ଅଛି—କାଲି ତୁ ଆମ ଆଡ଼େ ବୁଲିଗଲେ ହୁଅନ୍ତା ନି ? ଭାବି ଦେଖିବୁ ତୁ—ଯଦି ପାରୁ—

ବାଏ୍ ବାଏ୍ ବିପିନ୍ ବାବୁ, ମୋଠାରୁ ବିଦାୟ ନ ନେଇ ଚାଲିଗଲେ ଯେ ! ସ୍ମିମର୍‌ଟା ବାସ୍ତବିକ ଚାଲିଯାଇଚି ବିପିନ୍ ବାବୁ !

ବିପିନ୍ ସେତେବେଳେ ଯାଇ 'ଷ୍ଟୁପେଜ୍'ରେ ଛିଡ଼ାହୋଇ ସାରିଛି । ସେ ଏହିପରି ଭାବ ଧରିଛି ଯେପରି ଟ୍ରାମ୍ ଶବ୍ଦରେ ତାହାକୁ କୌଣସି କଥା ଶୁଭୁନାହିଁ ।

ଗୋଟା ଏ ଟାକ୍‌ସି ଧରି ସେମାନେ ଆସି ଘରେ ପହଞ୍ଚିଲେ—ମହେଶ ଓ ସିପ୍ରା ।

ଘରେ ପହଞ୍ଚି ଗୋଟା ସୋଫାରେ ନାଥୁକୁନା ପଡ଼ିଯାଇ କହିଲା ସିପ୍ରା—ବାସ୍ତବିକ ଏଡ଼େ ଇଡିଅଟ୍ ସେ, ମହେଶବାବୁ ?

ମହେଶ ଜାମା ଖୋଲୁ ଖୋଲୁ କହିଲା—କ'ଣ କଲା କି ?

ଯାଃ, ହାତଟାକୁ ମୋର ଏଡ଼େ ଜୋର୍‌ରେ ଚାପିଦେଲା ଯେ, ଏତେବେଳେ ଯାଏ ବି ପୋଡୁଚି ।

ତମେ ସେଥିସକାଶେ ତା ହାତ ଟାଣୁଥିଲ ନା— ? ତା ହାତ ଆଜି କଣ ହେଉଥିବ, କହିଲ ସିପ୍ରା ?

ମୁଁ କହିପାରିବିନି !

ଅରେ ତା ହାତ ଲାଗୁଥିବ, ହେଉ ଉପମା କିଛି ଆସୁନି, କହିଲ କ'ଣ ଲାଗୁଥିବ ସିପ୍ରା ?

ଲାଗୁଥିବ ବୋଧହୁଏ, ତମ ହାତ ମତେ ଯେପରି ଲାଗେ !

ଏଇଟା ଉପମା ହୋଇପାରେ ସିପ୍ରା ? ଗୋଟା କବିପତ୍ନୀ ଏଇ କୁଆଡ଼େ !

ମହେଶର ଏ କଥାରେ ସିପ୍ରା ଆଖି ନଚେଇ କହିଲା—

ଭାରି—କ-ବି-ତ —

ତମେ ମତେ ଥଟ୍ଟା କରୁଚ ସିପ୍ରା ! ଦେଖିବ, ମୁଁ ସକାଳେ ଗୋଟା କେଡ଼େ ସୁନ୍ଦର କବିତା ଲେଖିଚି !

ଏହା କହି ମହେଶ ଟେବୁଲ ଉପରେ ପଡ଼ିଥିବା ଖାତାଟାକୁ ଖେଳେଇ ଖେଳେଇ ଗୋଟା ଜାଗା ବାହାର କଲା—

ହେଇ ଦେଖ ସିପ୍ରା, ଅଚ୍ଛା, ଅଚ୍ଛା, ମୁଁ ପଢ଼ି ତମକୁ ଶୁଣେଇ ଦିଏ—

ଅସ୍ତ ନ ଯାଏ ଚନ୍ଦ୍ର ଯହିଁ
　　କୁସୁମ ଯାଏ ମଉଳି,
ମଳୟ ନିରତ ଅଥୟ ଯହିଁ
　　କଳ୍ପନା ଉଠେ ବଉଳି,

## ଶତାବ୍ଦୀର ସ୍ୱପ୍ନଭଙ୍ଗ

ସେହି ସରଗର ଅତିଥି ମୁହିଁ
ପ୍ରେୟସୀ-କଣ୍ଠ-ପୀୟୂଷ
ସଦା ଦିଏ ମତେ ଜୀବନ ନବ ,
ନିତ୍ୟ ବଢ଼ାଏ ଆୟୁଷ !
ତପ୍ତ-କନକ-କମଳେ ପ୍ରିୟା
ଶଯ୍ୟାରେ ରଚେ 'ମାନସ'
ଲଭି ତହିଁ ନିତି ନିମଜ୍ଜନ
ଉଜ୍ଜ୍ୱଳେ ତନୁ-ତୈଜସ ।

ଭଲ୍‌ଗାର୍—କହିଲା ଚୁମ୍ବକରେ ହସି ହସି ସିପ୍ରା ।

ଏତେ ବଡ଼ ଆଇଡିଆକୁ ତମେ କହିଦେଲ ଭଲ୍‌ଗାର୍ ? ଶ' କଣ କହୁଛନ୍ତି ଜାଣ ସିପ୍ରା ? ନୋ ଅର୍ଟ ଇଜ୍ ଭଲ୍‌ଗାର୍ ।

ମହେଶ ଏହା ଈଷତ୍ ଅସହିଷ୍ଣୁ ହୋଇ କହିଲା ।

ମହେଶର ଏ ଢଙ୍ଗ ଦେଖି ସିପ୍ରା ହସି ଉଠି କହିଲା—ନାହିଁ ମ, ଥଟ୍ଟାରେ କହିଲି ନା ! ଆଚ୍ଛା ମୁଁ ତମକୁ ପ୍ରଶଂସା କଲେ ମର ସେଥିରେ କ'ଣ ବଡ଼ ଗୌରବ ହେବ ମହେଶବାବୁ ?

ନିଶ୍ଚୟ, ତମେ ଯଦି କୁହ ମତେ ଭଲ
ସେହି ମୋ ଗୌରବ

କହି ଉଠିଲା ମହେଶ ଏକ ବିଭୋର ଆନ୍ତରିକ ସ୍ୱର । ମହେଶର ଏହି କବିତା ସ୍ଫୁରଣରେ ଆନନ୍ଦିତା ହୋଇ ସିପ୍ରା ଆଦେଶ କଲା ଭଙ୍ଗୀରେ କହିଲା—

ଏହାର ପାଦ ପୂରଣ କରିବାକୁ ହବ କିନ୍ତୁ, ମହେଶବାବୁ !

ମହେଶ ହସି ହସି କହିଲା—ହେଃ, ତମ କୃପାରୁ ଏଠା ପାଣିରୁ ବାହାରିପଡ଼ିଲା ନା, ମୁଁ କଣ କରୁଛି ଭାବିଥିଲି— !

ସିପ୍ରା ପୁଣି କହିଲା—ହଉ, ମୁଁ ପୁନର୍ବାର କୃପା କରୁଛି ।

ମହେଶ ଟିକେ ଭାବି ଭାବି କହିଉଠିଲା—ବାସ୍ତବିକ ତମର କୃପା ସିପ୍ରା, ହୋଇଯାଇଚ, ପାଦ ପୂରଣ ହୋଇଯାଇଚ—ଆଜ ଯେମି[illegible] କରୁଛ ଫର୍ମାସ୍ ନ କର ।

[illegible]ମୋହ ଲାଗି ଦେଲେ ଆଖି ଜଳ
ସେହି ମୋ ସୌରଭ ।

ସିପ୍ରା ଆନନ୍ଦ[illegible] ବିଭୋର ହୋଇଯାଇଥିଲା । ମହେଶର ଏହି ଉକ୍ତି [illegible] । ସେ ମହେଶଙ୍କୁ ଧରିବାକୁ ଆସୁ ଆସୁ ମହେଶ ତାକୁ ଧରି ପକାଇ କହିଲା—

ସ୍ତ୍ରୀ ମାଖରେ ପୁରୁଷ କେତେ ଶ୍ରେଷ୍ଠ, ତମେ ଜାଣ ସିପ୍ରା ? ସାର୍ବଭୌମ କବି [illegible]ନ୍ଦ୍ରନାଥ ବାହାରୁ ରିସେପ୍‌ସନ୍ ପାଇ ଆସନ୍ତେ, ଆଜ [illegible] ମହଣ୍ଣ ଦେଖନ୍ତେ ସ୍ତ୍ରୀ ମାନିନୀ । ପାଇଥିବା ସେହି ଅଶେଷ ସ୍ତୁତିକୁ ଶତଗୁଣିତ କରି ସେଇ ସ୍ତ୍ରୀର ମାନ ଭଙ୍ଗ କରୁ କରୁ ବୋଧ-ହୁଏ [illegible] ପାଇଯାନ୍ତି ।

[illegible]ହେଶର କଥାକୁ ଅଧା କରିଦେଇ ସିପ୍ରା ଏଇଠି ଚପଳତା ସହ [illegible] ଉଠିଲା—

[illegible], [illegible] ଏଇଠି ପୁଣି କୃତ୍ରିମତା ସୃଷ୍ଟି କରିଚନ୍ତି, ସେହି ମଧୁର ନା [illegible] ନା—ସଂସ୍କୃତ କବି, ଏମିତି ମାନ ଭାଙ୍ଗୁ ଭାଙ୍ଗୁ କହି[illegible] [illegible]—ଦୈଳ, ପ୍ରଦୀପ ଶିଖାକୁ ଚୁମ୍ବନ କରି କରି ତାହା

ଆସି ଶେଷ ହେଲା, ଅନ୍ଧକାର ପୃଥିବୀକୁ ଆଲିଙ୍ଗନ କରି ତାହା ଆସି ବାଲିନ ହେବାକୁ ବସିଲା, ଅଯି ଚଣ୍ଡୀ, କଠିନ ବକ୍ଷ ସଂସ୍ପର୍ଶରେ ଆସି ତୋର ହୃଦୟ କଣ ପାଷାଣ ହୋଇଗଲା ?

ମହେଶ ପ୍ରୀତହୋଇ ହସି ହସି କହିଲା—

ସତ୍ୟର ଅପଳାପ କଲ ସିପ୍ରା । ସଂସ୍କୃତ କବି କେବେହେଁ କଠିନ ବକ୍ଷ ସେଠି ଲେଖି ନ ଥିବେ । ସେ ଖାଣ୍ଟି କଲାବନ୍ତ ଥିଲେ ଯେ ! ଆଚ୍ଛା ସେ କଥା ଥାଉ, ମୁଁ କହୁଥିଲି, କିନ୍ତୁ ରବୀନ୍ଦ୍ରନାଥ ଏ ଦିଗରେ ବଡ଼ ଫର୍ଚୁନେଟ୍ ଥିଲେ । ସପତ୍ନୀକ ଥିଲେ ନା, ଏ ଅଭିନୟ ତାଙ୍କ ଭାଗ୍ୟରେ ଘଟି ନ ଥିବ; ହୁଏତ ଆସି ଶୟନ କକ୍ଷରେ ପହଞ୍ଚି ମନେ ମନେ କହି ଉଠୁଥିବେ—

ଆଜି ଯଦି ଆକେତ ସେ ପ୍ରିୟା—

ସିପ୍ରା ସହାସ୍ୟକଣ୍ଠରେ କହିଲା, କିନ୍ତୁ ସଧବାର ଏକାଦଶୀ ଚନ୍ଦ୍ରା କାହିଁକି ? ଆମ କବି ଏବେ କହନ୍ତୁ,—ଶୁଣ ମୋର ପ୍ରିୟା

ବିଶ୍ୱର ଦୌରବ ବହି ଆସିଅଛି ମୁହିଁ !

ମହେଶ ପ୍ରବଳ ଭାବରେ ସିପ୍ରାକୁ ଗୃପି ଧରି କହିଲା—

ଆରେ, ତମକୁ ବି କବିତା ଆସେ ? ଏଥରକ ଦହେଁ ସାଙ୍ଗ ହୋଇ ଲେଖିବା ! ବେଦ ତ କେବଳ ପୁରୁଷ ଲେଖିନାହିଁ ସିପ୍ରା ! ଘୋଷା, ଗୋଧା, ଅଦିତି, ଇନ୍ଦ୍ରାଣୀ ଏମାନେ ବି ଲେଖିଛନ୍ତି । ଆଜି ସେମାନେ କୌଣସି ପ୍ରାର୍ଥନା କିମ୍ବା ସ୍ତବ ରଚନା କରିନା'ନ୍ତି ସିପ୍ରା, ଯାହାକୁ କେତେକାଂଶରେ ତମେ ହୁଏ ତ ଭଲ୍‌ଗାର୍ ବୋଲି ବି କହିପାର, ସେହିଭଳି ଚନ୍ଦ୍ରାର ଶ୍ଳୋକ ରଚନା କରିଛନ୍ତି । ପ୍ରେମ,

ବିରହ, ଉପେକ୍ଷା, ପ୍ରତୀକ୍ଷା ଏ ସବୁ କବିତା ତ ବେଦରେ ଅଛି । ଏଥର ତମେ କବିତା ଲେଖ ସିପ୍ରା,—ଆଁ !

ସିପ୍ରା କହିଲା—ଚିନ୍ତା ଖାଇବା ଛାଡ଼, ଚିନ୍ତା ହେବାକୁ କିଏ ଭଲ ପାଏ ମହେଶବାବୁ ? ତମେ ଏବେ ଚିନ୍ତା ତିଆରି କରିବ ସେଗୁଡ଼ା ଆଉ କିଣି ହେବ କି ?

ଏକ୍‌ସ୍‌ପୋର୍ଟ୍ କରିବା ।

କହି ମହେଶ ଓ ସିପ୍ରା ଜୋରରେ ହସିଉଠିଲେ ।

ଏହାପରେ ସିପ୍ରା ଯାଇ ତାର ନୋଟ୍ ଖାତାଟା ଆଣି ଲେଖି-ବସିଲା—

ତମେ ମତେ କୁହ ଯଦି ଭଲ
 ସେହି ମୋ ଗୌରବ,
ମୋର ଲାଗି ଦେଲେ ଆଖିଜଳ
 ସେହି ମୋ ସୌରଭ ।

ମହେଶ ସେଠି ଟହଲି ଟହଲି କହିଲା—

ଆଚ୍ଛା ସିପ୍ରା, ଆମର ଗୋଟାଏ କାର୍ କିଣିଲେ ହୁଅନ୍ତା ନାହିଁ ?

କାର୍ ତ ଆମର ଅଛି—, କହି ନିଜର କ୍ଷୋଭ ନିଜେ କାମୁଡ଼ି-ପକାଇଲା ସିପ୍ରା । ମାତ୍ର ତାହା ମହେଶର ଦୃଷ୍ଟିରୁ ଲୁଚିପାରିଲା ନାହିଁ । ସେ ପଚାରି ବସିଲା ସିପ୍ରାକୁ—

କାର୍ ଅଛି, ଆଉ ତମେ ଏ କଥା କହିବାକୁ ଖରାପ ଭାବୁଛ କାହିଁକି ?

ସିପ୍ରାର ଏହି କଥାରେ ସେ ମହେଶକୁ ଚାହିଁଲା । ସେ ଆଉ ବେଶି କିଛି କହିପାରିଲା ନାହିଁ । ସିପ୍ରା ଉଠିଆସି ମହେଶର ହାତ ଧରିପକାଇ କହିଲା—

ରାଗିଲ କି ? ଲୁଚେଇବାକୁ ନୁହେଁ ଯେ, ଏଇଟା ହେଉଚି ଗୋଟେ ଭଲ କାର୍ ନୁହେଁ, ଜାଗୁଆର୍ ଅଭିନେତ୍ରୀ । ସେଥିଲାଗି ସଙ୍କୋଚ ଲାଗିଲା ଏ କଥା କହିବାକୁ ।… ଆସ, ଗ୍ୟାରେଜ୍‌ରେ କାର୍‌ଟାକୁ ଦେଖିଆସିବା, ଆସ ।

ମୁଁ ଏତେଦିନ ଏଠି ରହିଲିଣି, ତମେ ଦିନେ ବି କାର୍ କଥା ମତେ କହିନା, ଅଥଚ ଆମେ ଟାକ୍ସି କରି ଘୁରୁଚେ—

କହି କହି ମହେଶ ସିପ୍ରା ସଙ୍ଗରେ ତଳକୁ ଗଲେ । ପ୍ରାୟ ପନ୍ଦର ମିନିଟ୍ ପରେ ସେମାନେ ଫେରିଆସି ଉପରେ ପହଞ୍ଚିଲେ । ମହେଶ ପଚାରିଲା, ଯେପରି କୌତୂହଳୀ ହୋଇ ।

କାର୍‌ଟା ତ ଏକଦମ୍ ନୂଆ । କେହି କେବେ ଚଢ଼ନ୍ତି ନାହିଁ ସେଥିରେ ବୋଧହୁଏ ?

ସିପ୍ରା ନୀରବ ରହିଲା । ସେ କିଛି କହିପାରୁ ନାହିଁ ଯେପରି । ଆଖି ତାର ଛଳ ଛଳ ହୋଇ ଉଠୁଥାଏ ।

କଥା କଣ ସିପ୍ରା ? ତମର ଏପରି ଭାବାନ୍ତର ହେଲା କାହିଁକି ଏ କଥା ପଚାରିଲେ ?

ମହେଶ ଆଶ୍ଚର୍ଯ୍ୟ ହୋଇ ପଚାରିଲା ସିପ୍ରାକୁ । ସିପ୍ରା ନିଜକୁ ସଂଯତ କରି କିଛି କହିବାକୁ ଚେଷ୍ଟାକଲା । ତାର କଣ୍ଠରେ ଜଡ଼ତାର ସ୍ପର୍ଶ । ସେ କହିଲା—

ଏଥିରେ କେବଳ ତମେ ଚଢ଼ିପାର ମହେଶ ବାବୁ, ମତେ କନୁ ଅନୁରୋଧ କରିବ ନାହିଁ ।

ମହେଶ ଯେପରି ଆହୁରି ଆଶ୍ଚର୍ଯ୍ୟ ହେଲା । ସେ ବିସ୍ମୟର ସ୍ୱରରେ ପଚାରିଲା—

ବୋଧହୁଏ ଏଥିରେ ଚଢ଼ି କୌଣସି ଆକ୍‌ସିଡେଣ୍ଟ୍‌ରେ ପଡ଼ିଥିଲ ତମେ ?

ସିପ୍ରା ଗୋଟିଏ ଚେୟାର୍‌ରେ ଧୀରେ ବସିପଡ଼ିଲା; ବସି ସେ ଚାହିଁଲା ମହେଶର ମୁହଁକୁ । ମହେଶ ଖୁବ୍ ଶୁଷ୍କ ଆଉ ବିସ୍ମିତ ହୋଇ ଅନାଇ ରହିଛି ସିପ୍ରାର ମୁହଁକୁ । ମହେଶର ଏ ଚେହେରା ଦେଖିବାକୁ ସିପ୍ରା ଜମା ନିଜ ଭିତରୁ ସମର୍ଥନ ପାଇପାରିଲା ନାହିଁ । ସେ କଥା କହିବାକୁ ଚେଷ୍ଟାକଲା—

ଏ କାର୍‌ଟା କିଣିଥିଲି ମୁଁ ପୁଅ ପାଇଁ, ପାଞ୍ଚହଜାର ଟଙ୍କାକୁ ।

ମହେଶ ଆଶ୍ଚର୍ଯ୍ୟ ହୋଇ ପଚାରିଲା—

ସେହି ଉଜ୍ଜ୍ୱଳ ତାରକା ପାଇଁ ସିପ୍ରା ?

ସିପ୍ରା ସଂକ୍ଷେପରେ ଉତ୍ତର ଦେଲା—ହଁ ।

କନୁ କାର୍‌ଟା ଏଠି ପଡ଼ିରହିଛି କାହିଁକି ?—ମହେଶ ଉତ୍ସୁକ ହୋଇ ପଚାରିଲା ।

ସେହି ଶେଠ୍‌ଙ୍କୁ ମୁଁ ଯେତେବେଳେ ଅନୁମତି ମାଗେ କାର୍‌ଟି ପଠାଇବା ପାଇଁ······

ସିପ୍ରାର କଥା ଶୁଣି ମହେଶ ଉତ୍ତେଜନା ସହ ପ୍ରଶ୍ନ କଲା । ସେ କଣ କହିଲେ ସିପ୍ରା ?

ସେ ମନା କରି ପଠାଇଲେ ·····

ସିପ୍ରାର କଣ୍ଠ ଓ ଚକ୍ଷୁରେ ସେତେବେଳକୁ ଅଶ୍ରୁ ଯେପରି ନିବିଡ଼-ଭାବରେ ବସା ବାନ୍ଧି ସାରିଲାଣି । ସେ ଅଧୀର ହୋଇ ଆଖି ପୋଛିବାକୁ ଲାଗିଲା ପଣତରେ—ଏତକ କହି ।

ମହେଶର ହୃଦୟ ମଧ୍ୟ ଆର୍ଦ୍ର ହୋଇଯାଇଥିଲା । ସେ ଅସ୍ପଷ୍ଟ ସ୍ୱରରେ କହିଲା—

ସେଥିପାଇଁ ଏତେ ଉଜ୍ଜ୍ୱଳ ଦଶ୍ଚର କାର୍ତ୍ତା !

ଏହାପରେ ସିପ୍ରାକୁ ଉଦ୍ଦେଶ୍ୟ କରି ସ୍ପଷ୍ଟଭାବରେ କହିଲା ମହେଶ—ସେହି ଉଜ୍ଜ୍ୱଳ ତାରକାର ଆସନରେ ମୁଁ ବସିବାକୁ ଅଯୋଗ୍ୟ ସିପ୍ରା ।

ସିପ୍ରା ଅତି ବିହ୍ୱଳ ହୋଇ କହିଉଠିଲା—

ମୁଁ ଯେ ତାକୁ ଭୁଲିଯାଇଛି ମହେଶବାବୁ । ସେ ଟ୍ୟାରେଜକୁ ମୁଁ କେବେ ଯାଏନା । ବରଂ ଦ୍ୱାନ୍‌ଇ ତାକୁ ଦେଖାଦେଖି କରେ ।

ତମେ ଭୁଲିଯାଇପାର ସିପ୍ରା, ତମେ ଜନନୀ—ତମେ ଉଜ୍ଜ୍ୱଳ ତାରକାର ଜନ୍ମ ଦିଅ । ଉଜ୍ଜ୍ୱଳ ତାରକା ଯେ ଜଗତର ଉଜ୍ଜ୍ୱଳ ତାରକା—ମୁଁ କିପରି ଭୁଲିଯିବି ସିପ୍ରା ? ମୁଁ କିପରି ତାର ଆସନରେ ବସିବି ସିପ୍ରା ? ସେହି ଅମ୍ଲାନ ଆସନରେ କେବଳ ଉଜ୍ଜ୍ୱଳ ତାରକାହିଁ ବସିବ ।

ଏହା କହି ଚିନ୍ତାମଗ୍ନ ହୃଦୟରେ କାର୍ପେଟ୍‌ର ମସୃଣତାକୁ ପାଦରେ ସ୍ପର୍ଶ କରି ମହେଶ ସେହି ଘର ଭିତରେ ବୁଲିବାକୁ ଲାଗିଲା ।

କୋମଳ ଚରଣ ଛନ୍ଦା,
ମାଳିନୀ ପୁଷ୍ପ ନେ·········

ଗୁଣୁ ଗୁଣୁ ହୋଇ ଅର୍ଦ୍ଧସ୍ପଷ୍ଟଭାବରେ ଉପରର ଚରଣ ଦୁଇଟି ଗାଇ ମହେଶ ଘର ଭିତରେ ବୁଲୁଥାଏ । ଏହି ସମୟରେ ଅନ୍ୟ ପ୍ରକୋଷ୍ଠରୁ ମଧୁମନ୍ଦ୍ର ଝଙ୍କାରରେ ବୀଣା ବଜାଇ ଗାଇଉଠିଲା ସିପ୍ରା—ତାର ସୁଲଳିତ କଣ୍ଠରେ—

ଚପଲ ଚରନ ଛନ୍ଦା
ନନ୍ଦନୀ ପୁଷ୍ପଗନ୍ଧା—

କ୍ଷିପ୍ରପଦରେ ସେଠାରେ ମହେଶ ଆସି ପହଞ୍ଚି କହିଉଠିଲା—

ବାସ୍ତବିକ୍ ମୋର ଭୁଲ୍ ହୋଇଥିଲା ସିପ୍ରା । ମୁଁ ଯେପରି କାଳିଦାସଙ୍କ ଉପରେ ମାଷ୍ଟ୍ରି କରିବାକୁ ବସିଥିଲି ।—ଅଚ୍ଛା, ଗା'-ଗା', ଗା' ତମେ—ହିଁ, ଲ, ଣୀ, ନ କରି ଲ, ନ, କରି ଗାଇବ, ଖୁବ୍ କୋମଳ ଶୁଭୁଛି ସେ; ଆଉ କାଳିଦାସ କୋଧହୁଏ ସେହିପରି ଉଚ୍ଚାରଣ କରିଥିବେ,—ହିଁ, ଗା', ଗା',—

ସିପ୍ରା ଗାଇଲା—

ଚପଲ ଚରନ ଛନ୍ଦା
ନନ୍ଦନୀ ପୁଷ୍ପଗନ୍ଧା,
—ଆନନ୍ଦା ।

ଏହାଠାରେ ପୁଣି ଗୋଲ କରି ଚପଳ ଭଳି କହିଉଠିଲା, ମହେଶ—

ଏଇଟା ଯେ ମୋର ପୁରାତନ ଭାବନା ସିପ୍ରା । ବୋଧହୁଏ ମୋର ନୋଟ୍‌ଖାତାରୁ ଏଇଟାକୁ ପାଇଛ । ଆଚ୍ଛା—

ସିପ୍ରା କିନ୍ତୁ ଅପ୍ରତିହତ ଭାବରେ ଗାଇ ଚାଲିଥାଏ, ତାର ମନ ଯେପରି ସେହି ସଙ୍ଗୀତର ଛନ୍ଦେ ଛନ୍ଦେ ମିଶିଯାଇଛି ।

ଏତେ ପୁଷ୍ପ କାହିଁ ଯାଅ ନେଇ,
ମୋର ହସ୍ତେ ଏକ ଦିଅ ଦେଇ
ଏକ ଶୁଭ୍ର ରଜନୀଗନ୍ଧା—
ଅଳି ଯାର ଅଙ୍କିତ ଚୁମ୍ବି
ଚନ୍ଦ୍ରବଦନ ଯଥା ଚୁମ୍ବି
ଏକ ଅବ୍ୟୟ ମଧୁ ମକରନ୍ଦା ।
ଅୟି, ଚପଳ ଚରନ ଛନ୍ଦା ।

ଗୋଟିଏ ମୁଗ୍ଧ ଭ୍ରମର ସୌରଭରେ ଆକୁଳ ହୋଇ ପୁଷ୍ପର ଚାରିପାଖରେ ବୁଲିଲା ପରି ଏହି ସଙ୍ଗୀତର ଝଙ୍କାରରେ ମୁଗ୍ଧହୋଇ ଚାରିପାଖଯାକ ବୁଲୁଥାଏ ମହେଶ । ଗୀତଟି ସରିଯିବା ପରେ ତାର ଧ୍ୟାନ ଭଙ୍ଗ ହେଲା ଯେପରି । ସେ ନିଦ୍ରୋତ୍ଥିତ ପରି ଚମକି ଉଠି କହିଲା—

ଆଜି ଗୋଟା ଗୀତ ତମେ ଗାଇ ପାରିବ ସିପ୍ରା,—ଖୁବ୍ ଭଲ ଗୀତ, ଆମର ଅନ୍ତରର କଥା ଯେମନ ତାହା ଆସିଛି—ଗାଇବ ନିଶ୍ଚେ ଏକା ।

ଏହା କହୁ କହୁ ଆଉ କୋଠରୀକୁ ଆସି ନୋଟ୍‌ବୁକ୍ ନେଇ ଗୀତଟିକୁ ଦେଲା ସିପ୍ରାକୁ । ସିପ୍ରା କିଛି ସମୟ ପରେ ସେ ଗୀତଟିକୁ ଦେଖିଲା ପରେ ନିଜର ଅନିଚ୍ଛା ପ୍ରକାଶ କରି କହିଲା—ନା, ପାରିବି ନାହିଁ, ଏଟା ତମ ଅନ୍ତରର କଥା ନୁହେଁ ମହେଶବାବୁ !

ମହେଶ ଅହ୍ଲାଦିତ ହୋଇ କହିଲା ସିପ୍ରାକୁ—ମୋତେ ଭୁଲ୍ ବୁଝନା ସିପ୍ରା, ତମର ଆଜ ମୋର ଚିନ୍ତା ମଧ୍ୟରେ ତମେ ପ୍ରଭେଦର କଳ୍ପନା କରନା ଜମା । ଏ ମୋର ଇଚ୍ଛା, ମୋର ଆକାଂକ୍ଷା । ତମେ ଗା' ସେ ଗୀତଟା । ମୁଁ ଭାରି ଖୁସି ହେବି ଏକା—ମନୋରଞ୍ଜନ ପାଇଁ ନୁହେଁ ପ୍ରାଣ ରଞ୍ଜନ ପାଇଁ ମୁଁ ଏ ଗୀତଟି ଲେଖିଛି । ଗୋଟିଏ ଭଲ୍ ସୁର୍ ଦେଇ ତମେ ଗାଅ ସିପ୍ରା ।

କିଛି ସମୟ ଗୁଣୁ ଗୁଣୁ ହୋଇ ସୁର କରିନେଲା ପରେ ସିପ୍ରା ବୀଣାରେ ଟିପ ଛୁଇଁଲା । ତା' ପରେ ଖୋଲିଲା ତାର କଣ୍ଠ—

ମୁହିଁ ଲୋଡ଼େ ଉଜ୍ଜ୍ୱଳ ତାରକା,
ଏ ଯେ ଖସିଆସେ ହାତେ ମୋର କରକା ।
ସୁମନର ସୌରଭ ଗୁହେଁ
ଏ ଯେ ରୌରବ ପାଶେ ମୋର ଧାଏଁ,
ଏକ ଶୁଦ୍ଧ କନକ ଲପନେ
ବାନ୍ଧି ମୋର ଅନ୍ତର ସପନେ
ଖୋଲ୍, ଚଞ୍ଚେ ମୋ ଚକିତ ଟିରକା,
ଆସ ଆସ ଉଜ୍ଜ୍ୱଳ ତାରକା ।

ସୁନ୍ଦର ହେଉନି ସିପ୍ରା ? ମତେ ଖୁବ୍ ଚମତ୍କାର ଲାଗୁଛି ।— ଆଜି ମୋର ରଚନା ଅପେକ୍ଷା ତୁମର ସ୍ୱର ତାକୁ ଅତି ମଧୁର କରିଦେଲା ।

ସିପ୍ରାର ମୁହଁରେ କୌଣସି ଭାଷା ନାହିଁ । କେବଳ ଆଖିରେ ତାର ଦୁଇବିନ୍ଦୁ ଅଶ୍ରୁ ।

ପରିସ୍ଥିତିକୁ ବଦଳେଇବା ପାଇଁ ମହେଶ ତାର ଭାବ ଓ ସ୍ୱର ପରିବର୍ତ୍ତନ କରି କହିଲା—

ହଁ, ସିପ୍ରା, ଆମ୍ଭର କେତେ ପରିବର୍ତ୍ତନ କରିଛି—ପ୍ରୋଗ୍ରାମ୍‌ର । ସେ କାଶ୍ମୀର ଯିବାଟା ଏକଦମ୍ କାଟିଦେଲି । ଯିବା ଦିଲ୍ଲୀ ।

ଦିଲ୍ଲୀ ?

ଚମକିପଡ଼ି କହିଉଠିଲା ସିପ୍ରା । ପୁଣି କହିଲା—ନା, ନା, ଦିଲ୍ଲୀ ମୁଁ ଯିବି ନେଇଁ ।

ମହେଶ ଏତିକିବେଳେ ହସି ହସି କହିଲା ଖୁବ୍ ଶାନ୍ତଭାବରେ—

ଦିଲ୍ଲୀ ପରେ କଣ ପ୍ରୋଗ୍ରାମ୍ ଅଛି ଜାଣ ?

ସିପ୍ରା ଚକିତ ନୟନରେ ଅନାଇଲା ମହେଶର ମୁହଁକୁ । ମହେଶ ପୂର୍ବପରି ହସି ହସି କହିଲା—

ଓଡ଼ିଶା— ମାତୃଭୂମି !

ସିପ୍ରା ଅତି ଆହ୍ଲାଦିତ ହୋଇଉଠିଲା ଯେପରି ଏଥିରେ । ନାଇଁ, ନାଇଁ, ଆଉ କୋଉଠିକି ଯିବାନି, ସିଧା ସିଧା ଯିବା ଦେଶକୁ ।

ମହେଶ ମଧ୍ୟ ଖୁସିହେଲା ସିପ୍ରାର ଏ କଥାରେ । ସେ ପ୍ରସନ୍ନ-ଭାବରେ କହିଲା—

ଅଚ୍ଛା, ସିପ୍ରା, ଆମେ ବମ୍ବେ ଛାଡ଼ିବା, ଆଜ ବମ୍ବେର ବିଦାୟ ସଙ୍ଗୀତ କିଛି ଗାଇବା ନି ? ଯେଉଁ ବମ୍ବେରେ ମୁଁ ପାଇଲି ଅପ୍‌ସରୀ—ଯେଉଁ ବମ୍ବେରେ ମୁଁ ଦେଖିଲି ଉଜ୍ଜ୍ୱଳ ତାରକାର ସ୍ୱପ୍ନ, ସେହି ବମ୍ବେକୁ କଣ କିଛି କୃତଜ୍ଞତା ଜଣାଇବା ନି ?

ସିପ୍ରା ହସି ହସି କହିଲା—

ହୃଦୟରେ ଯାହା ଅନୁଭବ କରୁଛେ ତାହା ତ ବମ୍ବେପାଇଁ କୃତଜ୍ଞତା । ଭାଷାର ଆବଶ୍ୟକତା କ'ଣ ମହେଶବାବୁ ?

ନା, ସିପ୍ରା, ମୁଁ ଯେ କବି । ମତେ ପ୍ରକୃତି ପଠେଇଛି କଥା କହିବାକୁ, ମୁଁ ମୂକ ହେବି କପରି ? ବୁଢ଼ିଆଣୀ ସୂତା ନ କାଟି ରହିପାରେ ସିପ୍ରା ?—ହଁ ଆଉ ତମେ ମଧ୍ୟ ଗାୟିକା, କୋଇଲି କେବେଁ ନୀରବ ରହିପାରେ ବସନ୍ତ ଆସିଲେ ? ଆମର ଦେଶ ପ୍ରତ୍ୟାବର୍ତ୍ତନର ବସନ୍ତ ଯେ ଆମର ଦ୍ୱାରରେ କରାଘାତ କଲାଣି, ସିପ୍ରା !

ସିପ୍ରା ତାର ମୁହଁକୁ ଆନନ୍ଦର ଅତିଶଯ୍ୟରେ ବୁଲାଇଦେଲା ଯେପରି—ଖୁବ୍ ବଡ଼ ଆଉ ସାନ ହୋଇଆସିଲା ତା'ର ଆକାର କ୍ଷଣକ ପାଇଁ । ସେ ହସ ଚୁପି ଖୁବ୍ ମିଠାସ୍ୱରରେ କହିଲା—

ଆଜିରୁ ତା' ହେଲେ ଅଭିନୟ ଲେଖା ସରିଛି, ଖାଲି ପ୍ଲେ ହେବାକୁ ବାକି ।

ମହେଶ ଉତ୍ସାହର ସହିତ କହିଉଠିଲା—

ତମେ ଜାଣି ନା ସିପ୍ରା, ଜଗତର ସବୁ କଥା ଯେ—ପ୍ରି-ଡିଟେର-ମିଣ୍ଡ, ନ ହେଲେ ତମେ କିଏ, ମୁଁ କିଏ । ଆଉ ଘରେ ଶୋଇବା

ଲେକ ବା ଇଣ୍ଡିଆ ଟୁର୍ କରିବାକୁ ସ୍ୱପ୍ନ ଦେଖନ୍ତା କାହିଁକି ? ହେଲେ ଏଥି ସେହି ଗୀତଟା, ଖୁବ୍ ଭଲ ସୁର ଦବ ଏକା, ନ ହେଲେ ଲମ୍ବେ ଲାଗିବ ଯେ !

ସିପ୍ରାକୁ ଖାତାଟା ବଢ଼େଇଦେଇ କ୍ଷଣକ ପରେ ପୁଣି କହିଲା ମହେଶ—

ଅଚ୍ଛା, ତମେ ଏଇଟା ସୁର୍ କର । ମୁଁ ଗୋଟା ସ୍ୱଦେଶକୁ ଅଭିନନ୍ଦନ ଜଣେଇ ସଙ୍ଗୀତ ଲେଖେ ।

ମହେଶ ଆସି ପଲଙ୍କ ଉପରେ ପଡ଼ି କ୍ରମେ ଲେଖିବାକୁ ଲାଗିଲା—

ମାତୃ-ଭୂମି ହେ, ମୋର ମହୀୟସୀ
ହେ ଜନନୀ ସ୍ୱର୍ଗହୁଁ ଗରୀୟସୀ·····

ମହେଶ, ମୁଁ ଆସିଛି ମହେଶ୍ !

ମହେଶ କବିତାରୁ ମୁହଁ ଉଠେଇ ଦେଖିଲା, ବିପିନ୍ । ସେ ଆନନ୍ଦରେ ଉଠିଆସି ବିପିନ୍‌କୁ ଧରିପକାଇ କହିଲା—

ତୁ କେତେବେଳେ ଆସିଲୁ, ବିପିନ୍ ? ବସ୍ ବସ୍, ତୋ ସାଙ୍ଗରେ କେତେ କଥା ଅଛି । ହଁ ଜାଣିଲୁ ନା ବିପିନ୍·····ଆରେ—ସିପ୍ରା, ବିପିନ୍ ଆଇଛି ଯେ !

ହଁ ଜାଣିଲି ଯେ, ଷ୍ଟିମର୍ ଯାଉଛି ବିପିନ୍ ବାବୁ, ଅପେକ୍ଷା କରନ୍ତୁ—

କହୁ କହୁ ହସି ହସି ଆସି ପହଞ୍ଚିଲା ସିପ୍ରା । ଗୋଟିଏ ସୁନ୍ଦର-ଭଙ୍ଗୀରେ ନମସ୍କାର କରି ଦଖଲ କଲା ଗୋଟିଏ ଚେୟାର୍ ।

ହଁ, ବିପିନ୍, ଆମେ ଶୀଘ୍ର ଓଡ଼ିଶା ଫେରିଯାଉଛୁ ।—ହଁ ଗୋଟା କଥା ତତେ କହିବାକୁ ଥିଲା, ତୁ ରାଗିବୁନୁ ବିପିନ୍ ?

ମହେଶ କହିଲା, ଆଉ ହସି ହସି ଉତ୍ତର ଦେଲା ବିପିନ୍—

ଅରେ ରାଗିଲେ କ'ଣ ହେଲା, ଯ୍ୟା' ବୋଲି ତୁ ଆଉ କଥା କହିବୁନି ନା ? କ'—କ'—କ'ଣ ଚାହୁଁ ?

ମୁଁ କହିବାକୁ ଚାହେଁ ଯେ ତତେ ଯଦି ଗୋଟା ଲିଫ୍ଟ୍ ଦିଆଯାଏ ତୁ ଆକ୍‌ସେପ୍ଟ୍ କରିବୁନି ?

ମହେଶର ଏ କଥା ଶୁଣି ବିପିନ୍ ପୁଣି କହିଲା—

ତୋର ତ ଗୋଟା ନୂଆ ଢଙ୍ଗ ଦେଖୁଚି ଆଜି ମହେଶ ! ଏତେ ଭୂମିକା ଲେଖୁଚୁ କାହିଁକି କହିଲୁ ?

ତୁ କାଳେ ବିଷୟଟା ବୁଝିବାରେ ଭୁଲ୍ କରିବୁ ସେଇଥିପାଇଁ । ଆଚ୍ଛା, ଏଥର କହେ, ମୁଁ ଚାହେଁ, ତୁ ଏ ବମ୍ବେ ସର୍ଭିସ୍‌ଟା ଛାଡ଼ିଦେଇ ଚାଲ୍ ଓଡ଼ିଶା, ମାନେ ଆମ ସାଙ୍ଗରେ—ଏଇଟା ସିପ୍ରାର ଇଚ୍ଛା, ଆଉ ମୋର ବି । ମେନେଜର ତ ବୁଢ଼ା ହେଲେଣି, ଅବଶ୍ୟ ତାଙ୍କୁ ବିଦାୟ ଦେଇ ନୁହେଁ, ତାଙ୍କୁ ହୁଏତ ପେନ୍‌ସନ୍ ଭଲ ଦେଇ ତୋ ଉପରେ ମୁଁ ଭାର ଦେବାକୁ ଚାହେଁ ।

ବିପିନ୍ ନୀରବ । ସେ କିଛି କହିବାକୁ ଅପେକ୍ଷା ନ କରି ମହେଶ ପୁଣି ଆରମ୍ଭ କଲା—

ହଁ, ତୁ ତ କହୁଥିଲୁ, 'ତୁ ବା'ହେଇ ଗୋଟା ମସ୍ତ ସଂସାର ଫାନ୍ଦି ବସ, ମୁଁ ଯାଇଁ ସେଠି ମଜା କରିପାରିବି ।' ଏବେ ତ ସେଇଆ

ହେଲା, ତୁ ମଜା କରିବୁ କ'ଣ ବସ୍ତିରେ ବସି ? —ଗୁଲି—ଗୁଲି, ଆମ ସାଙ୍ଗରେ ଗୁଲି । ନ ଗଲେ ଜାଣିବୁ ନା, ମୋ ପାଖରେ ରିଭଲଭର୍ ଅଛି—

ବିପିନ୍ ହସି ଉଠିଲା ଏକାବେଳେକେ । ହସି ହସି ସେ କହିଲା ସିପ୍ରାକୁ ଲକ୍ଷ୍ୟ କରି—

ସିପ୍ରା ଦେବୀ, ଏ ଦୁଷ୍ଟଙ୍କଠାଁ ପିସ୍ତଲ୍‌ଟା ଜବତ୍ କରନ୍ତୁ । ନ ହେଲେ ଗୋଟା ଟ୍ରାଜେଡି କରିବସିବ କୋଉଦିନ ।

ସିପ୍ରା ଟିକେ ଗମ୍ଭୀର ହୋଇ କହିଲା—

ସତେ ତ, ସେ ଦିନେ କହୁଥିଲେ, "ବିପିନ ଯେଉଁଦିନ ଯାଇ ଗାଁ'ରେ କହିବୁଲିବ, 'ମହେଶ ଗୋଟା ବେଶ୍ୟାଟା ବସ୍ତିରୁ ଆଣି ଘରେ ପୂରେଇଛି', ସେହିଦିନ ମୁଁ ସମାଜର ଛାତିରେ ନିଶ୍ଚୟ ପିସ୍ତଲ୍ ମାରିବି ।"

କହି କହି ସିପ୍ରା ଗୁଲିଗଲା ଆର କୋଠରୀକୁ, ଯାଇଁ ବୀଣାରେ ଟିପ ଦେଲା ।

ଗୀତରେ ତୋର ଲଭି ଭାନୁ ଅସ୍ତ
ପଶ୍ଚିମେ ଡାକେ ତୋଳି ହସ୍ତ,
ମୁଗ୍ଧମନେ—
ପଶ୍ଚିମ ପଥ ତୋ ଚରଣେ
ନିତ୍ୟ ଫେନିଳ ମାଳେ ଚୁମ୍ବେ—

ବିପିନ୍ କ୍ଷଣକରେ ସିପ୍ରାର ସେହି କଥା ବିସ୍ମୃତ ହୋଇ ଶୁଣିଲା ତାର ଏହି ସୁମଧୁର କଣ୍ଠସ୍ୱର ।

ମହେଶ କହିଲା, ଏଇଟା ବସ୍ତିର ବିଦାୟ ସଙ୍ଗୀତ, ବିପିନ୍ ।